# ସଂଚାର
THE SANCHAR

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 33 | ISSUE 279 | ଭାଗ ୩୩ | ସଂଖ୍ୟା ୨୭୯
Thursday 1 January 2026 | Page 8 Rs. 5.00
ଭୁବନେଶ୍ୱର ଗୁରୁବାର ୧ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଆଇପିଏଲରୁ ବାଂଲାଦେଶୀ ଖେଳାଳିଙ୍କୁ ବାହାର କର ପୃଷ୍ଠା ୪




## ନିର୍ଣ୍ଣାୟକ ବର୍ଷ

ଆଜି ସାରା ଦେଶ ଇଂରାଜୀ ନୂଆବର୍ଷକୁ ଧୁମଧାମରେ ପାଳନ କରୁଛି, କ୍ୟାଲେଣ୍ଡରର ପୃଷ୍ଠା ଓଲଟାଇ ଭବିଷ୍ୟତର ସ୍ୱପ୍ନ ଆଙ୍କୁଛି। ନିଜ ପୂର୍ବ ପ୍ରତିବଦ୍ଧତାକୁ ସଶକ୍ତ କରିବା ସହ ପ୍ରତିଶ୍ରୁତିର ନୂତନ ଫର୍ଦ୍ଦ ଯୋଡ଼ିବାକୁ ଯାଉଛି। କିନ୍ତୁ ଓଡ଼ିଆ ନୂଆବର୍ଷରେ ସେହି ଉତ୍ସାହ ଓ ଉଦ୍ଦୀପନା କାହିଁକି କମ ପଡୁଛି, ତାହା ଚିନ୍ତାର ବିଷୟ। ଆଜିର ଏହି ଉତ୍ସବମୟ ଦିନରେ ସେ ପ୍ରସଙ୍ଗରେ ଆଲୋଚନା କରିବା ଉଚିତ୍ ନୁହେଁ; ବରଂ ନୂଆବର୍ଷର ନୂଆ ସଙ୍କଳ୍ପ ଓ ନୂଆ ସମ୍ଭାବନା କଥା କହିବା ଅଧିକ ପ୍ରାସଙ୍ଗିକତା ହେବ।

ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ଉଚ୍ଚ ଅଧିକାରୀମାନେ ଆଜିଠୁ ନୂଆ ସଙ୍କଳ୍ପ ନେବେ। ନୂଆବର୍ଷରେ ରାଜ୍ୟର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଦାୟିତ୍ୱ ଗ୍ରହଣ କରିବେ, ଯାହା ରାଜ୍ୟ ପ୍ରଶାସନିକ ଇତିହାସରେ ଆତ୍ମବିଶ୍ୱାସର ଏକ ନୂଆ ଅଧ୍ୟାୟ। ମହିଳା ସଶକ୍ତିକରଣ ଯେଉଁ ନାରା ନବୀନ ପଟ୍ଟନାୟକ ଦେଇଥିଲେ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାକୁ କାର୍ଯ୍ୟରେ ରୂପାନ୍ତରିତ କରିଛନ୍ତି। ମହିଳା ଉପମୁଖ୍ୟମନ୍ତ୍ରୀ, ମହିଳା ବାଚସ୍ପତି, ମହିଳା ମୁଖ୍ୟ ଶାସନ ସଚିବ ଓ ରାଜ୍ୟପାଳଙ୍କ ସଚିବ; ଚାରୋଟି ସାମ୍ବିଧାନିକ ଓ ପ୍ରଶାସନିକ ମୁଖ୍ୟ ପଦବୀରେ ମହିଳା ନେତୃତ୍ୱ। ମହିଳା ସଶକ୍ତିକରଣ ଯାଠାରୁ ବଡ଼ ଉଦାହରଣ କିଛି ହୋଇନପାରେ।

ସରକାର ଗଠନର ପ୍ରଥମ ଦିନରୁ ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହା ଲକ୍ଷ ଲକ୍ଷ ମହିଳାଙ୍କୁ ଆର୍ଥିକ ସଶକ୍ତୀକରଣର ବାଟ ଦେଖାଇଛି। ସାଧାରଣ ନାଗରିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଅଭିଯୋଗ ଦାଖଲର ସୁଯୋଗ ପ୍ରଶଂସନୀୟ ଲୋକତାନ୍ତ୍ରିକ ବ୍ୟବସ୍ଥା। ବାଲେଶ୍ୱରର ଛାତ୍ରୀ ଆତ୍ମହତ୍ୟା ଘଟଣା ହେଉ କି ଧଉଳିର ଗଣଦୁଷ୍କର୍ମ ଅଭିଯୋଗ, ପୁଲିସ ରାଜନୈତିକ ଚାପରୁ ମୁକ୍ତ ହୋଇ କାମ କରୁଛି। ଶିଳ୍ପାୟନ ଓ ଭିତ୍ତିଭୂମି ବିକାଶରେ ଯୋଜନା ପରେ ଯୋଜନା ବିକଶିତ ଓଡିଶା ଗଠନର ସ୍ୱପ୍ନକୁ ଦୃଢ଼ କରୁଛି। କିଛି ମାସ ତଳେ ଆରଏସଏସର ବରିଷ୍ଠ ନେତା ପ୍ରସନ୍ନ ମିଶ୍ରଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଅଧଘଣ୍ଟା ଅପେକ୍ଷା କରାଇଦେବା ବେଶ ଆଲୋଡ଼ନ ସୃଷ୍ଟି କରିଥିଲା। କିନ୍ତୁ ଏହାଦ୍ୱାରା ସେ ପ୍ରମାଣିତ କରାଇଥିଲେ କି ସରକାର ଓ ଦଳ ଅଭିନ୍ନ କିନ୍ତୁ ଅଲଗା। ଏପରିକି ନିଜେ ମୁଖ୍ୟମନ୍ତ୍ରୀ ମଧ ତୃତୀୟ ମହଲାକୁ ଦଳୀୟ ନେତାଙ୍କ ଅଯଥା ଅନୁପ୍ରବେଶରେ ରୋକ ଲଗାଇଛନ୍ତି। ନୂଆବର୍ଷରେ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଉତ୍ସବର ଆଡ୍ଡା ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅତ୍ୟନ୍ତ ସ୍ୱାଗତଯୋଗ୍ୟ।

ମାତ୍ର ଦେଢ଼ବର୍ଷରେ ଏଭଳି ସଫଳତା କିଛି ଛୋଟ କଥା ନୁହେଁ। ତଥାପି କାହିଁକି ସମାଜର ସବୁ ସ୍ତରରେ ଏକ ଅସନ୍ତୋଷର ଛାୟା ଦେଖାଯାଉଛି ? ସରକାର ସଠିକ୍ ଢଙ୍ଗରେ କାର୍ଯ୍ୟ କରୁଥିବା ଭଳି କାହିଁକି ଅନୁଭବ ହେଉନାହିଁ? ଏହି ପ୍ରଶ୍ନର ଉତ୍ତର ଖୋଜିବାର ସମୟ ଆସିଛି। ସରକାର ଓ ପ୍ରଶାସନର ନାଡ଼ି ଧରିଥିବା ନେତା ଓ ଅଧିକାରୀମାନଙ୍କୁ ଆତ୍ମଚିନ୍ତନର ଆବଶ୍ୟକତା ରହିଛି। କାରଣ ୨୦୨୬ ଓଡ଼ିଶା ସରକାରଙ୍କ ପାଇଁ ଏକ ମହତ୍ୱପୂର୍ଣ୍ଣ ଓ ଭବିଷ୍ୟତ ନିର୍ଦ୍ଧାରକ ବର୍ଷ ହେବାକୁ ଯାଉଛି।

ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଶାସନ ଭାର ଗ୍ରହଣ କରି ଏବେ ଅଠର ମାସ ଅତିକ୍ରମ କରିସାରିଛି। ଅର୍ଥାତ ହନିମୁନ୍ ପିରିଅଡ୍ ସରିଯାଇଛି। ଆଉ ପୂର୍ବ ସରକାରକୁ ଦୋଷାରୋପ କରିବାର ସମୟ ନାହିଁ। କେନ୍ଦ୍ରରେ ବିଜେପି, ରାଜ୍ୟରେ ବି ବିଜେପି - ଏହି ଡବଲ୍ ଇଞ୍ଜିନ ସରକାରର ଡବଲ୍ ସ୍ପିଡ୍ ଓଡିଶାବାସୀଙ୍କ ଅନୁଭୂତିରେ ପରିଣତ ହେବା ଜରୁରୀ। ଦେଢ ବର୍ଷ ଭିତରେ ନିଗମ ଓ ଓକିଲ ନିଯୁକ୍ତି ସମ୍ପୂର୍ଣ୍ଣ ନହେବା କର୍ମୀଙ୍କ ମନୋବଳକୁ ଦୁର୍ବଳ କରୁଛି। ତେଣୁ ସରକାରଙ୍କ ପାଖରେ ଏଇ ଗୋଟିଏ ବର୍ଷର ସମୟ ନିଜର ଦକ୍ଷତା ପ୍ରତିପାଦିତ କରିବା ସହ ଓଡିଆ ଅସ୍ମିତାର ପ୍ରତିଷ୍ଠା କରିବା ପାଇଁ। ୨୦୨୭ରେ ପଞ୍ଚାୟତ ଓ ପୌର ନିର୍ବାଚନ ହେବାର ସମ୍ଭାବନା ରହିଛି। ୨୦୨୮ ମଧଭାଗରୁ ସରକାର ନିର୍ବାଚନ ମୁହାଁ ହେବେ। ୨୦୨୪ରେ ବିଜେପିକୁ ଯେଉଁ ସଫଳତା ମିଳିଥିଲା ସେହି ଧାରା ଯଦି ପଞ୍ଚାୟତରେ ପ୍ରତିଫଳିତ ନହୁଏ ତେବେ ୨୦୨୯ ପୁଣି ଏକ ଇତିହାସ ଲେଖିବ।

ଗୋଟିଏ ସଫଳତାରେ ମଦମସ୍ତ ହୋଇ ବିରୋଧୀଙ୍କୁ ଅଣଦେଖା କରିବା ମଧ ରାଜନୀତିରେ ଶୁଭଙ୍କର ନୁହେଁ। 'ଯୋ ଦିଖ୍‌ତା ହେ ୱ ବିକତା ହେ' ଭଳି ସରକାରଙ୍କ ସଫଳତା ଲୋକଙ୍କ ପାଖରେ ପହଞ୍ଚିବାର ସମୟ ଆସିଛି। ଏଥିପାଇଁ ସରକାରୀ ସ୍ତରରେ ଯେତିକି ଉଦ୍ୟମ ହେବାର ଆବଶ୍ୟକତା ରହିଛି, ଦଳୀୟ ସ୍ତରରେ ମଧ ସେତିକି ପ୍ରତିବଦ୍ଧତା ରହିବା କଥା। କେନ୍ଦ୍ରରେ ମୋଦି-ଶାହାଙ୍କ ରଣନୀତିକୁ ରାଜ୍ୟ ବିଜେପି ଅନୁକରଣ କରିବା ଆବଶ୍ୟକ। କେବଳ ପାଞ୍ଚ ବର୍ଷ ପାଇଁ କ୍ଷମତାକୁ ଆସିବା ଲକ୍ଷ୍ୟ ହେବା ଅନୁଚିତ। ଆସନ୍ତା ଦୁଇ ଦଶନ୍ଧୀ ପାଇଁ ରୋଡମ୍ୟାପ ପ୍ରସ୍ତୁତ ହେବା ଉଚିତ।

■ ଅଜିତ୍ କୁମାର୍ ଦାଶ



ଶହୀଦ ମାଧୋ ସିଂଙ୍କ ବଳିଦାନ ବିଶ୍ୱ ପାଇଁ ବିରଳ: ମୁଖ୍ୟମନ୍ତ୍ରୀ

## ଘେଁସ କଲେଜ ମାଧୋ ସିଂଙ୍କ ନାମରେ ନାମିତ

**ଭୁବନେଶ୍ୱର,୩୧।୧୨ (ସଂଚାର ବ୍ୟୁରୋ):** ବରଗଡ ଜିଲ୍ଲା ଘେଁସଠାରେ ରାଜ୍ୟସ୍ତରୀୟ ବୀରତା ଦିବସ ଏବଂ ଶହୀଦ ମାଧୋ ସିଂହଙ୍କ ସ୍ମୃତି ସମାରୋହ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଘେଁସ ଗ୍ରାମରେ ଶହୀଦଙ୍କ ସ୍ମାରକୀ ପ୍ରତିଷ୍ଠା ହେବ ଏବଂ ଏଥିରେ ତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ସହିତ ଏକ ସ୍ୱାଗତ ତୋରଣ, କମ୍ୟୁନିଟି ସେଣ୍ଟର ପ୍ରତିଷ୍ଠା କରାଯିବ ବୋଲି କହିଛନ୍ତି। ଏଥିପାଇଁ ୬.୨୬ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ସରକାର ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨୫ ଜଣ ବରପୁତ୍ରଙ୍କ ଜନ୍ମପୀଠର ବିକାଶ କରୁଛନ୍ତି। ଏହି ଯୋଜନାରେ ୧୫ କୋଟି ଟଙ୍କା ବିନିଯୋଗରେ ଶହୀଦ ମାଧୋ ସିଂହଙ୍କ ଜନ୍ମପୀଠ ଓ ଗ୍ରାମର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଘେଁସ କଲେଜକୁ ଶହୀଦ ମାଧୋ ସିଂହ ସ୍ମାରକୀ ମହାବିଦ୍ୟାଳୟ ନାମରେ ନାମିତ କରାଗଲା ବୋଲି ଘୋଷଣା କରିଛନ୍ତି। ଏଥି ସହିତ ୪ କୋଟି ୪୦ ଲକ୍ଷ ୫୯ ହଜାର ଟଙ୍କା ବ୍ୟୟରେ ୧୦୦ ଆସନ ବିଶିଷ୍ଟ ଏକ ଆଧୁନିକ ଅର୍ବାନ ମଡର୍ଣ୍ଣ ଗାର୍ଲସ ହଷ୍ଟେଲ ମଧ ନିର୍ମାଣ କରାଯିବ ଏବଂ ଘେଁସ କଲେଜକୁ ସମ୍ପୂର୍ଣ୍ଣ ନୂଆ ରୂପରେ ବିକାଶ କରାଯିବ ବୋଲି ସେ ଘୋଷଣା କରିଥିଲେ। ➪ପୃଷ୍ଠା-୬

- ଘେଁସର ମହାନାୟକଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରାଯିବ
- ଘେଁସରେ ନିର୍ମାଣ ହେବ ଶହୀଦ ମାଧୋ ସିଂହ ସ୍ମାରକୀ, ଅତ୍ୟାଧୁନିକ ଗାର୍ଲସ ହଷ୍ଟେଲ

● ଓଡ଼ିଶା ପ୍ରଶାସନରେ ନୂଆ ଅଧ୍ୟାୟ

## ଆଜିଠୁ ଦାୟିତ୍ୱ ନେଲେ ଅନୁ ଗର୍ଗ



**ଭୁବନେଶ୍ୱର,୩୧।୧୨ (ସଂଚାର ବ୍ୟୁରୋ):** ପ୍ରଥମ ମହିଳା ଭାବେ ଓଡ଼ିଶା ପ୍ରାଶାସନିକ ମୁଖ୍ୟ ଭାବେ ଦାୟିତ୍ୱ ନେଲେ ବରିଷ୍ଠ ଆଇଏଏସ ଅଫିସର ଅନୁ ଗର୍ଗ। ପ୍ରଶାସନରୁ ଶାସନ, ସବୁଠି ମହିଳାଙ୍କୁ ଗୁରୁଦାୟିତ୍ୱ ଦେଇ ମହିଳା ସଶକ୍ତିକରଣର ବାର୍ତ୍ତା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଅନ୍ୟପଟେ ମନୋଜଙ୍କ ଷ୍ଟାଇଲରେ ଟିମୱର୍କରେ ବିଶ୍ୱାସ କରୁଥିବା ଅନୁ ପ୍ରଥମେ କେଉଁ ଟାସ୍କକୁ ନେଇ ଆଗକୁ ବଢ଼ିବେ ତାହା ଉପରେ ପୂରା ରାଜ୍ୟର ନଜର।

- ସ୍ୱପ୍ନର ଓଡ଼ିଶା ଗଠନକୁ ପ୍ରାଥମିକତା
- ଏସିଏସ୍ ପାହ୍ୟାକୁ ଗଲେ ଅରବିନ୍ଦ ପାଢ଼ୀ



ପୁରୁଣା ବର୍ଷକୁ ବିଦାୟ ସହ ନୂଆ ମୁଖ୍ୟ ଶାସନ ସଚିବ ପାଇଛି ଓଡ଼ିଶା। ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବେ ➪ପୃଷ୍ଠା-୬

## ପୁରୀ ହେଲା ମହାନଗର ନିଗମ

**ଭୁବନେଶ୍ୱର,୩୧।୧୨(ସଂଚାର ବ୍ୟୁରୋ):** ଆଜିଠାରୁ ପୁରୀ ପୌରପାଳିକା ମହାନଗର ନିଗମରେ ପରିଣତ ହୋଇଛି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ସମ୍ପର୍କିତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ଭାରତ ବର୍ଷର ଏକ ପ୍ରସିଦ୍ଧ ତୀର୍ଥସ୍ଥଳୀ ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ପୁରୀ। ଏଠାରେ ପ୍ରତିଦିନ ଦେଶବିଦେଶର ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ। ପୁରୀବାସିନ୍ଦା, ଭକ୍ତ ଓ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ମାନର ସୁବିଧା ଉପଲବ୍ଧ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ➪ପୃଷ୍ଠା-୬





TPCODL | TPNODL | TPSODL | TPWODL
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ)
ଆପଣଙ୍କ ପାଇଁ, ଆପଣଙ୍କ ସହିତ, ସର୍ବଦା






ନବ ବର୍ଷ-୨୦୨୬ ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଓ ଶୁଭେଚ୍ଛା ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



ଇଂରାଜୀ ନୂଆବର୍ଷ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ନୂଆବର୍ଷ ୨୦୨୬ ଉପଲକ୍ଷେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖମୟ ହେଉ । ୨୦୨୬ ବର୍ଷ ଓଡ଼ିଶା ପାଇଁ ଶାନ୍ତି, ପ୍ରଗତି ଓ ସମୃଦ୍ଧିର ବର୍ଷ ହେଉ । ଆସନ୍ତୁ, ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-73

SANCHAR ସଂଚାର

# ବିପଦର ବନ୍ଧୁ ସଂଗ୍ରାମଙ୍କ ପାଇଁ ପଟ୍ଟାମୁଣ୍ଡାଇ ଗର୍ବିତ



**ପଟ୍ଟାମୁଣ୍ଡାଇ,୩୧।୧୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଛରା ପଚାଂୟତର ମଣ୍ଡପଡ଼ା ଗ୍ରାମର ଯୁବ ସମାଜସେବୀ ସଂଗ୍ରାମ ସାମଲ (ଦିପୁ) ପଟ୍ଟାମୁଣ୍ଡାଇ ଠାରୁ ଆରମ୍ଭ କରି ଦିଲ୍ଲୀ ପର୍ଯ୍ୟନ୍ତ ଗରୀବ ଶ୍ରେଣୀର ଲୋକମାନଙ୍କୁ ସାହାଯ୍ୟର ହାତ ବଢ଼ାଇଥିବା ସଂଗ୍ରାମ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଓ ପ୍ରଶଂସାପତ୍ର ସାଉଁଟିବା ସହିତ ପ୍ରିୟପାତ୍ର ହୋଇଛନ୍ତି। ଦିଲ୍ଲୀର ବହୁ ଓଡିଆ ଓ ଅଣଓଡିଆ ସଂଗଠନ ପକ୍ଷରୁ ତାଙ୍କର ସେବା ମନବୃତି ଓ ନିଃସ୍ୱାର୍ଥପର ଭାବେ ସାଧାରଣ ଲୋକଙ୍କ ସେବା କରି ବହୁ ପ୍ରଶଂସିତ ହୋଇଛନ୍ତି।

ସମଗ୍ର ବିଶ୍ୱକୁ ଯେତେବେଳେ କରୋନା ମହାମାରୀ କବଳିତ କରିଥିଲା ସେତେବେଳେ ପ୍ରବାସୀ ଓଡିଆଙ୍କର ସାହାଭରସା ଥିଲା ସଂଗ୍ରାମ। ନିଜ ଜୀବନକୁ ପଛରେ ପକାଇ କେନ୍ଦ୍ରାପଡ଼ା, ଆଳି, ପଟ୍ଟାମୁଣ୍ଡାଇ ଅଚଂଳର ବହୁ ଲୋକ କରୋନା ସମୟରେ ବିଦେଶରୁ ଫେରିବା ବାଟରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବା ସ୍ଥଳେ ସଂଗ୍ରାମ ଦେବଦୂତ ସାଜି ସେମାନଙ୍କୁ ନିଜସ୍ୱ ଖର୍ଚ୍ଚରେ ଦିଲ୍ଲୀ କୋଟଲାରେ ଫସି ରହିଥିବା ଲୋକମାନଙ୍କୁ ନିସ୍ୱାର୍ଥପର ଭାବେ ଓଡ଼ିଶାକୁ ପଠାଇବାରେ ବହୁ ସାହାଯ୍ୟ କରିଥିଲେ। ତାଙ୍କ ନିଜସ୍ୱ ବାସଭବନ ମଣ୍ଡପଡ଼ା ଗ୍ରାମରେ ଗରୀବ ଶ୍ରେଣୀର ଲୋକମାନଙ୍କୁ ବର୍ଷାଦିନରେ ଛତା ବାଟିଂବା ସହିତ ଶୀତଦିନରେ କମ୍ବଳ ଆଦି ଶୀତବସ୍ତ୍ର ବାଟିଂ ଗରୀବଙ୍କ ପାଇଁ ଦେବଦୂତ ସାଜିଛନ୍ତି। ଦିଲ୍ଲୀର ଶ୍ରୀ ଜଗନ୍ନାଥ ଏକତା ସଂଘ ପକ୍ଷର କରୋନା ଯୋଦ୍ଧା ସମ୍ମାନରେ ସମ୍ମାନୀତ ହୋଇଥିବାସ୍ଥଳେ ଦିଲ୍ଲୀର ଓଡ଼ିଶା ଗଣେଶ ପୂଜା ସମିତି ତରଫରୁ କୋଭିଡ-୧୯ ଫାଇଟର ସମ୍ମାନରେ ସମ୍ମାନୀତ ହୋଇଛନ୍ତି। ଓଡ଼ିଶା ଓ ଦିଲ୍ଲୀର ବିଭିନ୍ନ ସଂଗଠନ ତରଫରୁ ତାଙ୍କର ସେବା ମନୋବୃତି ପାଇଁ ଆଜି ପଟ୍ଟାମୁଣ୍ଡାଇ ଅଚଂଳ ଗର୍ବିତ।

# ପାରାଦୀପ ମହୋତ୍ସବ ଉଦ୍‌ଯାପିତ



**ପାରାଦୀପ,୩୧।୧୨ (ସଂଚାର ବ୍ୟୁରୋ):** ମହାନ ଜନନାୟକ , ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କର ୧୦୧ତମ ଜନ୍ମଜୟନ୍ତୀ ଅବସରରେ ଆୟୋଜିତ ପାରାଦୀପ ମାହୋତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ଅଟଳ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ବିଧାୟକ ତଥା ଓଡିଶା ସରକାରଙ୍କ ଶିଳ୍ପ ଏବଂ ଦକ୍ଷତା ବିକାଶ ତଥା ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟିତ କରିଛନ୍ତି। ବାଜପେୟୀ ବ୍ୟକ୍ତି ନୁହନ୍ତି ଏକ ବିଚାରଧାରା ଥିଲେ, ତାଙ୍କ ରାଜନୈତିକ ଜୀବନରେ ସେ କରି ଯାଇଥିବା ଅନେକ ଘଟଣା ବାସ୍ତବରେ ବେଶ ପ୍ରେରଣା ଦାୟୀ ଓ ପରମାଣୁ ପରୀକ୍ଷଣ ଦିଗରେ ତାଙ୍କର ସାହସିକ କାର୍ଯ୍ୟ ସବୁବେଳେ ମନେ ରହିବ ବୋଲି ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁ ତାଙ୍କ ବକ୍ତବ୍ୟ ମାଧମରେ ପ୍ରକାଶ କରିଥିଲେ।

ଉଦ୍‌ଯାପିତ ଉତ୍ସବରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ତିର୍ତୋଲର ବିଜେପି ନେତା ରାଜକିଶୋର ବେହେରା, ଏରସମା ବାଲିକୁଦା ବିଜେପି ବିଧାୟକ ପାର୍ଥୀ ସତ୍ୟ ସାରଥୀ ମହାନ୍ତି, ପାରାଦ୍ୱୀପ ପୌର ଅଧକ୍ଷ ବସନ୍ତ ବିଶ୍ୱାଳ, ଅଟଳ ମେମୋରିଆଲ ଟ୍ରଷ୍ଟ ସମ୍ପାଦକ ସର୍ବେଶ୍ୱର ବଳିୟାରସିଂ, କାର୍ଯ୍ୟକାରୀ ସଭାପତି ସୁବ୍ରତ ପ୍ରଧାନଙ୍କ ସମେତ ବହୁ ଅତିଥି ଯୋଗଦେଇ ସ୍ୱର୍ଗତଃ ବାଜପେୟୀଙ୍କ ଗୁଣଗାନ କରିଥିଲେ।

ଏହି ଅବସରରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟ କର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବଜରଙ୍ଗ ପ୍ରସାଦ ସ୍ୱାଇଁ, ଦିଲ୍ଲୀପ ବଳିୟାରସିଂ, ସର୍ବେଶ୍ୱର ଜେନା, ଅର୍ଜିଲ ସିବା, ଦିଲ୍ଲୀପ ବେହେରା ପ୍ରମୁଖ ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ସ୍ମୃତିସଭା




**ନିଶ୍ଚିନ୍ତକୋଇଲି,୩୧।୧୨ (ସଂଚାର ବ୍ୟୁରୋ):** ଦାଉଦପୁର ପଞ୍ଚାୟତ ନଇଗୁଆଁ ସ୍ଥିତ ଭାସ୍କରମଣ୍ଡପରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ନିଶ୍ଚିନ୍ତକୋଇଲି ବ୍ଲକର ପ୍ରଥମ ଅଧକ୍ଷ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ୩୬ତମ ବାର୍ଷିକ ଶ୍ରାଦ୍ଧ ଦିବସ ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ପାଳିତ ହୋଇଛି। ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ପ୍ରଧାନ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ମନ୍ତ୍ରୀତ୍ୱ ସମୟରେ ସେ ଦ୍ୱୀପାଞ୍ଚଳରେ ବହୁ ବିକାଶମୂଳକ କାର୍ଯ୍ୟ କରିଥିବା ବେଳେ ରାଜ୍ୟରେ ଜଣେ ଉତ୍କର୍ଷ ମନ୍ତ୍ରୀ ଭାବେ ଖ୍ୟାତି ଅର୍ଜନ କରି ବେଶ୍ ଲୋକପ୍ରିୟ ହୋଇଥିଲେ ବୋଲି ପ୍ରକାଶ କରିଥିଲେ।

ଏହି ଅବସରରେ ବିଶିଷ୍ଟ ଚାଷୀ ମନ୍ଦରଧର ସେନ୍‌ଙ୍କୁ ସୁରେନ୍ଦ୍ର ପଟ୍ଟନାୟକ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସ୍ମୃତିସଭା ବୈଠକ ପୂର୍ବରୁ ବିଧାୟକ ଶ୍ରୀ ପ୍ରଧାନ ପୁନ୍ଦାନ ଶାଖା ନାଳର ନଇଁଗୁଆ ଓ ଗଡ଼ିଜଙ୍ଗଠାରେ ୪୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଦୁଇଗୋଟି ପକ୍କା ପୋଲର ଶିଳାନ୍ୟାସ କରିଥିଲେ। ଶେଷରେ ମଣ୍ଡଳ ସଭାପତି ବିନୋଦ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ବ୍ଲକ ପରିସରର ଥିବା ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ବିଧାୟକଙ୍କ ସହିତ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୱିବେନ୍ଦୁ ଦାସ ଓ ପଞ୍ଚାୟତ ସମିତି କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବିଜୟଙ୍କୁ ଛାତ୍ର ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ



**କେନ୍ଦ୍ରାପଡ଼ା, ୩୧।୧୨ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ବିଜୁ ଛାତ୍ର ଜନତାଦଳର ଛାମୁଆ ସଂଗଠକମାନଙ୍କୁ ନେଇ ନୂଆ ଟିମ୍ ଘୋଷଣା କରାଯଘାଇଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଛାତ୍ର ନେତା ବିଜୟ କୁମାର ମଣ୍ଡଳ(ଜାନୁ)ଙ୍କୁ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ ଶ୍ରୀ ମଣ୍ଡଳ ବିଜେଡିର ଯୁବ ଓ ଛାତ୍ର ସଂଗଠନର ସ୍ୱଚାରୁରୂପେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ଏହି ନିଯୁକ୍ତି ନିମନ୍ତେ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି ।

# ରାଜନଗରରେ ସି ଫୁଡ଼ ପ୍ରୋସେସିଂ ପ୍ଲାଣ୍ଟ ପାଇଁ ଦାବି

**ରାଜନଗର,୩୧।୧୨(ସଂଚାର ବ୍ୟୁରୋ):** ଧାମରା ମୁହାଣରୁ ବରୁଣେଇ ଯାଏ ପ୍ରଲମ୍ବିତ ଦୀର୍ଘ ବେଳାଭୂମି ଓ ବ୍ରାହ୍ମଣୀ, ବୈତରଣୀ ତଥା ଖରସ୍ରୋତାର ନଦୀ ଅବବାହିକା ଅଞ୍ଚଳ ଭାବରେ ପରିଚିତ ରାଜନଗରରେ ଏକ ସି-ଫୁଡ଼ ପ୍ରୋସେସିଂ ପ୍ଲାଣ୍ଟ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ହେଉଛି । ସ୍ଥାନୀୟ ଶିକ୍ଷାବିତ ତଥା ବିଶିଷ୍ଟ କଥାକାର ପ୍ରଦୀପ ନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ, ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଏହି ପ୍ଲାଣ୍ଟ ନିର୍ମାଣର ଅନୁକୂଳ ଭିତ୍ତିଭୂମି ଥିବା ଦର୍ଶାଯାଇ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବହୁ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ବଙ୍ଗୋପସାଗର ତଟବର୍ତ୍ତୀ ଅଞ୍ଚଳ ତଥା ନଦୀନାଳ ଘେରା ରାଜନଗରର ଆର୍ଥିକ ପ୍ରଗତିର ଆଧାର ଭାବରେ ଧାନ ଓ ମତ୍ସ୍ୟ ସମ୍ପଦକୁ ଗ୍ରହଣ କରାଯାଏ । ପ୍ରଚୁର ମାଛ ଏ ଅଂଚଳରେ ମିଳୁଥିବା ଦୃଷ୍ଟିରୁ ବାହାର ରାଜ୍ୟ ତଥା ବାହାର ଦେଶର ବ୍ୟବସାୟୀ ମାନେ ପ୍ରତ୍ୟେହ ଏହି ଅଂଚଳରୁ ମାଛ ସଂଗ୍ରହ କରି ଚାଲାଣ କରୁଥିବା ଦେଖାଯାଉଛି। ମାଛ ବିକ୍ରି କରି ଜୀବିକା ନିର୍ବାହ କରୁଥିବା ତଥା ସାମୟିକ ଭାବେ ମାଛ ଧରୁଥିବା ଲୋକ ଏହି ବେପାରୀ ମାନଙ୍କୁ ଉଚିତ ଦରରେ ବିକ୍ରି କରିପାରନ୍ତି ନାହିଁ। କମ୍ପାନୀ ଏଜେଣ୍ଟମାନେ ଅଳ୍ପ ଦର ଦେଇ ବହୁ ମୁନଫାର ମାଲିକ ହୁଅନ୍ତି। ତେବେ ଦୀର୍ଘଦିନରୁ ଏହି ବେସରକାରୀ ବ୍ୟବସ୍ଥା ଚାଲୁ ରହିଥିବା ବେଳେ ଏବଂ ଅଳ୍ପ କିଛି ମୁନଫାଖୋର ଏହାର ଲାଭ ଉଠାଉଥିବା ବେଳେ ଏଠାକାର ସଂଗୃହିତ ମାଛକୁ ନେଇ ରାଜନଗରରେ ଏକ ସାମୁଦ୍ରିକ ଖାଦ୍ୟ ପ୍ରକ୍ରୀୟାକରଣ ପ୍ଲାଣ୍ଟ ନିର୍ମାଣ କରାଗଲେ ଅନେକ କ୍ଷୁଦ୍ର ଓ ବୃହତ ମତ୍ସ୍ୟଜୀବୀ ଉପକୃତ ହୋଇ ପାରିବେ ଏବଂ କିଛି କର୍ମସଂସ୍ଥାନ ମଧ ସୃଷ୍ଟି ହୋଇପାରିବ। ଶିକ୍ଷାବିତ ଶ୍ରୀ ନାୟକଙ୍କ ମତରେ ରାଜନଗରରେ କୌଣସି ଶିଳ୍ପ ଅବା କ୍ଷୁଦ୍ର ଉଦ୍ୟୋଗ ନଥିବା ବେଳେ ସି ଫୁଡ଼ ପ୍ରୋସେସିଂ ପ୍ଲାଣ୍ଟ ପାଇଁ ଉପଯୁକ୍ତ ଭିତ୍ତିଭୂମି ରହିଅଛି। ତାଲଚୁଆ ଠାରେ ଏକ ଫିସେରୀ ବେସ ମଧ ରହିଅଛି। ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେବା ସହିତ କର୍ମସଂସ୍ଥାନର ପଥ ପ୍ରସ୍ତୁତ ପାଇଁ ସରକାର ଏ ଦିଗରେ ଆନ୍ତରିକତା ସହିତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଅଛନ୍ତି।

# ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ



**କେନ୍ଦ୍ରାପଡ଼ା,୩୧।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନ କପାଳେଶ୍ୱର ପଞ୍ଚାୟତର ଗରାପୁରସ୍ଥିତ ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି । ଏହି ଉତ୍ସବକୁ ବିଦ୍ୟା ମନ୍ଦିରର ପ୍ରତିଷ୍ଠାତ୍ରୀ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଉଦଘାଟନ କରି ପିଲାମାନଙ୍କୁ ନୈତିକ ଶିକ୍ଷା, ସମାଜସଂସ୍କାର ସହିତ ଖେଳକୁଦରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ । ଏଥିସହିତ ପ୍ଲାଷ୍ଟିକକୁ ବର୍ଜ୍ଜନ କରିବା, ସ୍ୱଚ୍ଛତା ରକ୍ଷା, ବିଦ୍ୟାଳୟ ଚର୍ତୁପାଶ୍ୱର୍ ସଫାସୁତୁରା ରଖିବା, ପାଣିକୁ ନଷ୍ଟ ନକରିବା, ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରିବା ଓ ଦୁଃଖିଦରିଦ୍ରଙ୍କ ସେବା କରିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଖେଳ ଦ୍ୱାରା ନିଜର ମାନସିକ ଓ ଶାରୀରିକ ଅଭିବୃଦ୍ଧି ଘଟିଥାଏ ବୋଲି ଶ୍ରୀମା କହିଥିଲେ। ଉପସଭାପତି ଡ. କାଳୀପ୍ରସନ୍ନ ଶତପଥୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଗୁରୁଜୀଗୁରୁମା ମାନେ ହେଉଛନ୍ତି ଏହି ଆଶ୍ରମ ସ୍କୁଲ ଭଳି ଏକ ଆଧାତ୍ମିକ ବିଦ୍ୟାଳୟର ଗଢି ଉଠୁଥିବା ଶିଖାର ସଙ୍ଗମସ୍ଥଳ ଭଳି । ଗୁରୁକୂଳ ବିଦ୍ୟାଳୟ ଭଳି ବିଦ୍ୟାଦାନ ଦେଉଥିବା ଏକ ଶାନ୍ତ ବାତାବରଣରେ ପିଲାମାନଙ୍କର ଶିକ୍ଷାଦାନ ଏବଂ ଖେଳକୁ ଶ୍ରୀମା ନିଜେ ନେତୃତ୍ୱ ଦେଇଛନ୍ତି । ପିଲାମାନେ ଦେଶ ଓ ଜାତିର ସୁନାଗରିକ ହେବା ପାଇଁ ଶ୍ରୀମାଙ୍କ ଅବଦାନ ଅତୁଳନୀୟ। ଏହି ବିଦ୍ୟାମନ୍ଦିରର ୫ଜଣ ପ୍ରାକ୍ତନ ଛାତ୍ର ଭାରତୀୟ ନୌସେନା ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା ବିଦ୍ୟାଳୟ ପାଇଁ ବଡ ଗୌରବର କଥା ବୋଲି ଡ. ଶତପଥୀ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ଦିନରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ । ଏହି ଉତ୍ସବରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ମାନେ ଉପସ୍ଥିତ ଥିଲେ ।

# ଗୋବନ୍ଧ୍ୟା ନିରାକରଣ ଓ ଗୋସ୍ୱାସ୍ଥ୍ୟ ସେବା ସଚେତନତା ଶିବିର




**ନିଶ୍ଚିନ୍ତକୋଇଲି,୩୧।୧୨(ସଂଚାର ବ୍ୟୁରୋ):** ବଡକ୍ଷୀର ପଞ୍ଚାୟତସ୍ଥିତ ଗୋପୀନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ମା' ବିଂଶଭୂଜା ଦୁଗ୍ଧ ଉତ୍ପାଦକ ମହିଳା ସମବାୟ ସମିତି ଆନୁକୂଲ୍ୟରେ ବୁଧବାର ଦିନ ଗୋବନ୍ଧ୍ୟା ନିରାକରଣ ଓ ସ୍ୱାସ୍ଥ୍ୟ ସେବା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏହି ଅଞ୍ଚଳର ୫୦ ଜଣ ଅଗ୍ରଣୀ ଗୋପାଳକମାନଙ୍କ ଗାଇଗୋରୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଗୋବନ୍ଧ୍ୟା ନିରାକରଣ ସଚେତନତା କାର୍ଯ୍ୟକ୍ରମରେ ସମାଜସେବୀ ପ୍ରତାପ କୁମାର ସିଂହଙ୍କ ପୌରୋହିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର. ପ୍ରକାଶ କୁମାର ବେଉରା, ଅତିରିକ୍ତ ମଣ୍ଡଳ ପ୍ରାଣୀଚିକିତ୍ସାଧିକାରୀ ଡାକ୍ତର. ରଶ୍ମି ରଞ୍ଜନ ମିଶ୍ର, ପରିବେଶବିତ୍ ପ୍ରମୋଦ କୁମାର ଦାଶ, ମାହାଙ୍ଗା ଓମ୍‌ଫେଡ଼ର ମାର୍ଗ ତତ୍ୱାବଧାରକ ସାନ୍ତନୁ ଶତପଥି, ପ୍ରାଣୀଧନ ନିରୀକ୍ଷକ ସୀତାଂଶୁ ଶେଖର ମହାପାତ୍ର, ଗୋଧନ ନିରୀକ୍ଷକ ପିତାମ୍ବର ପାତ୍ର ପ୍ରମୁଖ ଯୋଗଦାନ କରି ଗୋବନ୍ଧ୍ୟା ନିରାକରଣ ପ୍ରକ୍ରିୟା ଏବଂ ଉତ୍ତମ ଗୋପାଳନ ସଂକ୍ରାନ୍ତରେ ମାର୍ଗ ଦର୍ଶନ କରି ସଚେତନତା କରାଇଥିଲେ। ଶେଷରେ ମା' ବିଂଶଭୂଜା ଦୁଗ୍ଧ ଉତ୍ପାଦକ ମହିଳା ସମବାୟ ସମିତି ସଦସ୍ୟା ଅମ୍ରିତା ସିଂହ ଧନ୍ୟବାଦ ପ୍ରଦାନ କରିଥିଲେ।

# ସ୍ୱାସ୍ଥ୍ୟ ବିଭାଗ ଆଇଇସି ସାମଗ୍ରୀକୁ ଉଦ୍‌ଘାଟନ କଲେ ଜିଲ୍ଲାପାଳ



**କେନ୍ଦ୍ରାପଡ଼ା,୩୧।୧୨(ସଂଚାର ବ୍ୟୁରୋ):** ଜିଲ୍ଲାର ସ୍କୁଲ ମାନଙ୍କରେ କିଶୋର କିଶୋରୀଙ୍କ ପୁଷ୍ଟିକର ସ୍ୱାସ୍ଥ୍ୟ ସହିତ ଚକ୍ଷୁ ପରୀକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାପାଳ ରଘୁରାମ ଆର. ଆୟର ଖଡିଅଙ୍ଗସ୍ଥିତ ପୁରୁଣା ଡାକ୍ତରଖାନା ସମ୍ମିଳନୀ କକ୍ଷରେ ଆଇଇସି(ସୂଚନା ଶିକ୍ଷା ଯୋଗାଯୋଗ) ସମ୍ମିଳିତ ସାମଗ୍ରୀକୁ ଉଦଘାଟନ କରିଛନ୍ତି । ଶାରୀରିକ ଓ ମାନସିକ ଅଭିବୃଦ୍ଧି, ଭାବନାତ୍ମକ କୁଶଳତା ଓ ମାନିସିକ ସ୍ୱାସ୍ଥ୍ୟ, ଲିଙ୍ଗଗତ ସମାନତା, ପୋଷଣ ସ୍ୱାସ୍ଥ୍ୟ ଓ ପରିମଳ, ନାଗରିକତାର ମୂଲ୍ୟବୋଧ ଇତ୍ୟାଦି ଲେଖା ଥିବା ସଚେତନତା ବାର୍ତ୍ତା ଦ୍ୱାରା କିଶୋର କିଶୋରୀ ନିଶ୍ଚିତ ଭାବେ ଉପକୃତ ହେବେ ବୋଲି ବୈଠକରେ ମତପୋଷଣ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ମନୋରଞ୍ଜନ ରାଉତ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅଧକ୍ଷ ଡା.ପ୍ରମୋଦ କୁମାର ପ୍ରହରାଜ,ଏଡିପିଏଚଓ (ପରିବାର କଲ୍ୟାଣ )ଡା. ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଗୌରାଙ୍ଗ ଚରଣ ଗିରିଙ୍କ ସମେତ ଏଓ, ଏଫଓ, ଡିପିଏମ, ଡିପିଏଚସିଓ, ଏଡିଇଓ ଏବଂ ସିଡିପିଓ ପ୍ରମୁଖ ଉପସ୍ଥିତ ଥିଲେ ।

# ଅପହୃତା ଦୁଇ ନାବାଳିକା ଛାତ୍ରୀ ଉଦ୍ଧାର

**ରାଜନଗର,୩୧।୧୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ତାଲଚୁଆ ସାମୁଦ୍ରିକ ଥାନା ଅଂଚଳର ଦୁଇଜଣ ଅପହୃତା ନାବାଳିକା ଛାତ୍ରୀ ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଉଭୟଙ୍କୁ ସାମୁଦ୍ରିକ ଥାନା ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି । ରଙ୍ଗଣୀ ପଚାଂୟତର ଜଣେ ଦଶମ ଶ୍ରେଣୀ ଛାତ୍ରୀକୁ ପଟ୍ଟାପାରିଆ ଗ୍ରାମର ଜ୍ୟୋତି ଦଳାଇ ଅପହରଣ କରି ତାଙ୍କ ଘରକୁ ନେଇଯାଇଥିବା ନେଇ ନାବାଳିକାର ପିତା ଅଭିଯୋଗ କରିଥିଲେ। ପୁଲିସ ଏହି ଅଧାରରେ ଚଢ଼ାଉ କରି ସଂପୃକ୍ତ ଛାତ୍ରୀକୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଯୁବକକୁ ଥାନାରେ ଅଟକ ରଖିଛି।

ସେହିପରି ଏହି ଥାନା ଅନ୍ତର୍ଗତ କୃଷ୍ଣନଗର ପଚାଂୟତ ଅନ୍ତର୍ଗତ ଜନୈକା ନାବାଳିକା କଲେଜ ଛାତ୍ରୀକୁ ଶୈଳେନ୍ଦ୍ରନଗର ଗ୍ରାମର ରାଧାକାନ୍ତ ପରିଡା ଅପହରଣ କରିଥିବା ନେଇ ୨୫ତାରିଖରେ ଛାତ୍ରୀର ପିତା ଅଭିଯୋଗ କରିଥିଲେ। ପୁଲିସ ରାଜ୍ୟ ବାହାରକୁ ଚାଲିଯାଇଥିବା ସଂପୃକ୍ତ ନାବାଳିକା ଉଦ୍ଧାର କରିବା ସହ ଅପହରଣ କରିଥିବା ରାଧାକାନ୍ତକୁ ଧରିବା ଅନୁସନ୍ଧାନ ଜାରି ରହିଛି ବୋଲି ଆଇଆଇସି ବିମଳକୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଏହି ଦୁଇଟି ଘଟଣାରେ ପୃଥକ ପୃଥକ ଭାବେ ୧୩୨/୨୫ ଓ ୧୭୨/୨୫ରେ ଦୁଇଟି ମାମଲା ରୁଜୁ ହୋଇଛି ।

# ବେଳାଭୂମି ସଫେଇ ଓ ସଚେତନତା କାର୍ଯ୍ୟକ୍ରମ



**ରାଜନଗର,୩୧।୧୨(ସଂଚାର ବ୍ୟୁରୋ):** ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ପେଣ୍ଠ ବେଳାଭୂମିରେ ବଣଭୋଜି କରିବା ସହିତ ମଉଜ ମଜଲିସ କରି ଫେରି ଯାଇଛନ୍ତି । ସେମାନେ ବ୍ୟବହାର କରିଥିବା ପଲିଥିନ, ଥାଳି ପ୍ରଭୃତି ବର୍ଜ୍ୟବସ୍ତୁ ଯୋଗୁଁ ବେଳାଭୂମି ଆବର୍ଜନାରେ ପରିଣତ ହୋଇଥିଲା । ନିକଟରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧିକ୍ଷକ ସିଦ୍ଧର୍ଥ କଟାରିଆ ପେଣ୍ଠ ବେଳାଭୂମିକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ସ୍ଥାନୀୟ ପ୍ରଶାସନ, ପଲିସ ଓ ବନବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ବୁଧବାର ଦିନ ବନବିଭାଗ ପକ୍ଷରୁ ସହକାରୀ ବନସଂରକ୍ଷକ ଗଗନବିହାରୀ ମଲ୍ଲିକ, ଗବେଷକ ପ୍ରସନ୍ନକୁମାର ନାୟକ, ରାଜନଗର ରେଞ୍ଜ ଅଫିସର ଚିତରଂଜନ ବେଉରା, ଫରେଷ୍ଟର ବିଜୟକୁମାର ପାତ୍ର, ଫରେଷ୍ଟର ତ୍ରିଦୀପ ପ୍ରଧାନ, ସବିତା ବେହେରା, ସଙ୍ଗୀତା ସ୍ୱାଇଁ, ଦୋଳଗୋବିନ୍ଦ ନାୟକଙ୍କ ସହ ବନକର୍ମଚାରୀ, ଯୁକେ ମହାବୀର ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସାବିତ୍ରୀଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ପେଣ୍ଠ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବେଳାଭୂମିକୁ ସଫେଇ କରିଥିଲେ । ପ୍ରଥମେ ସମସ୍ତେ ଶପଥପାଠ କରିଥିଲେ । ପରେ ସଫେଇ କରାଯାଇଥିଲା । ବେଳାଭୂମିରେ ବହୁ ସଂଖ୍ୟାରେ ଉଠା ଦୋକାନୀମାନଙ୍କୁ ବାରଣ କରାଯାଇଛି। ବେଳାଭୂମି ପ୍ରଦୂଷଣ ନକରିବା ପାଇଁ ସଚେତନ କରାଯାଇଛି ।

# ବଟଗୋସ୍ୱାମୀ ଉଚ୍ଚ ବିଦ୍ୟାଳୟ ୨୦୦୩ ବ୍ୟାଚର ବନ୍ଧୁମିଳନ

**ସାଲେପୁର,୩୧।୧୨(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଅନ୍ତର୍ଗତ ବାସୁଦେବପୁର ଗ୍ରାମର ବଟଗୋସ୍ୱାମୀ ଉଚ୍ଚ ବିଦ୍ୟାଳୟ ର ୨୦୦୩ ବର୍ଷ ର ଛାତ୍ର ଛାତ୍ରୀ ମାନଙ୍କ ବନ୍ଧୁ ମିଳନ କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଯାଇଛି ।ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ନିକଟସ୍ଥ ରାମେଶ୍ୱର ପାହାଡ ଉପରେ କରାଯାଇଥିଲା । ଏହି ବନ୍ଧୁ ମିଳନ କାର୍ଯ୍ୟକର୍ମ ରେ ପାଖା ପାଖି ୨୫ଜଣରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ଏହି ଅବସରରେ ସଞ୍ଜୟ ଦାସ, ପ୍ରକାଶ ଦାସ, ସିଦ୍ଧାର୍ଥ ରଞ୍ଜନ ପତି, କେଦାର ନାୟକ ଜନ୍ମେଜୟ ମହାରଣା, ଅର୍ଚ୍ଚନା ଦାସ, ହରେନ ଦତ୍ତ, ନିରୁପମା ମହାନ୍ତି, ସସ୍ମିତା, ନିରୁପମା, ତ୍ରିପାଠୀ, ଚନ୍ଦନା ଗାହାଣ, ବିଭୁତି ଭୂଷଣ ମହାନ୍ତି, ମନୋରଞ୍ଜନ, ଅଜୟ ସାହୁ, ପୁନାନନ୍ଦ ବେହେରା, ଜନ୍ମେଜୟ ପାତ୍ର, ତନ୍ମୟ, ରଘୁନାଥ ପାତ୍ର, ସନ୍ତୋଷ ପାତ୍ର ଙ୍କ ସମେତ ସମସ୍ତେ ନିଜ ନିଜର ପାରିଶ୍ରମିକ ଜୀବନ ରୁ କିଛି କ୍ଷଣ ବିରତି ନେଇ ଦୀର୍ଘ ଦିନ ପରେ ଭେଟ ଘାଟ ହେବାପରେ ଭାବବିହ୍ୱଳ ହୋଇ ପଡ଼ିଥିଲେ । ସମସ୍ତ ବନ୍ଧୁ ପିଲା ବେଳର ପୁରୁଣା ସ୍ମୃତି ମନେ ପକାଇବା ସହ ଏହି ମିଳନ ସବୁ ବର୍ଷ ଚାଲିବ ବୋଲି କଥା ହୋଇଥିଲେ। ଏହା ପରେ ସମସ୍ତ ପିଲା ନାଚ ଗୀତ ରେ ଝୁମିବା ସହ ପ୍ରସ୍ତୁତ ହୋଇଥିବା ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ଖାଇ ଢେର ସାର ମନୋରଞ୍ଜନ କରିଥିଲେ ।



# ନାଟ୍ୟକାର ଅନନ୍ତ ଓଝାଙ୍କ ଶ୍ରାଦ୍ଧବାର୍ଷିକ ପାଳିତ



**କେନ୍ଦ୍ରାପଡା, ୩୧।୧୨ (ସଂଚାର ବ୍ୟୁରୋ):** ନାଟ୍ୟକାର ଅନନ୍ତ ଓଝାଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ତାଙ୍କ ଗାଁ କେନ୍ଦ୍ରାପଡ଼ା ବୀର ନୀଳକଣ୍ଠପୁର ଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ଓଡିଶାର ବହୁ ପ୍ରତିଷ୍ଠିତ କଳାକାର ଓ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡ଼ିଆ ମନୋରଞ୍ଜନ ଜଗତର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ହୋଇ ଅନନ୍ତ ଓଝାଙ୍କ ନାଟ୍ୟ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ସିନେମା ଓ ଯାତ୍ରା ଜଗତର ପ୍ରଖ୍ୟାତ କଳାକାର ମାନଙ୍କୁ ଦେଖିବା ପାଇଁ ଅନନ୍ତ ଓଝାଙ୍କ ଗାଁରେ ଲୋକମାଙ୍କର ବେଶ୍ ଭିଡ ଜମିଥିଲା । ଓଡ଼ିଆ ସିନେ ଓ ଯାତ୍ରା ଜଗତର ବିଶିଷ୍ଟ କଳାକାର ତଥା ନିର୍ଦ୍ଦେଶକ ମାନେ ଉପସ୍ଥିତ ଥିଲେ । ଦିବଙ୍ଗତ ନାଟ୍ୟକାର ଅନନ୍ତ ଓଝାଙ୍କର ସ୍ମୃତି ସଭାରେ ଏମାନେ ସମସ୍ତେ ଏକାଠି ହୋଇଛନ୍ତି । ଏଭଳି ଏକ ସଭା ଆୟୋଜନ ହୋଇଛି ଅନନ୍ତ ଓଝାଙ୍କ ଜନ୍ମଭୂମି କେନ୍ଦ୍ରାପଡାର ବୀରନୀଳକଣ୍ଠ ପୁର ଗାଁରେ ।

ସ୍ୱର୍ଗତ ଅନନ୍ତ ଓଝାଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଆୟୋଜିତ ଭବ୍ୟ ଉତ୍ସବରେ ଭୁବନେଶ୍ୱର ସ୍ଥିତ ସମ୍ ହସ୍ପିଟାଲ ଚିଫ କାଡିଆନ ଡାକ୍ତର ଆଶୁତୋଷ ମିଶ୍ର, ପ୍ରବଚକ ସରଣାବିନ୍ଦ ଓଝା, ଯାତ୍ରା ଅଭିନେତା ଦୈତାରୀ ପଣ୍ଡା ଓ ବରିଷ୍ଠ ସାମ୍ବାଦିକ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନନ୍ତ ଓଝାଙ୍କ ନାଟ୍ୟ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ ।

**ଚନ୍ଦନ ସ୍ମାରକୀ ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ଶ୍ରୀ ଜଗନ୍ନାଥକୁ ହରାଇ ବ୍ଲେଜର୍ ୱାରିୟସ୍ ଚମ୍ପିୟାନ



**ରାଜକନିକା ,୩୧।୧୨(ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ଦେଉଳତରା ଲକ୍ଷ୍ମୀନାରାୟଣ ଖେଳ ପଡିଆ ଠାରେ ଚାଲିଥିବା ଚନ୍ଦନ ସ୍ମାରକୀ ପ୍ରିମିୟମ କ୍ରିକେଟ୍ ପ୍ରତିଯୋଗୀତାରେ ଆଜି ବ୍ଲେଜର୍ ୱାରିୟସ୍ ଦଳ ଚମ୍ପିୟାନ ହୋଇ ଚଳିତ ବର୍ଷର ମର୍ଯ୍ୟାଦା ଜନକ ଟ୍ରଫି ହାସଲ କରିଛି। ସୂଚନା ଅନୁଯାୟୀ ଆଜି ଏହି ଲିଗ୍ ର ଫାଇନାଲ ଖେଳରେ ପ୍ରଥମେ ଟସ୍ ଜିତି ଶ୍ରୀ ଜଗନ୍ନାଥ କ୍ରିକେଟ୍ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ଖେଳର ୧୮ତମ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୪ ରନ୍ ସଂଗ୍ରହ କରିଥିବା ଜବାବ ରେ ବ୍ଲେଜର୍ ୱାରିୟସ୍ କିନ୍ତୁ ରକ୍ଷଣାତ୍ମକ ଭଙ୍ଗିରେ ଖେଳ ଖେଳି ସେଇ ୧୮ ଓଭରରେ ୧୨୫ ରନ୍ କରି ବିଜୟୀ ହୋଇଥିଲା। ମ୍ୟାନ ଅଫ୍ ମ୍ୟାଚ ଭାବେ ନିତିନ୍ ଦାସ,ମ୍ୟାନ ଅଫ୍ ସିରିଜ୍ ରେ ପ୍ରତାପ ଜେନା ଯୋଗ୍ୟ ବିବେଚିତ ହୋଇ ପୁରସ୍କୃତ ହୋଇଛନ୍ତି। ମୁଖ୍ୟ ଅତିଥି ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନଳିନୀକାନ୍ତ ରାଉତ ଯୋଗ ଦେଇ ବିଜୟୀ ବ୍ଲେଜିଙ୍ଗ୍ ୱାରିୟସ ଦଳକୁ ଟ୍ରଫି ସହ ୩୦ ହଜାର ଓ ରନର୍ସ ଅପ୍ ଦଳ ଶ୍ରୀ ଜଗନ୍ନାଥ ଟିମ୍ କୁ ଟ୍ରଫି ସହ ୧୫ ହଜାର ଆର୍ଥିକ ରାଶି ପ୍ରଦାନ କରିଥିଲେ।

# ରବିନାରାୟଣ ଆଚାର୍ଯ୍ୟ ମହାକାଳପଡାର କାମଚଳା ବିଡିଓ



**ମହାକାଳପଡ଼ା,୩୧।୧୨(ସଂଚାର ବ୍ୟୁରୋ):** ବଦଳି ନିର୍ଦ୍ଦେଶର ୧ ମାସ ପରେ ମହାକାଳପଡ଼ାର ତତ୍କାଳୀନ ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ବୁଧବାର ଗାଦି ଛାଡିଛନ୍ତି। ତାଙ୍କ ବଦଳରେ ସଞ୍ଜିବ କୁମାର ସାହୁଙ୍କୁ ବିଭାଗ ପକ୍ଷରୁ ଅବସ୍ଥାପିତ ପାଇଁ ଚିଠି କରିଥିଲେ ମଧ ସେ ଏପର୍ଯ୍ୟନ୍ତ ଦାୟିତ୍ୱ ଗ୍ରହଣ କରି ନାହାଁନ୍ତି। ଯାହା ଫଳରେ ପ୍ରଶାସନ ନୂତନ ଭାବେ ମହାକାଳପଡ଼ାର ତହସିଲଦାର ଭାବେ ଯୋଗ ଦେଇଥିବା ରବିନାରାୟଣ ଆଚାର୍ଯ୍ୟଙ୍କୁ ବିଡ଼ିଓ ପଦବୀ ମୁଣ୍ଡେଇ ଦେଇଛି। ନୂତନ ବିଡିଓ କାର୍ଯ୍ୟରେ ଯୋଗ ଦେଇନଥିବା ପର୍ଯ୍ୟନ୍ତ ଶ୍ରୀ ଆଚାର୍ଯ୍ୟ ତହସିଲଦାର ଦାୟିତ୍ୱ ସମେତ ମହାକାଳପଡ଼ା ବିଡ଼ିଓ ଦାୟିତ୍ୱ ତୁଲାଇବେ ବୋଲି ପ୍ରଶାସନ ସୂଚନା ଦେଇଛି। ଲାଗୁଛି ମହାକାଳପଡ଼ା ବିଡ଼ିଓ ପଦବୀ ଉପରେ ଯେମିତି ଗ୍ରହଣ ଲାଗି ଯାଇଛି। ଲାଗିବନି ବା କେମିତି ? କାହିଁକିନା ବିଡ଼ିଓ ଯୋଗଦେବାର ମାସ କେଇଟା ଯାଉନି ହେଲେ ବିଡ଼ିଓ ବଦଳି। ଯାହାର ଛକାପଞ୍ଝା ଖେଳ ମହାକାଳପଡ଼ାବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରୁଛି। ସେ ସମୟର ମହାକାଳପଡ଼ା ବିଡ଼ିଓ ସାଗର ନନ୍ଦଙ୍କ ଅଚାନକ ବଦଳି ପରେ ଖାଲି ପଡିଥିଲା ବିଡ଼ିଓ ପଦବୀ। ମହାକାଳପଡ଼ାର ତହସିଲଦାର ଭାବେ କାର୍ଯ୍ୟ କରୁଥିବା ଶିବ ମଲ୍ଲିକଙ୍କୁ ଭାରା ପ୍ରାପ୍ତ ବିଡ଼ିଓ ଭାବରେ ଅତିରିକ୍ତ ଦାୟିତ୍ୱ ମୁଣ୍ଡେଇ ଦେଇଥିଲା ପ୍ରଶାସନ।

# ଶ୍ରୀମନ୍ଦିର କ୍ୟାଲେଣ୍ଡରରେ ଏକାଧିକ ତ୍ରୁଟି



- ଚିତ୍ରରେ ଓଲଟା ବସିଛନ୍ତି ମହାପ୍ରଭୁ
- ତ୍ରିମୂର୍ତ୍ତିଙ୍କ ପାଖରେ ନାହାନ୍ତି ଶ୍ରୀସୁଦର୍ଶନ
- ଅଭିଯୋଗ ପରେ ବିକ୍ରି ବନ୍ଦ
- କ୍ଷମା ମାଗିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ,୩୧।୧୨(ସଂଚାର ବ୍ୟୁରୋ): ଶ୍ରୀମନ୍ଦିର କ୍ୟାଲେଣ୍ଡରରେ ବିରାଟ ଭୁଲ। ଇଂରାଜୀ ନବବର୍ଷ ପାଇଁ ଛପା ହୋଇଥିବା କ୍ୟାଲେଣ୍ଡରରେ ବଡ଼ ବିଭ୍ରାଟ ଦେଖିବାକୁ ମିଳିଛି। ଚିତ୍ରରେ ଓଲଟା ବସିଛନ୍ତି ମହାପ୍ରଭୁ। ଏଥିସହ ଶ୍ରୀବିଗ୍ରହଙ୍କୁ ଚତୁର୍ଦ୍ଧା ମୂରତି କୁହାଯାଉଥିବା ବେଳେ ତ୍ରିମୂର୍ତ୍ତିଙ୍କ ପାଖରେ ନାହାନ୍ତି ଶ୍ରୀସୁଦର୍ଶନ। ଶ୍ରୀମନ୍ଦିର ପ୍ରଶାସନର ଏମିତି ତ୍ରୁଟି ନିଶ୍ଚିତ ଭାବେ ଅକ୍ଷମଣୀୟ ବୋଲି କହି ଅନେକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

୨୦୨୬ କ୍ୟାଲେଣ୍ଡରରେ ଶ୍ରୀମନ୍ଦିର ପ୍ରଶାସନର ଗୁରୁତର ତ୍ରୁଟି ସଭିଙ୍କୁ ଚକ୍କିତ କରିଛି। କ୍ୟାଲେଣ୍ଡରରେ ଜଗନ୍ନାଥଙ୍କ ସ୍ଥାନରେ ବଳଭଦ୍ର ଓ ବଳଭଦ୍ରଙ୍କ ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଚିତ୍ର ଥିବା ଏକ ଫଟୋକୁ ଶ୍ରୀମନ୍ଦିର ପ୍ରଶାସନ କ୍ୟାଲେଣ୍ଡର ୨୦୨୬ରେ ସ୍ଥାନ ଦିଆଯାଇଛି। ସେହିପରି ରଥଯାତ୍ରାର ଏକ ଫଟୋ ମଧ କ୍ୟାଲେଣ୍ଡରରେ ରହିଥିବା ବେଳେ ସେଥିରେ ମଧ ତ୍ରୁଟି ଦେଖିବାକୁ ମିଳିଛି। ପ୍ରଥମେ ସୁଭଦ୍ରାଙ୍କ ରଥ, ପରେ ଜଗନ୍ନାଥଙ୍କ ରଥ ଏବଂ ଶେଷରେ ଶ୍ରୀବଳଭଦ୍ରଙ୍କ ରଥ ଟଣା ଯାଉଥିବାର ସମ୍ପର୍କିତ ଚିତ୍ରର ଏକ ଫଟୋ ମଧ କ୍ୟାଲେଣ୍ଡରରେ ସ୍ଥାନ ପାଇଥିବା ଅଭିଯୋଗ ହେଉଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶିତ ୨୦୨୬ କ୍ୟାଲେଣ୍ଡରରେ ଏଭଳି ତ୍ରୁଟିକୁ ଜଗନ୍ନାଥ ପ୍ରେମୀ ଓ ଶ୍ରୀମନ୍ଦିର ସେବାୟତ ସମାଲୋଚନା କରିଛନ୍ତି। କ୍ୟାଲେଣ୍ଡର ଛପା ହେବା ପୂର୍ବରୁ କାହା ପରାମର୍ଶରେ ଶ୍ରୀମନ୍ଦିର ପ୍ରଶାସନ ଏଭଳି ତ୍ରୁଟିପୂର୍ଣ୍ଣ ଫଟୋ କ୍ୟାଲେଣ୍ଡରରେ ସ୍ଥାନ ଦେଇଛି ତାକୁ ନେଇ ସେବାୟତମାନେ ପ୍ରଶ୍ନ ଉଠାଇଛନ୍ତି। ତେବେ କ୍ୟାଲେଣ୍ଡର ବିବାଦ ବଢ଼ିବା ପରେ ବନ୍ଦ ହୋଇଛି କ୍ୟାଲେଣ୍ଡର ବିକ୍ରି। ଶ୍ରୀମନ୍ଦିର ପ୍ରଶାସନ ସୂଚନା କେନ୍ଦ୍ରରେ ଆଉ ମିଳୁନି କ୍ୟାଲେଣ୍ଡର। ଘଟଣାକୁ ନେଇ କ୍ଷମା ପ୍ରାର୍ଥନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଶହ ଶହ ବର୍ଷ ତଳର ଏହା ଏକ ଚିତ୍ର କଳାକୃତି। ଏହି ତାଳପତ୍ରରେ ଅଙ୍କିତ ଫଟୋ ଚିତ୍ରକୁ ଓଡ଼ିଶା ରାଜ୍ୟ ମ୍ୟୁଜିୟମରୁ ସଂଗ୍ରହ କରାଯାଇ ଇଂରାଜୀ ନବବର୍ଷ କ୍ୟାଲେଣ୍ଡରରେ ସ୍ଥାନିତ କରାଯାଇଛି। କିନ୍ତୁ ଏହା ସାଂପ୍ରତିକ ସ୍ଥିତି ନୁହେଁ। ଏହା ସେତେବେଳର ଜଣେ ଚିତ୍ରଶିଳ୍ପୀଙ୍କ ଚିତ୍ରକଳା, ଏହାକୁ ଜଗନ୍ନାଥ ପ୍ରେମୀ ଭୁଲ ବୁଝିବେନାହିଁ ବୋଲି ଆଶା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ସେ କ୍ଷମା ପ୍ରାର୍ଥନା କରିଛନ୍ତି। ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଶ୍ରୀମନ୍ଦିର କ୍ୟାଲେଣ୍ଡରରେ ତ୍ରୁଟି ନେଇ ଗଣମାଧ୍ୟମରୁ ଜାଣିବାକୁ ପାଇଲି। ସେ ବାବଦରେ ମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହିତ ଆଲୋଚନା କରିଛି। ତା'ର ତଦାରଖ କରାଯିବ। ତ୍ରୁଟି କାହିଁକି ହେଲା ତାକୁ ଦେଖାଯିବ। ପରିବର୍ତ୍ତନର ଯାହା ବ୍ୟବସ୍ଥା ଥିବ ତାକୁ କରାଯିବ ବୋଲି ସେ କହିଛନ୍ତି।

### ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ବିଭାଗୀୟ ସମୀକ୍ଷା

# କ୍ରୟ ହେଲାଣି ୧୦ ଲକ୍ଷରୁ ଅଧିକ ମେଟ୍ରିକ ଟନ ଧାନ




**ରାଜ୍ୟରେ ୧୦ ଲକ୍ଷ ମେଟ୍ରିକ ଟନ କ୍ଷମତା ଗୋଦାମ ନିର୍ମାଣ**

ଭୁବନେଶ୍ୱର ୩୧।୧୨(ସଂଚାର ବ୍ୟୁରୋ): ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭାଗୀୟ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ରାଜ୍ୟରେ ଜାରି ଖରିଫ ଧାନକିଣା ଋତୁରେ ଏ ପର୍ଯ୍ୟନ୍ତ ୧୮ଟି ଜିଲ୍ଲାର ପ୍ରାୟ ୨ ଲକ୍ଷ ୨୮ ହଜାର ଚାଷୀଙ୍କଠାରୁ ପ୍ରାୟ ୧୦ ଲକ୍ଷ ମେଟ୍ରିକ ଟନ ଧାନ କିଣାଯିବା ସହ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ପାଖାପାଖି ୧୭୨୦ କୋଟି ଟଙ୍କା ଓ ଇନପୁଟ ସହାୟତା ବାବଦକୁ ୫୫୨ କୋଟି ଟଙ୍କା ଚାଷୀମାନଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଥିବା ସେ ଅବଗତ କରାଇଥିଲେ।

ରାଜ୍ୟରେ ଧାନ କିଣାକୁ ତ୍ୱରାନ୍ୱିତ କରିବା ସହ ଚାଷୀମାନଙ୍କ ସ୍ୱାର୍ଥ ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନିୟମିତତାର ଅଭିଯୋଗ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟପକ୍ଷରେ ରାଜ୍ୟରେ ୧୦ ଲକ୍ଷ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଗୋଦାମ ନିର୍ମାଣ ଉପରେ ଆଲୋଚନା ହୋଇଥିଲା। ପ୍ରାଥମିକ ଭାବେ ୪ ଲକ୍ଷ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଗୋଦାମ ନିର୍ମାଣ ପାଇଁ ସରକାର ଅନୁମୋଦନ କରିଥିବା ବେଳେ ଆଉ ୬ ଲକ୍ଷ କ୍ଷମତା ବିଶିଷ୍ଟ ଗୋଦାମ ନିର୍ମାଣ ପାଇଁ ପ୍ରସ୍ତାବ ଦେବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସେହିଭଳି ଧାନକିଣାରୁ ଉତ୍ପାଦିତ ବଳକା ଚାଉଳକୁ ଭାରତୀୟ ଖାଦ୍ୟ ନିଗମକୁ ପ୍ରଦାନ କରିବା ବିଷୟରେ ମଧ ଆଲୋଚନା ହୋଇଥିଲା।

### ୩ରେ ଜାନକୀ ବାବୁଙ୍କ ଜନ୍ମ ଶତବାର୍ଷିକୀ

## କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ହେବ ଉତ୍ସବ



ଭୁବନେଶ୍ୱର,୩୧।୧୨(ସଂଚାର ବ୍ୟୁରୋ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୦୦ ତମ ଜନ୍ମ ଜୟନ୍ତୀ ସମାରୋହର ଉଦ୍ଘାଟନ ଉତ୍ସବ ଆସନ୍ତା ଜାନୁଆରୀ ମାସ ୩ ତାରିଖ ଦିବା ୧୧ ଘଟିକା ସମୟରେ ଭୁବନେଶ୍ୱରର ସ୍ଥିତ ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ ପଡ଼ିଆ ପରିସରରେ ଜାନକୀ ବଲ୍ଲଭ ଜନ୍ମ ଶତବାର୍ଷିକୀ କମିଟି ପକ୍ଷରୁ ପାଳନ କରାଯିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଶତବାର୍ଷିକ କମିଟିର ଅଧ୍ୟକ୍ଷ ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଓଡ଼ିଶାର ବିକାଶକୁ ଆଗେଇ ନେବାରେ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୀବନୀ ତଥା ଓଡ଼ିଶାର ବିକାଶ ସମ୍ପର୍କିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର, ଫଟୋଚିତ୍ର ପ୍ରଦର୍ଶନୀ ସହିତ ଏକ ସଂକ୍ଷିପ୍ତ ପୁସ୍ତକ ଉନ୍ମୋଚନ କରାଯିବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧିଦଳ ନେତା ନବୀନ ପଟ୍ଟନାୟକ, ବିଭିନ୍ନ ବର୍ଗର କେନ୍ଦ୍ରବର୍ଗଙ୍କ ସମେତ ଭାରତ ତଥା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶିଳ୍ପଦ୍ୟୋଗୀ, ଶିକ୍ଷାବିତ୍, ସମାଜସେବୀ, ସାହିତ୍ୟିକ, ସମସ୍ତ ଦଳର ରାଜନେତା, ସଂସ୍କୃତି ପ୍ରେମୀ ତଥା ବିଭିନ୍ନ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଅତିଥି ରୂପେ ଯୋଗଦାନ କରିବା ପାଇଁ ନିମନ୍ତ୍ରିତ କରାଯାଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି।

## ସଙ୍ଗୀତକାର ଅଭିଜିତ ବିପଦମୁକ୍ତ



ଭୁବନେଶ୍ୱର,୩୧।୧୨(ସଂଚାର ବ୍ୟୁରୋ): ଓଲିଉଡର ଲୋକପ୍ରିୟ ସଙ୍ଗୀତକାର ଅଭିଜିତ ମଜୁମଦାର ଏବେ ବିପଦମୁକ୍ତ ଅଛନ୍ତି। ଆଗାମୀ ଦୁଇଦିନ ଭିତରେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯିବ। ଏନେଇ ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏମ୍ସର ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ଆଜି ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଅଗଷ୍ଟ ୩୧ ତାରିଖରେ କଟକ ସିଡିଏ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଅଭିଜିତ। ଅନେକ ଦିନରୁ ଲିଭର ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହୋଇ ଆସୁଥିଲେ। ଏହାପରେ ଗତ ସେପ୍ଟେମ୍ବର ୪ ତାରିଖରେ ଅଭିଜିତ ମଜୁମଦାରଙ୍କୁ ଭୁବନେଶ୍ୱର ଏମ୍ସକୁ ଅଣାଯାଇଥିଲା। ସେଠାରେ ତାଙ୍କର ନିରନ୍ତର ଚିକିତ୍ସା ଚାଲିଛି।

### ବାୟୁ ପ୍ରଦୂଷଣ ସ୍ତର ଚିନ୍ତାଜନକ

## ବିପଦରେ କଟକ, ଭୁବନେଶ୍ୱର

ଭୁବନେଶ୍ୱର,୩୧।୧୨(ସଂଚାର ବ୍ୟୁରୋ): ଓଡ଼ିଶାର ବାୟୁ ପ୍ରଦୂଷଣ ସ୍ତର ଏବେ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜାରି ସଦ୍ୟତମ ତଥ୍ୟ ଅନୁଯାୟୀ, ରାଜଧାନୀ ଭୁବନେଶ୍ୱର ଓ କଟକ ସମେତ ରାଜ୍ୟର ଚାରିଟି ପ୍ରମୁଖ ସହରର ବାୟୁ ଗୁଣବତ୍ତା 'ଅତି ଖରାପ' ଶ୍ରେଣୀଭୁକ୍ତ ହୋଇଛି। ବୁଧବାର କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ପ୍ରକାଶିତ ଏୟାର କ୍ୱାଲିଟି ଇଣ୍ଡେକ୍ସ ରିପୋର୍ଟ ଅନୁସାରେ ଓଡ଼ିଶାର ବାଲେଶ୍ୱର, ଭୁବନେଶ୍ୱର, ବ୍ୟାସନଗର ଓ କଟକରେ ବାୟୁ ପ୍ରଦୂଷଣ ମାତ୍ରା ଅତ୍ୟଧିକ ବଢ଼ିଯାଇଛି। ଦେଶର ଯେଉଁ ୧୬ଟି ସହରର ବାୟୁ ଗୁଣବତ୍ତା 'ଅତି ଖରାପ' ଶ୍ରେଣୀରେ ରହିଛି, ସେଥିମଧରେ ଓଡ଼ିଶାର ଏହି ୪ ସହର ସାମିଲ ଅଛନ୍ତି। ପରିବେଶବିତ୍ ଓ ବିଶେଷଜ୍ଞଙ୍କ ମତରେ, ବାୟୁର ମାନ 'ଅତି ଖରାପ' ରହିବା ଦ୍ୱାରା ଶ୍ୱାସକ୍ରିୟା ଜନିତ ସମସ୍ୟା ବଢ଼ିବାର ଆଶଙ୍କା ରହିଛି।

# ରାଜ୍ୟପାଳଙ୍କୁ ବିଦାୟୀ ମୁଖ୍ୟ ଶାସନ ସଚିବଙ୍କ ସାକ୍ଷାତ




ଭୁବନେଶ୍ୱର, ୩୧।୧୨(ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ଭାବେ ନିଜ କାର୍ଯ୍ୟକାଳର ଶେଷ କାର୍ଯ୍ୟ ଦିବସରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ତାଙ୍କ ସହଧର୍ମିଣୀ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଆରତୀ ଆହୁଜାଙ୍କ ସହିତ ବୁଧବାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ରାଜଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ କମିଶନର-ତଥା- ଶାସନ ସଚିବ ରୂପା ରୋଶନ ସାହୁ ମଧ ଏହି ସାକ୍ଷାତ ସମୟରେ ଉପସ୍ଥିତ ଥିଲେ। ଏହି ସାକ୍ଷାତ ଅବସରରେ ରାଜ୍ୟର ପ୍ରଶାସନିକ ଅଗ୍ରଗତି ଏବଂ ଶ୍ରୀ ଆହୁଜାଙ୍କ କାର୍ଯ୍ୟକାଳରେ ନିଆଯାଇଥିବା ପ୍ରମୁଖ ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଶ୍ରୀ ଆହୁଜାଙ୍କ ଓଡ଼ିଶା ପ୍ରତି ସେବାମୂଳକ କାର୍ଯ୍ୟକୁ ରାଜ୍ୟପାଳ ପ୍ରଶଂସା କରିବା ସହ ତାଙ୍କ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ।

ମୁଖ୍ୟ ଶାସନ ସଚିବ ଭାବରେ ଶ୍ରୀ ଆହୁଜାଙ୍କ କାର୍ଯ୍ୟକାଳରେ ଦକ୍ଷ ଶାସନ, କଲ୍ୟାଣକାରୀ ଯୋଜନାର ସମୟୋଚିତ କାର୍ଯ୍ୟାନ୍ୱୟନ ଏବଂ ଦୃଢ଼ ପ୍ରଶାସନିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ବିଭାଗ ମଧ୍ୟରେ ତାଙ୍କର ସମନ୍ୱିତ ଆଭିମୁଖ୍ୟ ଏବଂ ଉନ୍ନତ ସେବା ଯୋଗାଣ ଉପରେ ଗୁରୁତ୍ୱ ସ୍ଥାୟୀ ଶାସନ ସଂସ୍କାର ଏବଂ ବିକାଶମୂଳକ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ସହାୟକ ହୋଇଥିଲା।

# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପାଇଁ ଓଡ଼ିଶା ଲଜ୍ଜିତ

### ୧୮ ମାସରେ ୪୦,୯୪୭ ମହିଳା ବିରୋଧୀ ଅପରାଧ ମାମଲା

ଭୁବନେଶ୍ୱର, ୩୧।୧୨(ସଂଚାର ବ୍ୟୁରୋ): ଗତ ୧୮ ମାସର ବିଜେପି ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ସହିତ ଓଡ଼ିଶା ସାରା ଦେଶରେ ନିନ୍ଦିତ ଓ ଲଜ୍ଜିତ ହୋଇଛି ବୋଲି ବିଜୁ ଜନତା ଦଳ କହିଛି। ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟାରେ ଏହି



୧୮ ମାସରେ ଅହେତୁକ ବୃଦ୍ଧି ପାଇଛି ବୋଲି ବିଜେଡି ତଥ୍ୟ ଉପସ୍ଥାପନ କରିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ଦଳର ଜାତୀୟ ମୁଖପାତ୍ର ଡ଼ ସସ୍ମିତ ପାତ୍ର ଓ ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଆଇନଶୃଙ୍ଖଳା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତାର ଏକ ଲମ୍ବା ତାଲିକା ପ୍ରଦାନ କରିଛନ୍ତି। ଡ଼ ସସ୍ମିତ ପାତ୍ର କହିଥିଲେ, ଗତ ୧୮ ମାସର ବିଜେପି ଶାସନରେ ଓଡ଼ିଶା କେବଳ ନିଜ ରାଜ୍ୟ ଭିତରେ ନୁହେଁ ବରଂ ଜାତୀୟ ସ୍ତରରେ ଗୋଟିଏ କ୍ଷେତ୍ରରେ ନିନ୍ଦା ଓ ଲଜ୍ଜା ପାଇଛି, ଯାହା ହେଉଛି ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥା। ଜୁନ ୨୦୨୪ରେ ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାର ମୂଳଦୁଆ ପଡିଥିଲା, ମାନ୍ୟବର ରାଜ୍ୟପାଳଙ୍କ ପୁଅ ଦ୍ୱାରା। ପୁରୀ ସ୍ଥିତ ରାଜ୍ୟପାଳଙ୍କ ବାସଭବନ ଭିତରେ ଜଣେ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିବା ସହିତ ଜୋତାରେ ଛେପ ପକାଇ ତାଙ୍କୁ ଚାଟିବାକୁ ବାଧ କରାଯାଇଥିଲା। ସେହିପରି ବିଜେପି କର୍ମୀଙ୍କ ଦ୍ୱାରା ବିଏମସି କମିସନରଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟିଥିଲା। ଗତ ୧୮ ମାସରେ ରାଜ୍ୟରେ ୪୦,୯୪୭ଟି ମହିଳା ନିର୍ଯାତନା ମାମଲା ରୁଜୁ ହୋଇଛି। ଏହି ସଂଖ୍ୟାରୁ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ଦର୍ଶାଉଛି। ଡ଼ ପାତ୍ର କହିଥିଲେ, ଏସ୍ଆଇ ନିଯୁକ୍ତି ପରୀକ୍ଷାରେ ହୋଇଥିବା ଦୁର୍ନୀତିକୁ ନେଇ ଜାତୀୟ ଗଣମାଧମରେ ଚର୍ଚ୍ଚା ହେବା ପରେ ରାଜ୍ୟ ସରକାର ଏହାର ତଦନ୍ତ ଦାୟିତ୍ୱ ସିବିଆଇ ହାତରେ ଦେବା ପାଇଁ ବାଧ ହୋଇଥିଲେ। ଡ଼ ଲେନିନ ମହାନ୍ତି କହିଥିଲେ, ରାଜ୍ୟର ପର୍ଯ୍ୟଟନସ୍ଥଳୀଗୁଡ଼ିକ ମହିଳାମାନଙ୍କ ପାଇଁ ସୁରକ୍ଷିତ ନୁହେଁ। ଏକାଧିକ ପର୍ଯ୍ୟଟନସ୍ଥଳୀରେ ଗଣଦୁଷ୍କର୍ମ ଘଟଣା ଘଟିବା ପରେ ଆମେରିକା ଏକ ଟ୍ରାଭେଲ ଆଡ଼ଭାଇଜରୀ ଜାରି କରିଥିଲା। ଏହାଦ୍ୱାରା ଓଡ଼ିଶା ସମଗ୍ର ବିଶ୍ୱରେ ନିନ୍ଦିତ ହୋଇଥିଲା।

## ପାରାଦୀପ ବେଳାଭୂମି ହେବ ବ୍ଲୁ ଫ୍ଲାଗ୍ ବିଚ୍

### ଖର୍ଚ୍ଚ ହେବ ପ୍ରାୟ ୨୪ କୋଟି ଟଙ୍କା

ପାରାଦୀପ ୩୧।୧୨(ସଂଚାର ବ୍ୟୁରୋ): ପାରାଦୀପ ବେଳାଭୂମି ହେବ ବ୍ଲୁ ଫ୍ଲାଗ୍ ବିଚ୍। ଭିତ୍ତିଭୂମି ପରିଦର୍ଶନ କଲେ ମାନବ ସମ୍ବଳ ବିଭାଗର ପ୍ରମୁଖ ସଚିବ ଏବଂ ଜଗତସିଂହପୁର ଜିଲ୍ଲାପାଳ। ପାରାଦୀପରେ ୩ କିଲୋମିଟର ବେଳାଭୂମି ଉନ୍ନତିକରଣ ପାଇଁ ଖର୍ଚ୍ଚ ହେବ ପ୍ରାୟ ୨୪ କୋଟି ଟଙ୍କା। ଓଡ଼ିଶା ସରକାରଙ୍କ ମାନବ ସମ୍ବଳ ବିଭାଗର ପ୍ରମୁଖ ସଚିବ ଏନବିଏସ ରାଜପୁତ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପ ଗୁଡ଼ିକ ବୁଲି ଦେଖିଥିଲେ। ଏଠାରେ ଖୁବଶୀଘ୍ର ବ୍ଲୁ ଫ୍ଲାଗ୍ ବିଚ୍ ନିର୍ମାଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହି ବ୍ଲୁ ଫ୍ଲାଗ୍ ବିଚ୍ ନିର୍ମାଣ ହେଲେ ପାରାଦୀପର ରୂପରେଖ ବଦଳିବା ସହିତ ଆନ୍ତର୍ଜାତିକ କ୍ଷେତ୍ରରେ ପାରାଦୀପକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ। ବେଳାଭୂମିରେ ୱାଟର ସ୍ପୋର୍ଟ୍ସ ସୁବିଧା, ଯୋଗ କେନ୍ଦ୍ର, ଲାଇଫ୍ ଗାର୍ଡ, ୱାଚ ଟାୱାର, ସିସିଟିଭି, ବେଳାଭୂମି ସୁରକ୍ଷା ଏବଂ ବେଳାଭୂମିରେ ପ୍ରାଚୀର ନିର୍ମାଣ ହେବା ନେଇ ଯୋଜନା କରାଯାଇଛି। ଏହି ବେଳାଭୂମି ଉନ୍ନତିକରଣ ହେବା ଦ୍ୱାରା ଅନ୍ୟ ବେଳାଭୂମି ଭଳି ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକ ପାରାଦୀପ ଆସିବା ସହ ସ୍ଥାନୀୟ ଅଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧି ଘଟିବା ନେଇ କହିଛନ୍ତି ଜିଲ୍ଲାପାଳ ଜେ. ସୋନାଲ। ପରେ ପାରାଦୀପ ଗଡ଼ ଠାରେ ଥିବା ଆଦିବାସୀ ଛାତ୍ରୀ ନିବାସ ପରିଦର୍ଶନ ସହିତ ମଣିଜଙ୍ଗା ସ୍ଥିତ ମେଗା ପାଇପ୍ ୱାଟର ସପ୍ଲାଏ ପ୍ରକଳ୍ପ, ଅଙ୍ଗନବାଡ଼ି ସେଣ୍ଟର ଆଦି ବୁଲି ସମୀକ୍ଷା କରିଥିଲେ।

### ବିଡିଏ ଉପାଧ୍ୟକ୍ଷଙ୍କ ନୂଆ ପଦକ୍ଷେପ

# ପ୍ରତି ମାସରେ ବଣ୍ଟନକାରୀଙ୍କ ପାଇଁ ଅଭିଯୋଗ ଶୁଣାଣି




ଭୁବନେଶ୍ୱର, ୩୧।୧୨(ସଂଚାର ବ୍ୟୁରୋ): ଲୋକମାନଙ୍କ ସହିତ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଏବଂ ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା ବଢ଼ାଇବା ଉଦ୍ଦେଶ୍ୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଏଣିକି ବିଡିଏ ଉପାଧକ୍ଷ ପ୍ରତି ମାସର ପ୍ରଥମ ଶନିବାର ଦିନ ବଣ୍ଟନକାରୀମାନଙ୍କ (ଆଲୋଟି) ପାଇଁ ବିଶେଷ ଅଭିଯୋଗ ଶୁଣାଣି କରିବେ। ଏହା ବିଡିଏ ମୁଖ୍ୟ କାର୍ଯ୍ୟାଳୟର ପ୍ରଥମ ମହଲାରେ ଥିବା କନଫରେନ୍ସ ହଲ୍‌ରେ ସକାଳ ୧୧.୩୦ରେ ଅନୁଷ୍ଠିତ ହେବ।

ଏହି ଅଭିଯୋଗ ଶୁଣାଣି ମୁଖ୍ୟତଃ ଟାସ୍କ ଫୋର୍ସର ତଦନ୍ତ ରିପୋର୍ଟ, ଜେନେରାଲ ଆଡମିନିଷ୍ଟ୍ରେସନ ଅଡିଟ୍ ରିପୋର୍ଟ ଏବଂ ଆଲୋଟମେଣ୍ଟ ଶାଖା ଦ୍ୱାରା ପରିଚାଳିତ ସମ୍ପତ୍ତି ସମ୍ପର୍କୀୟ ମାମଲା ଉପରେ ରହିବ। ସଂପୃକ୍ତ ବିଷୟଗୁଡ଼ିକ ସହିତ ଜଡ଼ିତ ଅଭିଯୋଗ ଥିବା ବଣ୍ଟନକାରୀମାନେ ନିର୍ଦ୍ଧାରିତ ଶୁଣାଣିରେ ନିଜର ସମସ୍ୟା ରଖିପାରିବେ ବୋଲି ବିଡିଏ କର୍ତ୍ତୃପକ୍ଷ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷେ, ଦାୟିତ୍ୱ ଗ୍ରହଣ କରିବା ପରଠାରୁ ବିଡିଏ ଉପାଧକ୍ଷ ଚଞ୍ଚଳ ରଣା ନାଗରିକଙ୍କ ଅଭିଯୋଗ ଶୀଘ୍ର ସମାଧାନ କରିବା ଏବଂ ସେବାକୁ ଆହୁରି ଭଲ କରିବା ଉପରେ ବିଶେଷ ଧାନ ଦେଉଛନ୍ତି। ମାସିକ ଶୁଣାଣି ଛଡ଼ା, ବିଡିଏ, ବିଏମ୍ ସି ଏବଂ ସ୍ମାର୍ଟ ସିଟିର ସମସ୍ୟା ସମ୍ପର୍କୀୟ ଏକ ମିଳିତ ସାପ୍ତାହିକ ଜନଅଭିଯୋଗ ଶୁଣାଣି ପ୍ରତି ସୋମବାର ସକାଳ ୧୦:୩୦ରୁ ଦିନ ୧୨:୩୦ ଯାଏ ହେଉଛି। ଯାହା, ଭୁବନେଶ୍ୱରର ଭୋଇ ନଗର, ୟୁନିଟ୍-୯ରେ ଥିବା ଆଇକମ୍ପ ବିଲ୍ଡିଂ ଏଲ୍ ଜି ଫ୍ଲୋରରେ କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହେଉଛି।

### ବିଏମସିର ୩୭ତମ ସାଧାରଣ ବୈଠକ

# ବକେୟା ଥିବା ଏଜେନ୍ସିଙ୍କ ହୋର୍ଡିଂ କଢ଼ାଯିବ

- ସ୍ମାର୍ଟ ସିଟି ବଦଳରେ ବିଏମସି ନେବ ଜନପଥ ହୋର୍ଡିଂ ଟାକ୍ସ
- ଅନ୍ୟ ମାର୍କେଟର ବ୍ୟବସାୟୀଙ୍କଠୁ ଆଦାୟ ହେବ ୟୁଜର୍ସ ଫି




ଭୁବନେଶ୍ୱର, ୩୧।୧୨(ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ୩୭ ତମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଏମ୍ ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ଏହି ସାଧାରଣ ବୈଠକରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ ଓ କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା ମଞ୍ଚାସୀନ ଥିଲେ। ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ପଥ ଉତ୍ସବକୁ ଚଳିତ ବର୍ଷ ସ୍ୱତନ୍ତ୍ର ଭାବେ କରିବା ଏବଂ ଏଥିପାଇଁ ସମସ୍ତ କର୍ପୋରେଟର ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ କମିଶନର। ବିଏମ୍ ସିକୁ ଦେଶର ସ୍ୱଚ୍ଛ ସହର ତାଲିକାର ପ୍ରଥମ ତିନୋଟି ସ୍ଥାନ ମଧରେ ରଖିବା ପାଇଁ କର୍ପୋରେଟରଙ୍କ ସହାୟତା କାମନା କରିଛନ୍ତି। ଏହା ସହ ଟିଟିଏସ୍, ବାୟୋ ମାଇନିଂ, ଦୟା ୱେଷ୍ଟ ସହ ଅନେକ ପ୍ରକଳ୍ପ କାମ କରିବାକୁ ରହିଛି ବୋଲି ସେ କହିଥିଲେ।

ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକ କେତେଦୂର କାର୍ଯ୍ୟକାରୀ ହୋଇଛି, ସେ ସଂପର୍କରେ ଆଲୋଚନା କରାଯାଇଥିଲା। ବିଏମ୍ ସିରେ ହୋର୍ଡିଂ ମାରିବା ପାଇଁ ଅନୁମତି ନେଇଥିବା ସଂସ୍ଥା ବକେୟା ରାଶି ପୈଠ କରି ନଥିବାରୁ ତାର ସମସ୍ତ ହୋର୍ଡିଂ କାଟିଦେବା ପାଇଁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। ଆସନ୍ତା ୨ତାରିଖରୁ ଏହି ଅଭିଯାନ ଆରମ୍ଭ ହେବାକୁ ସ୍ଥିର ହୋଇଛି। ସହରରେ ଥିବା ସମସ୍ତ ଟଏଲେଟର ପରିଚାଳନା ତଥା ନବିକରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ପୂର୍ବରୁ ଜନପଥରେ ଲାଗିଥିବା ହୋର୍ଡିଂରୁ ଯେଉଁ ଆୟ ହେଉଥିଲା ତାହା ସ୍ମାର୍ଟ ସିଟିକୁ ଯାଉଥିଲା । ମାତ୍ର ଏବେଠାରୁ ସେ ସବୁ ବିଏମ୍ ସିକୁ ଆସିବ। ୫୦୦୦ ବର୍ଗଫୁଟରୁ ଅଧିକ ସ୍ଥାନରେ କୌଣସି ନିର୍ମାଣ କାର୍ଯ୍ୟ ପାଇଁ ଏନ୍ ଓ ସି ଅନୁମୋଦନ କରିବା ପୂର୍ବରୁ ତାହା ପ୍ଲାନିଂ ଷ୍ଟାଣ୍ଡିଂ କମିଟିକୁ ଅବଗତ କରିବା ପାଇଁ ନିଷ୍ପତ୍ତି ହୋଇଛି। ନିୟମ ଉଲ୍ଲଙ୍ଘନ କରି ବହୁତଳ ଆପାର୍ଟମେଣ୍ଟ ନିର୍ମାଣ କଲେ, ସେମାନଙ୍କଠାରୁ ଜରିମାନା ଆଦାୟ ହେବ କିମ୍ବା କାର୍ଯ୍ୟ ବନ୍ଦ କରିଦିଆଯିବା ନେଇ ଗୃହରେ ଆଲୋଚନା ହୋଇଥିଲା। ସମସ୍ତ ବ୍ୟବସାୟୀଙ୍କଠାରୁ ଯଥୋଚିତ ୟୁଜର୍ସ ଫି ଆଦାୟ କରାଯିବା ନେଇ ଆଲୋଚନା ହୋଇଥିଲା।

## ଭିଜିଲାନ୍ସ @ ୨୦୨୫

# ଟଙ୍କା ଖାଇ ଟିଙ୍କ ବନିଥିଲେ

- ଜେଠୱାଙ୍କ ଜାଲରେ ପଡ଼ିଲେ ଦୁର୍ନୀତିଖୋର ଅଧିକାରୀ
- ଚକିତ କଲା ବାର୍ଷିକ ରିପୋର୍ଟ
- ୨୪ ଚାକିରିଆ ବହିଷ୍କୃତ, ୫୦ ବାବୁଙ୍କ ପେସନ ବନ୍ଦ



ଭୁବନେଶ୍ୱର,୩୧।୧୨(ସଂଚାର ବ୍ୟୁରୋ): ସାମ୍ନାକୁ ଆସିଲା ଭିଜିଲାନ୍ସର ବାର୍ଷିକ ରିପୋର୍ଟ। ଲାଞ୍ଚୁଆ ଅଧିକାରୀଙ୍କ ନିଦ ହଜାଇଥିବା ଭିଜିଲାନ୍ସକୁ ମିଳିଛି ୨୦୨୫ ମସିହାରେ ସଫଳତା। କେବଳ ଟ୍ରାପ କିମ୍ବା ଡିଏ କେସ ନୁହେଁ, ବରଂ ଦଣ୍ଡବିଧାନରେ ମଧ ଓଡିଶା ଭିଜିଲାନ୍ସକୁ ମିଳିଛି ସଫଳତା। ଭିଜିଲାନ୍ସ ନିର୍ଦ୍ଦେଶକ ଯଶୋବନ୍ତ ଜେଠୱାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଚାଲିଥିବା ଅପରେସନ, ଅନ୍ୟ ରାଜ୍ୟ ପାଇଁ ପାଲଟିଛି ଉଦାହରଣ। ୨୦୨୫ ମସିହାରେ ଲାଞ୍ଚୁଆ ଅଧିକାରୀଙ୍କ ବିରୋଧରେ ରୁଜୁ ହୋଇଛି ୨୦୨ ଟି ଅପରାଧିକ ମାମଲା। ଗିରଫ ହୋଇଛନ୍ତି ୨୧୨ ସରକାରୀ ଅଧିକାରୀ ଓ ତାଙ୍କ ସହଯୋଗୀ। ଯେଉଁମାନଙ୍କ ମଧରେ ରହିଛନ୍ତି ଜଣେ ଆଇଏଏସ ଅଫିସରଙ୍କ ସମେତ ୫୩ ଜଣ କ୍ଲାସ ୱାନ ଅଫିସର। ୪୯ ଟି ଡ଼ିଏ କେସରେ ଠାବ ହୋଇଛି ୧୨୦ କୋଟି ଟଙ୍କାର ଆୟ ବହିର୍ଭୁତ ସମ୍ପତ୍ତି। ୯୭ ଟି ଟ୍ରାପ କେସ ରୁଜୁ ହେବା ସହିତ ୧୧୪ ଜଣଙ୍କୁ କାବୁ କରାଯାଇଛି। ସେମାନଙ୍କ ଠାରୁ ଜବତ ହୋଇଛି ୨୬ ଲକ୍ଷ ୨୭ ହଜାର ଟଙ୍କା। ସର୍ବମୋଟ ଲାଞ୍ଚୁଆ ଅଧିକାରୀଙ୍କ ଆୟ ବହିର୍ଭୂତ ସମ୍ପତ୍ତି ମଧରେ ରହିଛି ୧୫୩ ଟି ବିଲ୍ଡିଂ, ୧୮ କେଜି ୩ ଶହ ଗ୍ରାମ ସୁନା, ୭୧୪ ଟି ପ୍ଲଟ, ୧୨ ଟି ଫାର୍ମ ହାଉସ , ୩୬ କୋଟି ୬୯ ଲକ୍ଷ ଟଙ୍କାର ଡିପୋଜିଟ ଓ ନଗଦ ୮ କୋଟି ୮୧ ଲକ୍ଷ ଟଙ୍କା। ୨୦୨୫ ମସିହାରେ ଚଢ଼ାଉ ବେଳେ ଚିଫ ଇଞ୍ଜିନିୟର ବୈକୁଣ୍ଠ ନାଥ ଷଡ଼ଙ୍ଗୀଙ୍କ ଘରୁ ଜବତ ହୋଇଛି ସର୍ବାଧିକ ୨ କୋଟି ୫୬ ଲକ୍ଷ ଟଙ୍କା। ସେହିପରି ଲାଞ୍ଚ ନେବାବେଳେ ଆଇଏଏସ ଧୀମାନ ଚକମାଙ୍କ ଘରୁ ଜବତ ହୋଇଛି ୫୭ ଲକ୍ଷ ନଗଦ ଟଙ୍କା।

କେସ ଫୈସଲା ଓ ଦଣ୍ଡବିଧାନ କ୍ଷେତ୍ରରେ ଓଡିଶା ଭିଜିଲାନ୍ସର ପ୍ରଦର୍ଶନ ଉଚ୍ଚକୋଟିର ରହିଛି। ୨୩୭ ପ୍ରତିଶତ ହାରରେ ଗତବର୍ଷ ୪୭୯ ଟି କେସର ଫୈସଲା ଶେଷ ହୋଇଛି। ୧୫୫ ଟି ଡ଼ିଏ କେସର ଦ୍ୱରିତ ବିଚାର ଶେଷ ହୋଇଛି। ତଥ୍ୟ ପ୍ରମାଣ ମିଳିବା ପରେ ୧୧୯ ଟି ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ କରାଯାଇଛି। ଦଣ୍ଡବିଧାନ ହାର ଗତବର୍ଷ ୫୦ ପ୍ରତିଶତ ରହିଛି। ଦଣ୍ଡବିଧାନ ପରେ ୨୪ ସରକାରୀ ଚାକିରିଆଙ୍କୁ ବହିଷ୍କାର କରାଯାଇଛି। ୫୦ ଜଣ ଅବସରପ୍ରାପ୍ତ ଲାଞ୍ଚଖୋର ବାବୁଙ୍କ ପେନସନ ବନ୍ଦ ହୋଇଛି। ସାଧାରଣ ଲୋକଙ୍କୁ ହଇରାଣ ନକରି ଲାଞ୍ଚ ନନେଇ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ବାରମ୍ବାର ଅପିଲ ହେଉଛି। ଲାଞ୍ଚ ମାଗିଲେ ଭିଜିଲାନ୍ସକୁ ଜଣାଇବା ପାଇଁ ଟୋଲ ଫ୍ରି ନମ୍ବର ମଧ ଜାରି କରାଯାଇଛି। କିନ୍ତୁ ଏତେ ସବୁ ପରେ ମଧ ଦୁର୍ନୀତିଖୋରଙ୍କ ଖଳ ପ୍ରକୃତିରେ ପରିବର୍ତ୍ତନ ଆସୁନାହିଁ। ତେଣୁ ନବବର୍ଷରେ ମଧ ଭିଜିଲାନ୍ସ ପକ୍ଷରୁ ଏଭଳି ଜିରୋ ଟଲରାନ୍ସ ନୀତି ବଳବତ୍ତର ରହିବ ବୋଲି ଚେତାବନୀ ଦେଇଛନ୍ତି ଭିଜିଲାନ୍ସ ନିର୍ଦ୍ଦେଶକ ଯଶୋବନ୍ତ ଜେଠୱା।

# ଓଡ଼ିଶାରେ ବଢୁଛି ନଡ଼ା ପୋଡ଼ା ପ୍ରଦୂଷଣ

ଭୁବନେଶ୍ୱର,୩୧।୧୨: ବାୟୁ ପ୍ରଦୂଷଣକୁ ନେଇ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରୁଥିବା ବେଳେ ଓଡିଶାର ଚାଷୀମାନେ ଏବେ ବିଲରେ ନଡା ପୋଡି ବାୟୁମଣ୍ଡଳ ପ୍ରଦୂଷିତ କରିବାରେ ଲାଗିଛନ୍ତି। ସରକାର ଏହା ଉପରେ ପଦକ୍ଷେପ ଗ୍ରହଣ ନକଲେ ଦିଲ୍ଲୀ ଭଳି ସ୍ଥିତି ଉପୁଜିବାକୁ ବେଶି ଦିନ ଲାଗିବନାହିଁ ବୋଲି ପରିବେଶବିତ୍‌ମାନେ ଏବେଠାରୁ ସତର୍କ କରାଇଲେଣି। ରାଜଧାନୀ ଆଖପାଖ ସମେତ ସମଗ୍ର ରାଜ୍ୟରେ ଏବେ ଚାଷୀମାନେ ନିଜ ନିଜର ଧାନ ଫସଲକୁ ଯାନ୍ତ୍ରିକ ପଦ୍ଧତିରେ କାଟିବା ଉପରେ ଗୁରୁତ୍ୱ ଦେଉଛନ୍ତି। ମୁଲିଆଙ୍କ ତୁଳନାରେ ଏହା ଶସ୍ତା ହେବା ସହିତ କମ୍ ସମୟରେ ଧାନ ଅମଳ ହୋଇ ଘରକୁ ଆସିଯାଉଛି। ତେଣୁ ଲୋକମାନେ ଆଉ ପୂର୍ବଭଳି ମୁଲିଆଙ୍କ ଦ୍ୱାରା ଧାନ ନକାଟି ମେସିନ ଦ୍ୱାରା କାଟୁଛନ୍ତି। ମେସିନ ଯେଉଁଠାରେ ଧାନ କାଟୁଛି ସେଠାରେ ନଡାଗୁଡ଼ିକୁ କାଟି ଗୁଣ୍ଡକରି ବିଲରେ ପକାଇ ଦେଉଛି। ଚାଷୀମାନେ ଏହାକୁ ଆଉ ଘରକୁ ଆଣିବା ସହଜ ହେଉନାହିଁ। ଧାନ ପରବର୍ତ୍ତୀ ରବି ଫସଲ ପାଇଁ ତୁରନ୍ତ ସେହି ନଡାକୁ ବିଲରେ ହିଁ ଜାଳି ଦେଉଛନ୍ତି। ଏହାଫଳରେ ସମଗ୍ର ଅଞ୍ଚଳରେ ବାୟୁ ପ୍ରଦୂଷିତ ହେବାରେ ଲାଗିଛି। ରାଜଧାନୀ ଆଖପାଖରେ ଥିବା ପିପିଲି, ନିମାପଡା, ଡେଲାଙ୍ଗ, ଖୋର୍ଦ୍ଧା ଆଦି ଅଞ୍ଚଳରେ ବହୁ ସ୍ଥାନରେ ଚାଷୀମାନେ ଏବେ ବିଲରେ ନଡା ଜାଳିବା ଆରମ୍ଭ କରିଛନ୍ତି। ଓଡିଶାର ଚାଷୀଙ୍କ ମଧରେ ବିଲରେ ନଡା ପୋଡିବାର ମାତ୍ରା ବୃଦ୍ଧି ପାଉଥିବାରୁ ଏହା ଆଗାମୀ ଦିନରେ ବାୟୁ ପ୍ରଦୂଷଣର ପ୍ରମୁଖ କାରଣ ପାଲଟିବ। ହରିଆନା ଓ ପଞ୍ଜାବର ଚାଷୀଙ୍କ ନଡା ପୋଡ଼ିବା ଯୋଗୁଁ ଦିଲ୍ଲୀବାସୀ ଯେଭଳି ପ୍ରଦୂଷିତ ବାୟୁ ବଳୟରେ ପଡି ଛଟପଟ ହେଉଛନ୍ତି ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଆଗାମୀ ଦିନରେ ସମାନ ସ୍ଥିତି ଉପୁଜିବାର ଆଶଙ୍କା ସୃଷ୍ଟି ହେଲାଣି। ତେଣୁ ସରକାର ତୁରନ୍ତ ଏ ଦିଗରେ ଧାନ ଦେବାକୁ ଚାଷୀମାନଙ୍କ ଅନୁରୋଧ। (ତଥ୍ୟ)

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

ଗୁରୁବାର ୧ ଜାନୁଆରୀ ୨୦୨୬, ଭୁବନେଶ୍ୱର
Thursday 1 January 2026, Bhubaneswar




# ମିଶନ ପଶ୍ଚିମବଙ୍ଗ

ପଶ୍ଚିମବଙ୍ଗର ରାଜନୀତିରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି ଭାରତୀୟ ଜନତା ପାର୍ଟି (ବିଜେପି)ର ମିଶନ ବେଙ୍ଗଲ ଅଭିଯାନରେ। କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ଏହି ଅଭିଯାନର ମୁଖ୍ୟ ନେତୃତ୍ୱ ନେଇଛନ୍ତି, ଯାହା ରାଜ୍ୟରେ ବିଜେପିର ସଂଗଠନକୁ ମଜବୁତ କରିବା ଏବଂ ୨୦୨୬ ବିଧାନସଭା ନିର୍ବାଚନରେ ବିଜୟ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏହି ମିଶନ୍ କେବଳ ରାଜନୈତିକ ରଣନୀତି ନୁହେଁ, ବରଂ ରାଜ୍ୟର ସାମାଜିକ ଏବଂ ଆର୍ଥିକ ସମସ୍ୟାଗୁଡ଼ିକୁ ସମ୍ବୋଧନ କରିବାର ଏକ ପ୍ରୟାସ ବୋଲି ଦାବି କରାଯାଉଛି।



ଅମିତ ଶାହ ନିକଟରେ ପଶ୍ଚିମବଙ୍ଗରେ ତିନି ଦିନିଆ ଯାତ୍ରା କରିଛନ୍ତି, ଯେଉଁଥିରେ ସେ କୋଲକାତାରେ ସାମ୍ବାଦିକ ଆମ୍ମିଳନୀ କରିଛନ୍ତି ଏବଂ ପାର୍ଟିର ସ୍ତରୀୟ ନେତାମାନଙ୍କୁ ଭେଟିଛନ୍ତି। ଏହି ଯାତ୍ରାରେ ସେ ମମତା ବାନାର୍ଜୀ ସରକାରଙ୍କୁ ଅନୁପ୍ରବେଶ ନେଇ କଡ଼ା ସମାଲୋଚନା କରିଛନ୍ତି। ଶାହ କହିଛନ୍ତି ଯେ ବିଜେପି କ୍ଷମତାକୁ ଆସିଲେ ରାଜ୍ୟକୁ ଅନୁପ୍ରବେଶକାରୀମାନଙ୍କଠାରୁ ମୁକ୍ତ କରିବେ। ଏହା ରାଜ୍ୟରେ ବାଙ୍ଗଲାଦେଶୀ ଅନୁପ୍ରବେଶ ସମସ୍ୟାକୁ ଉଠାଇଛି, ଯାହା ଦୀର୍ଘ ଦିନରୁ ଏକ ବିବାଦୀୟ ବିଷୟ। ସରକାର ଏହି ସମସ୍ୟାରେ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ମମତାଙ୍କୁ ଦୋଷାରୋପ କରିଛନ୍ତି ଶାହା ଏହି ମିଶନର ମୂଳ ଲକ୍ଷ୍ୟ ହେଉଛି ବିଜେପିର ସଂଗଠନକୁ ମଜବୁତ୍ କରିବା। ଶାହ ପାର୍ଟିର ଦୁର୍ବଳତା ଏବଂ ଶକ୍ତିକୁ ଜାଣିଛନ୍ତି, ତେଣୁ ସେ ବିଭିନ୍ନ ସ୍ତରର ନେତାମାନଙ୍କୁ ଭେଟୁଛନ୍ତି। ଏହା ଦ୍ୱାରା ପାର୍ଟିର ଆଭ୍ୟନ୍ତରୀଣ ଏକତା ବଢ଼ାଇବା ଏବଂ ସ୍ଥାନୀୟ ସମସ୍ୟାଗୁଡ଼ିକୁ ବୁଝିବାର ପ୍ରୟାସ କରାଯାଉଛି। ପଶ୍ଚିମବଙ୍ଗରେ ବିଜେପିର ଉତଥାନ ହୋଇଛି, କିନ୍ତୁ ତୃଣମୂଳ କଂଗ୍ରେସ (ଟିଏମସି)ର ଦୃଢ଼ ଆଧାର ଏହାକୁ ଚ୍ୟାଲେଞ୍ଜ କରୁଛି। ମିଶନ ବେଙ୍ଗଲ୍ ଏହି ଚ୍ୟାଲେଞ୍ଜ୍‌କୁ ସମ୍ବୋଧନ କରିବାକୁ ଚେଷ୍ଟା କରୁଛି।

ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି ଯେ ଏହି ଅଭିଯାନ ରାଜ୍ୟରେ ହିନ୍ଦୁତ୍ୱ ଏଜେଣ୍ଡାକୁ ପ୍ରୋତ୍ସାହନ ଦେବ। ଅନୁପ୍ରବେଶ ଏବଂ ସୀମା ସୁରକ୍ଷା ଭଳି ବିଷୟଗୁଡ଼ିକ ବିଜେପିର ମୂଳ ଭୋଟର୍ସଙ୍କୁ ଆକର୍ଷଣ କରିବ। କିନ୍ତୁ ଏହା ରାଜ୍ୟର ବିବିଧ ଜନସଂଖ୍ୟାରେ ବିଭାଜନ ସୃଷ୍ଟି କରିପାରେ। ମମତା ବାନାର୍ଜୀ ଏହି ଆରୋପକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛନ୍ତି ଏବଂ କେନ୍ଦ୍ର ସରକାରଙ୍କୁ ରାଜ୍ୟର ବିକାଶରେ ଅବହେଳା କରିବାରେ ଦୋଷାରୋପ କରିଛନ୍ତି। ଏହି ଟକ୍କର ରାଜ୍ୟର ରାଜନୀତିକୁ ଉତ୍ତେଜିତ କରିଛି।

ମିଶନର ସଫଳତା ନିର୍ଭର କରିବ ବିଜେପିର ସ୍ଥାନୀୟ ନେତୃତ୍ୱ ଏବଂ ଜନସମର୍ଥନ ଉପରେ। ପୂର୍ବରୁ ହୋଇଥିବା ନିର୍ବାଚନଗୁଡ଼ିକରେ ବିଜେପି ଉନ୍ନତି କରିଛି, କିନ୍ତୁ କ୍ଷମତା ହାସଲ କରିପାରିନାହିଁ। ଅମିତ୍ ଶାହ୍ ଙ୍କ ରଣନୀତିକ ଦକ୍ଷତା ଏହି ଅଭିଯାନକୁ ନୂତନ ଦିଗ ଦେବ, କିନ୍ତୁ ଏହାର ପ୍ରଭାବ ରାଜ୍ୟର ସାମାଜିକ ସମତୁଲ୍ୟତା ଉପରେ ପଡ଼ିପାରେ। ପଶ୍ଚିମବଙ୍ଗର ଜନତାଙ୍କୁ ଏହି ରାଜନୈତିକ ଖେଳରେ ସତର୍କ ରହିବାକୁ ପଡ଼ିବ, ଯାହା ରାଜ୍ୟର ଭବିଷ୍ୟତକୁ ନିର୍ଧାରଣ କରିବ।

ଏହି ମିଶନ୍ କେବଳ ଏକ ରାଜନୈତିକ ଅଭିଯାନ ନୁହେଁ, ବରଂ ରାଷ୍ଟ୍ରୀୟ ସ୍ତରରେ ବିଜେପିର ବିସ୍ତାର ରଣନୀତିର ଏକ ଅଂଶ। ଅନୁପ୍ରବେଶ ଭଳି ବିଷୟଗୁଡ଼ିକ ରାଷ୍ଟ୍ରୀୟ ସୁରକ୍ଷା ସହିତ ଯୋଡ଼ି ହୋଇଛି, ଯାହା ଭୋଟର୍ସଙ୍କୁ ପ୍ରଭାବିତ କରିପାରେ। କିନ୍ତୁ ଏହା ରାଜ୍ୟର ଆର୍ଥିକ ବିକାଶ, ରୋଜଗାର ଏବଂ ସାମାଜିକ ନ୍ୟାୟ ଭଳି ମୂଳ ସମସ୍ୟାଗୁଡ଼ିକୁ ଉପେକ୍ଷା କରିପାରେ। ରାଜନୀତିରେ ଏହିଭଳି ରଣନୀତି ସ୍ୱଳ୍ପକାଳୀନ ଲାଭ ଦେଇପାରେ, କିନ୍ତୁ ଦୀର୍ଘକାଳୀନ ସ୍ଥିରତା ପାଇଁ ସମସ୍ତ ପାର୍ଟିଙ୍କୁ ସହଯୋଗ କରିବାକୁ ପଡ଼ିବ। ସାରାଂଶରେ, ଅମିତ୍ ଶାହ୍ ଙ୍କ ମିଶନ୍ ପଶ୍ଚିମବଙ୍ଗ ରାଜ୍ୟର ରାଜନୀତିକୁ ନୂତନ ଦିଗ ଦେବ, କିନ୍ତୁ ଏହାର ସଫଳତା ଜନତାଙ୍କ ମନୋଭାବ ଉପରେ ନିର୍ଭର କରିବ। ଏହି ଅଭିଯାନ ରାଜ୍ୟରେ ପରିବର୍ତ୍ତନ ଆଣିବ କି ନାହିଁ, ତାହା ସମୟ କହିବ।

# ଜନପ୍ରତିନିଧିଙ୍କ ଦରମା ବୃଦ୍ଧି ଜନବିରୋଧୀ



ଆଶୁତୋଷ ନାୟକ

ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସାଧାରଣ ସର୍ବେସର୍ବା ହୋଇଥାନ୍ତି। ପ୍ରକୃତ କ୍ଷମତା ଜନସାଧାରଣଙ୍କ ହାତରେ ରହିଥାଏ। ସବୁଠାରୁ ଶକ୍ତିଶାଳୀ ବୃହତ୍ତର ଗଣତାନ୍ତ୍ରିକ ରାଷ୍ଟ୍ର ଆମ ଭାରତ ଯେଉଁଠି ୧୪୦କୋଟିରୁ ଅଧିକ ଜନସାଧାରଣ ବସବାସ କରନ୍ତି କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏବେବି ଅନେକ ଗରିବ ମଧ୍ୟବିତ୍ତ ନିଜର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ପାଇଁ ଏବେବି ସଂଘର୍ଷ କରୁଛନ୍ତି। ଉନ୍ନତ ସ୍ୱାସ୍ଥ୍ୟସେବା, ପକ୍କାଘର ତ ଦୂରର କଥା ପ୍ରତିଦିନ ଦୁଇଓଳି ଦୁଇ ମୁଠା ଖାଦ୍ୟ ସେମାନଙ୍କ ପାଇଁ ଆକାଶ କଇଁଆ ଚିଲିକା ମାଛ ସଦୃଶ। ଆମ ଦେଶର କ୍ଷମତାଲୋଭୀ ରାଜନେତା ମାନେ ଜାଣିଶୁଣି ସରକାରୀ ବିଦ୍ୟାଳୟ, ସରକାରୀ ଚିକିତ୍ସାଳୟକୁ ଅବେହେଳା କରୁଛନ୍ତି କାରଣ ସେମାନଙ୍କ ନିଜର ବିଦ୍ୟାଳୟ ଏବଂ ଚିକିତ୍ସାଳୟ ଦେଶର କୋଣ ଅନୁକୋଣରେ ଚାଲିଛି ଆଉ ସେମାନେ କୋଟି କୋଟି ଟଙ୍କାର ମୁନଫା କମାଉଛନ୍ତି।

ଆମ ଦେଶର ରାଜନେତା ଗୋଟିଏ ଉଦେଶ୍ୟ ସାଧାରଣ ଗରିବ ମଧ୍ୟବିତ୍ତ ଅଶିକ୍ଷିତ ରହିଲେ ସେମାନଙ୍କୁ କିଛି ଲୋଭନୀୟ ମାଗଣା ଯୋଜନା, ଆଉ କିଛି ଅର୍ଥ ପ୍ରଲୋଭନ ଦେଇ ଏବଂ ଭୋଟିଙ୍ଗର ଗୋଟିଏ ଦିନ ପୂର୍ବରୁ ମଦ, ମାଂସ, ବିଭିନ୍ନ ପ୍ରସାଦନ ସାମଗ୍ରୀ, ଅଳଙ୍କାର ଇତ୍ୟାଦି ଦେଇ ସହଜରେ ଭୋଟ ହାତେଇ ପାରିବେ।ସାଧାରଣ ଗରିବ ମଧ୍ୟବିତ୍ତ ଶିକ୍ଷିତ ହେଲେ ରାଜନେତାଙ୍କ ପାଇଁ ସମସ୍ୟା ହେଇଯିବ ଏବଂ ସେମାନଙ୍କ ଇଲେକ୍ସନରେ ଜିତିବା କଷ୍ଟସାଧ ହେଇଯିବ। ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଖରେ ନୀତି, ନୈତିକତା, ମୂଲ୍ୟବୋଧ ଏସବୁ ନିରର୍ଥକ।ଯେକୌଣସି ଉପାୟରେ କଳେବଳେକୌଶଳରେ କ୍ଷମତାହାସଲ କରିବା ସେମାନଙ୍କ ମୁଖ୍ୟ ଲକ୍ଷ। ରାଜନୀତି ମୈଦାନକୁ ଆସିବା ପୂର୍ବରୁ ରାଜନେତାଙ୍କ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଏବଂ ରାଜନୀତିରେ ପ୍ରବେଶ କରି ବିଧାୟକ, ବିଧାୟିକା, ସାଂସଦ, ଏବଂ ବିଭିନ୍ନ ରାଜନୈତିକ ପଦପଦବୀରେ ରହିବା ପରେ ସେମାନଙ୍କ ସମ୍ପତ୍ତି ଅହେତୁକ ବୃଦ୍ଧି ଘଟେ, ଅନେକଙ୍କ ସମ୍ପତ୍ତି ୫୦, ୧୦୦ ଗୁଣ। ଏପରିକି ୩୦୦ଗୁଣାରୁ ଅଧିକ ବୃଦ୍ଧି ଘଟେ ଯାହାକି ଆମ ପରି ସାଧାରଣ ଗରିବ ମଧ୍ୟବିତ୍ତଙ୍କ କଳ୍ପନାର ବାହାରେ।

ଏବେ ନିକଟରେ ମଧ୍ୟପ୍ରଦେଶର ଜଣେ ବିଜେପି ବିଧାୟକ ଗୁଲୁ ସୁକୁଲାଙ୍କ ପୁଅ ବିଭାଘରରେ ୭୦ଲକ୍ଷରୁ ଅଧିକ ଟଙ୍କା କେବଳ ଆତସବାଜିରେ ଖର୍ଚ୍ଚ ହେଇଥିଲା।ଏବେ ଆମ ଦେଶର ବିଭିନ୍ନ ବଡ଼ ବଡ଼ ସହର ଦିଲ୍ଲୀରୁ ଆରମ୍ଭ କରି ମୁମ୍ବାଇ, କଲିକତା, ଆମ ରାଜ୍ୟର ଭୁବନେଶ୍ୱର, କଟକ, ବାଲେଶ୍ୱର, ରାଉରକେଲା ପ୍ରଯ୍ୟନ୍ତ ବାୟୁ ପ୍ରଦୂଷଣର ସ୍ଥିତି ଉଦବେଗ ଜନକ ରହିଛି, ପ୍ରଦୂଷଣ ପାଇଁ ଅନେକ ବ୍ୟକ୍ତି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଯେପରିକି ଶ୍ୱାସକ୍ରିୟାରେ ଭୀଷଣ ଯନ୍ତ୍ରଣା ଅନୁଭବ କରିବା, ଶ୍ୱାସରୋଗ, ଫୁସଫୁସ, ଯକୃତରେ ସମସ୍ୟା ପରି ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି ସେପରିସ୍ଥଳେ ଜଣେ ଜନ ପତିନିଧି କିପରି ଖୋଲାଖୋଲି ବାୟୁ ପ୍ରଦୂଷଣ କରିପାରିଲେ ଏପରି କାର୍ଯ୍ୟ ପାଇଁ ତାଙ୍କୁ ସହଜରେ ଅନୁମତି ମିଳିଗଲା।ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଏବଂ ବିଡମ୍ବନାର ବିଷୟ।

ସବୁଠାରୁ ଦୁଃଖ ଓ ବିଡମ୍ବନାର ବିଷୟ ଏହିକି ଆମ ସମାଜରେ ବଡ଼ପଣ୍ଡା ବୋଲାଉଥିବା ଭିଭିଆପି ନେତା, ମନ୍ତ୍ରୀ ଅଫିସର ମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ ନିଜ ବାସଭବନରେ ଏକାଧିକ ଏୟର ପୁରିଫାଇର ଲଗାଉଛନ୍ତି।ଏବେ ନିକଟରେ ରାଜଧାନୀ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ନିଜକୁ ପ୍ରଦୂଷଣରୁ ସୁରକ୍ଷିତ ରଖିବା ପାଇଁ ୧୫ଟି ଏୟର ପୁରିଫାଇର ଅର୍ଡର କରିଛନ୍ତି ଯାହାର ମୂଲ୍ୟ ୫.୫ ଲକ୍ଷରୁ ଅଧିକ। ବିଭିନ୍ନ ସ୍ୱାଧୀନ ସର୍ବେକ୍ଷଣ ସଂସ୍ଥା କରିଥିବା ରିପୋର୍ଟ ଅନୁସାରେ କେବଳ ବାୟୁ ପ୍ରଦୂଷଣ ପାଇଁ ପ୍ରତିବର୍ଷ ଆମ ଦେଶରେ ୧୮ଲକ୍ଷରୁ ଅଧିକ ନିରୀହ ବ୍ୟକ୍ତିଙ୍କ ଅକାଳ ବିୟୋଗ ଘଟୁଛି। ୨୦୨୨ ମସିହାରେ ଭାରତରେ କେବଳ ବାୟୁ ପ୍ରଦୂଷଣ ପାଇଁ ୧୭ଲକ୍ଷରୁ ଅଧିକ ନିରୀହ ବ୍ୟକ୍ତିଙ୍କ ପ୍ରାଣହାନୀ ଘଟିଛି। ତଥାପି ଆମ ସରକାର, ପ୍ରଶାସନ ପ୍ରଦୂଷଣ ଜନିତ ସମସ୍ୟାକୁ ଗୁରୁତର ଭାବେ ନେଉନାହାନ୍ତି।କ୍ଷମତାଲୋଭୀ ରାଜନେତା ପରସ୍ପର ଦୋଷାରୋପ କରି କାଦୁଅପିଙ୍ଗା ରାଜନୀତିରେ ନିମଗ୍ନ।ସାଧାରଣ ଗରିବଓ ମଧ୍ୟବିତ୍ତ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ବିଭିନ୍ନ ଅପମିଶ୍ରିତ ରଙ୍ଗ ଓ କେମିକାଲ ବୋଳା ଖାଦ୍ୟ ଏପରିକି ଜୀବନ ରକ୍ଷାକାରୀ ମେଡ଼ିସିନକୁ ଅଧିକ ମୁନଫା କମାଇବା ପାଇଁ ନକଲି ମେଡ଼ିସିନ ବଜାରରେ ବହୁଳ ମାତ୍ରାରେ ବିକ୍ରୟ କରାଯାଇଛି। ସ୍ୱାସ୍ଥ୍ୟକର ପରିବେଶ ଏବଂ ସୁନ୍ଦର ଜଳବାୟୁ ସତେ ଯେପରି ଅନେକ ବ୍ୟକ୍ତିଙ୍କ ପାଇଁ ଏହା ସ୍ୱପ୍ନ ହେଇଗଲାଣି।ନିଜର ତେଲଲୁଣର ସଂସାର ଗୁଜୁରାଣ ମେଣ୍ଟାଇବା ପାଇଁ ଗରିବ ଓ ମଧ୍ୟବିତ୍ତ ପ୍ରତିଦିନ ସଂଘର୍ଷ କରୁଛନ୍ତି ଏହା ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ।

ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ରାଜ୍ୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ଼ ରହିଥିଲେ ମଧ୍ୟ ପ୍ରଦୂଷଣ ନିୟନ୍ତ୍ରଣରେ ଆସୁନାହିଁ। ସତେଯେପରି ଆମ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସରକାର, ପ୍ରଶାସନ ସମସ୍ତେ ଯେପରି ଅସହାୟ ହେଇପଡ଼ିଛନ୍ତି, କୋମାରେ ରହିଛନ୍ତି। ରାଜଧାନୀ ଦିଲ୍ଲୀରୁ ଆରମ୍ଭ କରି ଆମ ଓଡିଶାର ରାଜଧାନୀ ଭୁବନେଶ୍ୱରରେ ପ୍ରଦୂଷଣ ସ୍ତର ଭୟାବହ ସ୍ଥିତିରେ ରହିଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଏକପ୍ରକାର ନିରବଦ୍ରଷ୍ଟା ପାଲଟିଛି। ବୋର୍ଡ଼ ଅଧିକାରୀମାନେ କାଚ ଘରେ ବସି ପରିସ୍ଥିତି ଉପରେ ନଜର ରଖାଯାଇଛି ବୋଲି କହୁଛନ୍ତି ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।



ବିଶ୍ୱ କ୍ଷୁଧା ତାଲିକା ୨୦୨୫ ଅନୁସାରେ ଆମ ଦେଶ ଭାରତର ସ୍ଥାନ ୧୦୨ ରହିଛି। ଏହା ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଆମ ଦେଶ ତଥା ରାଜ୍ୟରେ ବେକାରୀ ସମସ୍ୟା ଉତ୍କଟରୂପ ଧାରଣକରିଛି। ଅନେକ ଉଚ୍ଚଶିକ୍ଷିତ ଯୁବକ, ଯୁବତୀ ପିଅନ, କନେଷ୍ଟବଳ, ହୋମଗାର୍ଡ, ସିକୁରିଟି ଗାର୍ଡ ପରି ପଦବୀ ଯେଉଁଥିରେ ଶିକ୍ଷାଗତ ଯୋଗ୍ୟତା ଦଶମ ଶ୍ରେଣୀ ରହିଥାଏ ସେହି ପଦବୀ ପାଇଁ ଲକ୍ଷ ଲକ୍ଷ ଆବେଦନ ଆସୁଛି ଏବଂ ଇଚ୍ଛା ନଥିଲେ ମଧ୍ୟ ଅନେକ ଉଚ୍ଚଶିକ୍ଷିତ ଯୁବକ, ଯୁବତୀ ସେହି କାର୍ଯ୍ୟ କରିବା ପାଇଁ ବାଧ ହେଉଛନ୍ତି ନିଜର ତଥା ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା ତାଙ୍କ ପାଖରେ କୌଣସି ବିକଳ୍ପ ପନ୍ଥା ନାହିଁ। ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ।

ମନୁଷ୍ୟର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ବିନା ସମାଜରେ ବଞ୍ଚିବା ଅସମ୍ଭବ। ଆମ ଦେଶର ଗରିବ ଏବଂ ମଧ୍ୟବିତ୍ତ ଏହି ୩ଟି ମୌଳିକ ଚାହିଦା ପୂରଣ କରିବା ପାଇଁ ଏବେବି ସଂଘର୍ଷ କରୁଛନ୍ତି। ଏହା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ।ଆମ ଦେଶର ସୁବିଧାବାଦୀ, ସ୍ୱାର୍ଥପର ରାଜନେତା କ୍ଷମତା ଓ ପଦପଦବୀ ହାସଲ କରିବା ପାଇଁ ବ୍ୟଗ୍ର।ସେମାନେ ସମସ୍ତ ନୀତି, ନିୟମ, ନୈତିକତା, ଆଦର୍ଶତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ପାଇଁ ସଦାସର୍ବଦା ଚେଷ୍ଟିତ।

ଯେଉଁ ସ୍ୱପ୍ନ, ଆଶା, ଭରସା ବିଶ୍ୱାସକୁ ନେଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ଏବେବି ଅସପୂର୍ଣ ଅଛି। ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଏବେବି ଅନେକ ଅସହାୟ ବ୍ୟକ୍ତି ଆମ ଦେଶରେ ପ୍ରତିଦିନ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି। ୨୦୧୭ ଜାତୀୟ ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ଅନୁସାରେ ପାଖାପାଖି ୧୯କୋଟି ଜନତା ଆମ ଦେଶରେ ପ୍ରତିଦିନ ଖାଇବାକୁ ନପାଇ ଭୋକରେ ଶୋଇବାକୁ ବାଧ ହେଉଛନ୍ତି। ୪୫୦୦ ଶିଶୁ ଯେଉଁ ମାନଙ୍କ ବୟସ ୫ବର୍ଷରୁ କମ ପ୍ରତିଦିନ ଖାଦ୍ୟ ଅଭାବରୁ ସେମାନଙ୍କ ଜୀବନ ପ୍ରଦୀପ ଲିଭିଯାଉଛି। ଏବେବି ସାଧାରଣ ଗରିବ ଓ ମଧ୍ୟବର୍ତ୍ତୀ ବର୍ଗ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରତି ମୁହୂର୍ତ୍ତରେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ସଂଘର୍ଷ କରୁଛନ୍ତି। ତାଙ୍କ ସହିତ ହେଉଥିବା ଅନ୍ୟାୟକୁ ସହ୍ୟ କରିନପାରି, , ଆତ୍ମହତ୍ୟା କରିବା ପାଇଁ ବାଧ ହେଉଛନ୍ତି। ଏଥିପାଇଁ ଆମ ଦେଶର ସରକାରି କଳରେ ଉଦାସୀନତା ଓ ଭ୍ରଷ୍ଟ ବ୍ୟବସ୍ଥା ସମ୍ପୂର୍ଣ ଭାବେ ଦାୟୀ। ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ୪କୋଟି ଶିଶୁ କ୍ଷୁଧା କବଳରେ ପଡ଼ିବେ ବୋଲି ଆକଳନ କରିଛି ବିଲ ଆଣ୍ଡ ମେଲିଣ୍ଡା ଗଟେସ ଫାଉଣ୍ଡସନ।ଏହି ରିପୋର୍ଟରେ କୁହାଯାଇଛି ଚାରିକୋଟି ଶିଶୁ ଖାଦ୍ୟ ପାଇଁ ସଙ୍ଘର୍ଷ କରିବେ। ଏଥିପାଇଁ ତୁରନ୍ତ ପଦକ୍ଷେପ ନିଆନଗଲେ ଅପପୃଷ୍ଟି ସମସ୍ୟା ଆହୁରି ସାଙ୍ଘାତିକ ହେବ।

ଆମ ରାଜ୍ୟ ଓଡିଶା ଏବେବି ଅନେକ ବ୍ୟକ୍ତି ଦାରିଦ୍ର କଷାଘାତରେ କବଳିତ। ରାଜ୍ୟରେ ବେକାରୀ ହାର ଉତ୍କଟ ଥିବାବେଳେ ରାଜ୍ୟର ଆର୍ଥିକ ସ୍ଥିତି ମଧ୍ୟ ନୈରାଶ୍ୟଜନକ ରହିଛି। ରାଜ୍ୟର ପ୍ରତ୍ୟେକ ବିଭାଗ ସଚିବାଳୟଠାରୁ ଆରମ୍ଭ କରି ଶୌଚାଳୟ ଏପରିକି ବିଭିନ୍ନ ସରକାରୀ ହସ୍ପିଟାଲ ରେ ମଧ୍ୟ ଆଉଟସୋସିଂ ସଂସ୍ଥା ମାଧ୍ୟମରେ ଅନେକ ବ୍ୟକ୍ତି ଅତି ନଗଣ୍ୟ ଦରମାରେ କାର୍ଯ୍ୟ କରୁଛନ୍ତି। ତାଙ୍କ ଦୁଃଖ ଶୁଣିବାକୁ କେହି ନାହାନ୍ତି। ଏପରି ସ୍ଥିତିରେ ଓଡିଶାର ବିଧାୟକ, ନେତା, ମନ୍ତ୍ରୀ ମାନଙ୍କର ମାତ୍ରାଧିକ ଦରମା ୩ଗୁଣା ବୃଦ୍ଧି ଗରିବ ମଧ୍ୟବିତ୍ତଙ୍କ ପ୍ରତି ଉପହାସ କରିବା ସହିତ ସମାନ। ଏହି ଦରମା ବୃଦ୍ଧି କଦାପି ଗ୍ରହଣୀୟ ନୁହଁ ଏହା ଅତ୍ୟନ୍ତ ନିନ୍ଦନୀୟ ଏବଂ ବିଡମ୍ବନାର ବିଷୟ।

ବିନା କୌଣସି ଚର୍ଚ୍ଚା କିମ୍ବା ଆଲୋଚନାରେ ବିଧାନସଭାରେ ସମସ୍ତେ ଏକସ୍ୱରରେ ଉଭୟ ଶାସକ ଏବଂ ବିରୋଧୀ ଦଳ ଏକାଠି ହୋଇ ନିଜର ଦରମା ଓ ଭତ୍ତା ୩ ଗୁଣାରୁ ଅଧିକ ବଢ଼ାଇଛନ୍ତି। ଏହା ପୂର୍ବ ବର୍ଷ ଜୁନ ୫ ତାରିଖରୁ ପିଛିଲା ଭାବେ ଲାଗୁ କରାଯିବ ବୋଲି ବିଲରେ ଉଲ୍ଲେଖ ଅଛି। ପୂର୍ବତନ ବିଧାୟକ, ବିଧାୟକ, ମନ୍ତ୍ରୀ, ବାଚସ୍ପତି, ମୁଖ୍ୟମନ୍ତ୍ରୀ, ଉପବାଚସ୍ପତି, ବିରୋଧୀଦଳ ନେତା ସମସ୍ତଙ୍କ ଦରମା ବୃଦ୍ଧି ଘଟିଛି। ଆମ ବିଧାନସଭାରେ ଥିବା ଅନେକ ବିଧାୟକ, ମନ୍ତ୍ରୀ ଆର୍ଥିକ ସ୍ୱଚ୍ଛଳ, ଅଧାରୁ ଅଧିକ ବିଧାୟକ, ମନ୍ତ୍ରୀ, ମାନେ କୋଟିପତି। ହାତଗଣତି କେତେ ଜଣ ବିଧାୟକଙ୍କୁ ଛାଡି ଦେଲେ ସମସ୍ତଙ୍କ ପାଖରେ ପୁଳା ପୁଳା ଟଙ୍କା ଏବଂ ବାଟି ବାଟି ସମ୍ପତ୍ତି ରହିଛି। ବିଧାୟକ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ମାତ୍ରାଧିକ ଦରମା ବୃଦ୍ଧି ରାଜକୋଷ ଉପରେ ଆର୍ଥିକ ବୋଝ ବଢିଯିବ। ଏହା ବୋଝ ଉପରେ ଲଳିତା ବିଡା ସଦୃଶ। ବିଧାୟକଙ୍କ ମାସିକ ଦରମା ଭତ୍ତା ୩ଲକ୍ଷ ୪୫ହଜାର ଟଙ୍କା ଏବଂ ଅନେକ ସୁବିଧା ଯେପରି ଟେଲିଫୋନ, ବିଜୁଳି, ପରିବହନ, ମେଡିକାଲ, ବହି ଓ ପତ୍ରିକା ପାଇଁ ଅନେକ ଟଙ୍କା ବ୍ୟବସ୍ଥା କରାଯାଇଛି। ସେଥିପାଇଁ କୁହାଯାଇଛି' ପାନ ଗୁଆ ଖଇର ଗୁଆକାତି ଭଲ ବ୍ୟବସାୟ ରାଜନୀତି।


ଗୋପାଳପୁର, ବାଲେଶ୍ୱର
ମୋବାଇଲ-୭୦୨୦୬୧୧୩୦୦


# ଓଡ଼ିଆ ଶିଶୁ ନାଟକର ମୂଲ୍ୟାୟନ

ବିପିନ ମହାପାତ୍ର



ଭାରତ ସ୍ୱାଧୀନ ହେବାର ମାତ୍ର ଗୋଟିଏ ବର୍ଷ ପରେ ଅର୍ଥାତ୍ ୧୯୪୮ ମସିହାରେ ଓଡ଼ିଶାର କଟକ ସହରରେ ପ୍ରତିଷ୍ଠା ହେଲା ବେତାର କେନ୍ଦ୍ର। ମୁଖ୍ୟତଃ ତାହା ଜାତୀୟ ଓ ଅନ୍ତର୍ଜାତୀୟ ଖବର ପ୍ରସାରଣକୁ ପ୍ରାଧାନ୍ୟ ଦେବା ସଙ୍ଗେ ସଙ୍ଗେ କଳା, ସାହିତ୍ୟ, ସଙ୍ଗୀତ, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ପ୍ରସାରିତ କରି ସବୁ ବର୍ଗର ଶ୍ରୋତାଙ୍କ ଆସ୍ଥା ଭାଜନ ହେଲା। ତନ୍ମଧ୍ୟରୁ ଶିଶୁ ଓ କିଶୋର ବିଭାଗ ଥିଲା ଅନ୍ୟତମ। ଏହାଦ୍ୱାରା ବହୁ ଲୁକ୍କାୟିତ ପ୍ରତିଭା ଅନ୍ୱେଷିତ ହେଇ ଲୋକଲୋଚନକୁ ଆସିଲେ ଯଦିଓ, କେତୋଟି ଅନିବାର୍ଯ୍ୟ କାରଣରୁ 'ଶିଶୁନାଟକ' ପ୍ରତି ତାର ଉଦାସୀନତା ଶ୍ରୋତାମାନଙ୍କ ସମାଲୋଚନାର କାରଣ ହେଲା। କିନ୍ତୁ ପରେ ପରେ ତାହା ସାମୟିକ ଭାବେ ପ୍ରସାରିତ ହେଲା।

ସେତେବେଳେ ଓଡ଼ିଶାରେ ସାମାନ୍ୟ ବିସ୍ତାର ଲାଭ କରିଥିଲା 'କଣ୍ଢେଇନାଚ'। ତାହା ଆବାଳ ବୃଦ୍ଧବନିତାଙ୍କୁ ଖୁବ୍ କମ୍ ସମୟରେ ଆକୃଷ୍ଟ କରିପାରିଥିଲା। ତେଣୁ ପଛକୁ ଫେରିବାର ଅବକାଶ ନଥିଲା।

ପ୍ରାୟତଃ ଓଡ଼ିଆ ଶିଶୁନାଟକ ସମ୍ବନ୍ଧୀୟ ଗବେଷଣା ଦୁର୍ଲଭ। ତଥାପି ଯେଉଁ ଗୋଟେ ଅଧେ ନିବନ୍ଧ ଉପଲବ୍ଧ ହେଇଛି ସେଗୁଡ଼ିକର ଗବେଷକ ମାନଙ୍କ ମତରେ ଓଡ଼ିଆ ଶିଶୁ ନାଟକର ଉଦ୍ଭବ ଓ ବିକାଶ ଘଟିଥିଲା ବିଂଶ ଶତାବ୍ଦୀର ମଧ୍ୟାନ୍ତରରେ। ତା ପୁଣି କଣ୍ଢେଇନାଚର ପ୍ରଭାବରେ। ତେଣେ ପୌରାଣିକ, ଐତିହାସିକ, ସାମାଜିକ, ପାରିବାରିକ, କାଳ୍ପନିକ ପ୍ରଭୃତି ନାଟକ ପେଷାଦାର ନାଟ୍ୟସଂସ୍ଥା ଯଥାଃ ଅନ୍ନପୂର୍ଣ୍ଣା (ଏ), ଅନ୍ନପୂର୍ଣ୍ଣା (ବି) ଓ ଜନତା ଥିଏଟର୍ସ ଦ୍ୱାରା ଓଡ଼ିଶାର ଠାଏଁ ଠାଏଁ ମଞ୍ଚସ୍ଥ ହେଇ ପ୍ରଗତିଶୀଳତାର ନିକଟବର୍ତ୍ତୀ ହେଇ ବେଶ୍ ବ୍ୟାବସାୟିକ ସଫଳତା ହାସଲ କରିପାରିଥିଲା। ଏହାଛଡ଼ା ପ୍ରମୁଖ ସହର ଓ ଗ୍ରାମାଞ୍ଚଳରେ ନବଗଠିତ ସୌଖୀନ୍ ନାଟ୍ୟ ସଂଗଠନ ବି ମଞ୍ଚ ଆନ୍ଦୋଳନରେ ସାମିଲ୍ ହେଇ ନାଟ୍ୟାମୋଦୀ ଦର୍ଶକମାନଙ୍କୁ ଖୋରାକ୍ ଯୋଗାଇ ପାରିଲେ। ଏହାର ପ୍ରଭାବରେ ପ୍ରଭାବିତ ହେଲା ଓଡ଼ିଶାର କେତୋଟି ଛୋଟବଡ଼ ଶିକ୍ଷାନୁଷ୍ଠାନ। ଶିଶୁ ନାଟକର ବୀଜ ବପନ କରିବାକୁ କଳା-ସାହିତ୍ୟ ଓ ସଂସ୍କୃତି ପ୍ରେମୀ ଶିକ୍ଷକମାନେ ଗ୍ରହଣ କଲେ ଦୁଃସାହସିକ ପଦକ୍ଷେପ। ବଜାରରେ ଶିଶୁନାଟକ ଉପଲବ୍ଧ ହେଉନଥିଲେ ମଧ୍ୟ ଆଶା ଓ ଆଶଙ୍କାରେ ଶିଶୁନାଟକ ରଚନା କରିବାକୁ କଲମ ଧରିଲେ। ସେମାନଙ୍କ ଏ ରକମ ପଦକ୍ଷେପର ଅନ୍ତରାଳରେ ଥିଲା ଯେ, ଆଜିର ଶିଶୁ ଓ କିଶୋର ପ୍ରତିଭା ହୁଏତ ଆଗାମୀରେ ଉତ୍କଳୀୟ କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ମାନ ନିର୍ଦ୍ଧାରଣ କରି କୀର୍ତ୍ତିମାନ୍ ହେବ ଏବଂ ସେମାନେ ବି ମନୋରଞ୍ଜନର ଅଂଶୀଦାର ହେବା ଉଚିତ। କିନ୍ତୁ ଏଥିପାଇଁ ଖୁବ୍ କମ୍ ସଂଖ୍ୟକ ଅଭିଭାବକ ମାନଙ୍କୁ ସେମାନେ କୈଫିୟତ ଦେବାକୁ ବାଧ ହେଇଥିଲେ। ପିଲାଙ୍କ ପାଠପଢ଼ା ଯେପରି ଏଥିପାଇଁ ବ୍ୟାହତ ନହେବ ତାହା ବି ସେମାନେ ଗଭୀର ଭାବେ ଚିନ୍ତା କରିଥିଲେ। ଏକରୁ ଅନେକ ନ୍ୟାୟରେ କ୍ରମଶଃ ପ୍ରଦର୍ଶିତ ହୋଇ ଶିଶୁନାଟକର ବିକାଶ ଘଟିଲା ମାତ୍ର କେତେ ବର୍ଷ ପାଇଁ। ଯାହା ଥିଲା ଶିଶୁ ସାହିତ୍ୟର ବିକାଶ ଧାରା ଅପେକ୍ଷା ସୀମିତ।

ନାଟ୍ୟଶାସ୍ତ୍ରର ପଞ୍ଚସନ୍ଧି ଯଥାଃ ମୁଖ, ପ୍ରତିମୁଖ, ଗର୍ଭ, ନିର୍ବହଣ ଓ ବିମର୍ଷ ଶିଶୁନାଟକ ପାଇଁ ପ୍ରଯୁଜ୍ୟ ନେହେଲ ବି ତାର ଚାରିସୂତ୍ର ଅର୍ଥାତ୍ ଆଙ୍ଗିକ, ବାଚିକ, ଆହାର୍ଯ୍ୟ ଓ ସାତ୍ତ୍ୱିକ ତହିଁରେ ସ୍ଥାନ ପାଇନଥିଲେ ନାଟକ ଅସଫଳ ହେବାର ଆଶଙ୍କା ଏଡ଼ାଇ ଦିଆଯାଇନପାରେ। ଏତଦ୍ ବ୍ୟତୀତ କାହାଣୀ, ଚରିତ୍ର, ସଂଳାପ, ଉତ୍କଣ୍ଠା, ଦ୍ୱନ୍ଦ୍ୱ, ସଂଘର୍ଷ, ନାଟ୍ୟଶ୍ଳେଷ, ଐକ୍ୟତ୍ରୟୀ ପ୍ରଭୃତି ସହ ଅଭିନୟ କଳା, ମଞ୍ଚସଜା, ଆଲୋକ ସମ୍ପାତ, ଆବହ ଓ କଣ୍ଠ ସଙ୍ଗୀତ ପ୍ରତି ଯଦି ସମ୍ୟକ୍ ଧ୍ୟାନ ଦିଆନଯାଏ ତେବେ ତାହା ମଞ୍ଚସ୍ଥ ଉପଯୋଗୀ ହେବା ଅସମ୍ଭବ।

ସାଧାରଣରେ ଶିଶୁମାନେ ହିଁ ଦେଶର ଭବିଷ୍ୟତ ବୋଲି ଯେତେବେଳେ ସ୍ୱର ଉତ୍ତୋଳିତ ହେଇ ଆସୁଛି ସେତେବେଳେ ସେମାନଙ୍କୁ ନେଇ ନାଟକ ପରିବେଷଣ କଲାବେଳେ ମନସ୍ତତ୍ତ୍ୱ, ଜାତୀୟତା, ଶିକ୍ଷା, ସଂସ୍କୃତି, କ୍ରୀଡ଼ା, ଐତିହ୍ୟ, ପରିବେଶ ସୁରକ୍ଷା, ତ୍ୟାଗ, ଆଦର୍ଶ, ସ୍ୱଦେଶପ୍ରେମ ପ୍ରଭୃତିର କିଛି କିଛି ଉପାଦାନ ନେଇ ନାଟକର କାହାଣୀ ଗଠିତ ହେବା ବିଧେୟ। ହିଂସା, ଦ୍ୱେଷ, ପରଶ୍ରୀକାତରତା, ପ୍ରେମ, ପ୍ରଣୟ, ଅସୂୟା ମନୋଭାବ, ଅନ୍ଧବିଶ୍ୱାସ, କୁସଂସ୍କାର ଏହି ନାଟକରେ ସମ୍ପୂର୍ଣ୍ଣ ଭାବେ ବର୍ଜନୀୟ। ସୀମିତ ଚରିତ୍ର, ସରଳ ଭାଷା ବିନ୍ୟାସ ସହ କ୍ଷୁଦ୍ର ସଂଳାପ ଓ ନିରାଡ଼ମ୍ବର ମଞ୍ଚସଜା ଓ ଗୋଟେ ଅଧେ ସିକ୍ୱେନ୍ସ ଗୀତ ସମେତ ଉପସ୍ଥାପନା ଶୈଳୀ ନିହାତି ସକାରାତ୍ମକ ଚିନ୍ତାଧାରାର ପର୍ଯ୍ୟାୟଭୁକ୍ତ ହେବା ଉଚିତ। ସର୍ବୋପରି ଏତାଦୃଶ ଯତ୍ନଶୀଳତାରେ ନାଟ୍ୟ ରଚୟିତା ଅପେକ୍ଷା ନିର୍ଦ୍ଦେଶକର ଭୂମିକା ଗୁରୁତ୍ୱପୂର୍ଣ୍ଣ କାରଣ ଏହା ପାରମ୍ପରିକ ନାଟକ ଠାରୁ ପୂରାପୂରି ଭିନ୍ନ।

ଅଧୁନା ଓଡ଼ିଆ ମଞ୍ଚ ନାଟକ ଓ ଯାତ୍ରା ନାଟକର ପ୍ରଗତି ପଥରେ ଶିଶୁ-କିଶୋର ନାଟକର ସୀମିତ ପ୍ରଦର୍ଶନ ନାଟ୍ୟପ୍ରେମୀ ଓ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗର କାରଣ ହେଇଛି। ଯେହେତୁ ଶିଶୁ ସଙ୍ଗୀତ, ନୃତ୍ୟ, ବିଜ୍ଞାନମେଳା, କ୍ରୀଡ଼ା ଓ ଚିତ୍ରାଙ୍କନ ପ୍ରଭୃତି କି ପ୍ରାଧାନ୍ୟ ଦିଆଯାଉଛି ସିନା ନାଟକ ଯେପରି ଅବହେଳିତ ହେଇଛି। ହାତଗଣତି ପରି ଓଡ଼ିଶାର ଯେଉଁ କେତୋଟି ପଞ୍ଜିକୃତ ତଥା ସରକାରୀ ଅନୁଦାନପ୍ରାପ୍ତ ନାଟ୍ୟାନୁଷ୍ଠାନ ଶିଶୁ-କିଶୋର ନାଟକ ମହୋତ୍ସବର ଆୟୋଜନ କରୁଛନ୍ତି ତାହା ପ୍ରଭାବହୀନ ହେଇପଡୁଛି। ବଜାରରେ ବି ପର୍ଯ୍ୟାପ୍ତ ଶିଶୁନାଟକ ଉପଲବ୍ଧ ହେଉନାହିଁ। ନାଟ୍ୟ ରଚୟିତାମାନଙ୍କ ଶିଶୁନାଟକ ପ୍ରତି ଉଦାସୀନତା ଏଥିରୁ ଅନୁମିତ ହୁଏ। ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ କହିଲେ ଠିକ୍ ହେବ। କିନ୍ତୁ ଶିଶୁ ସାହିତ୍ୟର ବିକାଶ ନିମନ୍ତେ ସରକାରୀ ଅନୁଦାନ ବନ୍ଦ ହେଇନାହିଁ।

**ଲାଞ୍ଜିପଲ୍ଲୀ, ବ୍ରହ୍ମପୁର, ମୋବାଇଲ: ୯୮୫୩୭୫୧୩୨୨**

# ଭାରତ ବିଶ୍ୱ ରତାୟିନୀ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ପରମପ୍ରେମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ନବବର୍ଷର ଶୁଭ ଆଶୀଷ ବାଣୀ - ଏହି ଉଷା, ଆମ୍ଭମାନଙ୍କର ନବବର୍ଷର ନବୀନ ଉଷା, ବର୍ତ୍ତମାନ ସୁଦ୍ଧା ତାର ଜାଗରଣ ଆସିଲେ ମଧ୍ୟ ନିଦ୍ରାବିହ୍ୱଳ ଆବିଳ ଆଳସ୍ୟ ଭାଙ୍ଗିନାହିଁ, ପକ୍ଷୀମାନେ ପ୍ରଭାତର ସାମଗାନ ଆରମ୍ଭ କରିନାହାନ୍ତି-ମଧେ ମଧେ ନିବିଡ଼ ନିସ୍ତବ୍ଧତା ଭାଙ୍ଗି ସାମତାନେ କେବଳ ଗୋଟିଏ ଗୋଟିଏ ଗାଇ ଉଠୁଛନ୍ତି। ଆଦିତ୍ୟ ତାର ବାଳରଶ୍ମୀ ବିକୀର୍ଣ୍ଣ କରି କୁଣ୍ଢାଇ ଧରିଛି ତାର ମା'ଉଷାଦେବୀଙ୍କୁ। ଉର୍ଦ୍ଧ୍ୱମୁଖୀ ହୋଇ ଦେଖ, ପ୍ରତ୍ୟେକଟି ଜ୍ୟୋତିଷ୍କ ଏହି ବାଳରଶ୍ମୀ ଜାଲକୁ ଆଲିଙ୍ଗନ କରୁଛନ୍ତି-ଏହା ଭିତର ଦେଇ ସେମାନଙ୍କର ପ୍ରଶ୍ନହରା ସତ୍ତା ଏକ ବିରାଟ ବିବର୍ଦ୍ଧନ ହୋଇ ସବୁ ନିଜତ୍ୱ ଗୁଡ଼ିକୁ ଦେଇ ଦେଇ ଏହି ଆଦିତ୍ୟକୁ ହିଁ ସାର୍ଥକ କରି କ୍ରମବିବର୍ଦ୍ଧନରେ ବୃହତ୍ତର କରି ତୋଳୁଛି - ସେମାନେ ଏହି ଦୃଷ୍ଟିର ସମ୍ମୁଖରେ ରହି ମଧ୍ୟ ଯେଭଳି ନିଜସ୍ୱହରା, ସତ୍ତାହରା କେଉଁ ଆଲୋକ ଅନ୍ତରାଳେ ହଜିଯାଉଛନ୍ତି - ଯଦିଓ ହଜି ଯାଇନାହାନ୍ତି-ଅଛନ୍ତି ଏହି ପରମ ଆଦିତ୍ୟେ-ଏକତ୍ୱେ। ପରମପିତାଙ୍କ ପାଖରେ ପ୍ରାର୍ଥନା - ତୁମ୍ଭେମାନେ ପ୍ରତ୍ୟେକ ଏହି ଜ୍ୟୋତିଷ୍କ ଭଳି ସେହି ପ୍ରକାର ଭଙ୍ଗୀରେ ପରମ ଆଦିତ୍ୟକୁ କୁଣ୍ଢାଇ ଧର, ତୁମ୍ଭମାନଙ୍କର ନିଜତ୍ୱର ସ୍ୱର ପରମପିତାଙ୍କ ଜ୍ୟୋତିର ଲହରରେ ମିଶିଯାଇ ସାର୍ଥକ କରି ଉଠାଓ ସମସ୍ତଙ୍କୁ- ଯେଉଁମାନେ ତୁମର ପାରିପାର୍ଶ୍ୱିକଙ୍କର ଏକାନ୍ତ ହୋଇ ତୁମର ଚେତନାକୁ ଚେତାଇ ତୋଳୁଛନ୍ତି। ମଙ୍ଗଳ ଆଣ, ଆଶୀର୍ବାଦ ଆଣ, ଅମୃତ ଆଣ, ଶାନ୍ତିପାଣି ଛିଟାଇ ଦିଅ, ପ୍ରତ୍ୟେକଙ୍କର ଅନ୍ତର ଅମୃତବାହୀ କରି ଉଠାଓ। ଭଲ-ମନ୍ଦ, ନ୍ୟାୟ-ଅନ୍ୟାୟ, ପୁଣ୍ୟ-ପାପ, ଆଲୋକ-ଅନ୍ଧାର, ଜୀବନ-ମରଣ - ଏହା ନେଇ ହିଁ ବିଶ୍ୱବ୍ୟଷ୍ଟି ଜୀବନ ସତ୍ତା ସମଷ୍ଟିର ସହିତ ଦୋଦୁଲ୍ୟମାନ - ଆଉ ଏହା ଭିତର ଦେଇ ସେମାନଙ୍କର ସାର୍ଥକ-ସମ୍ବର୍ଦ୍ଧନୀ ଉପଭୋଗ। ତେଣୁ ଏହି ଜୀବନ ଦୋଳିରେ ଯେଉଁମାନଙ୍କର ଅଧିଷ୍ଠାତ୍ର-ଦେବତା ବାଞ୍ଛିତ ପୁରୁଷୋତ୍ତମ, ସର୍ବବୃତ୍ତି ପ୍ରବୃତ୍ତିକୁ ଆବୀରଫାଗେ ଅନୁରଞ୍ଜିତ କରି ସେହି ବାଞ୍ଛିତ ନେଇ ହିଁ ଯେଉଁମାନଙ୍କର ଜୀବନକ୍ରିୟା-ସର୍ବତୋଭାବେ ତାଙ୍କୁ ଭରଣ କରିବା ହିଁ ଯେଉଁମାନଙ୍କର ଜୀବନ ଦୋଳଯାତ୍ରା - ଅମୃତର ଆକୁଳ ଚୁମ୍ବନ ଆଗ୍ରହ ମଦିର ଟାଣରେ ସେମାନଙ୍କୁ ଅମରଣଯାତ୍ରୀ କରିବାକୁ କେବେହେଲେ କ୍ଷାନ୍ତ ହୁଏନାହିଁ। ଆମ୍ଭମାନଙ୍କର ସବୁ ପ୍ରବୃତ୍ତି ଓ ପ୍ରାଣଢ଼ଳା ଏହି ଆବୀରାନୁରଞ୍ଜନା ଭଗବାନ ଶ୍ରୀ ପୁରୁଷୋତ୍ତମ, ତୁମ୍ଭମାନଙ୍କୁ ଅମୃତବାହୀ କରିଉଠାନ୍ତୁ। ଚିକଣ ସ୍ରାବଣେ ବୈକୁଣ୍ଠର ସିଂହାସନ - ସ୍ୱେଦନିସ୍ରାବୀ ଅମୃତ ବହନ କରି ମଳୟହିଲ୍ଲୋଳୀ ମା'ଙ୍କର ଚୁମ୍ବନ ପରି ଦରଦରଦୀ ଆଲିଙ୍ଗନେ ଏହି ନବବର୍ଷ ତୁମ୍ଭମାନଙ୍କୁ ଜୀବନ୍ତ କରିତୋଳୁ - ବାକ୍ୟେ, କର୍ମେ ଓ ଜ୍ଞାନେ - ପ୍ରତି ପ୍ରତ୍ୟେକ ପ୍ରତି ପ୍ରତ୍ୟେକଙ୍କର ସ୍ୱାର୍ଥ ହୋଇ ସମବେଦନା ସହିତ ଇଷ୍ଟାନୁଗ ଅଭିଦୀପନାର ଆଶୀଷ ବହନ କରି ତୁମ୍ଭେମାନେ ଅମୃତୋତ୍ସାରଣଶୀଳ ହୋଇଉଠ। ପରମପିତାଙ୍କ ଶ୍ରୀଚରଣରେ ମୋର ଏହି ଆକୁଳ ଭିକ୍ଷା - ତୁମ୍ଭେମାନେ ଶତ ଶତ ବର୍ଷ ଆୟୁର ଅଧିକାରୀ ହୋଇ ବାଧା-ବିପତ୍ତି-ଦୁଃଖ-ଅଭିଶାପକୁ ବିଦଳିତ କରି ଅମୃତ ବହନେ ଆରୋତର ହୁଅ।


**ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**




## ବିସିସିଆଇକୁ ଦେବକୀନନ୍ଦନ ଠାକୁରଙ୍କ ଅନୁରୋଧ

# ଆଇପିଏଲରୁ ବାଂଲାଦେଶୀ ଖେଳାଳିଙ୍କୁ ବାହାର କର



**ନୂଆଦିଲ୍ଲୀ,୩୧।୧୨:** ଇଣ୍ଡିଆନ୍ ପ୍ରିମିୟର ଲିଗ୍ ରେ ବାଂଲାଦେଶୀ ଖେଳାଳିଙ୍କୁ ସାମିଲ କରିବା ନେଇ ବିବାଦ ଘନୀଭୂତ ହେଉଛି। ଏନେଇ କଥାବାଚକ ଦେବକୀନନ୍ଦନ ଠାକୁର ଏହି ପ୍ରସଙ୍ଗରେ ଏକ କଡ଼ା ବିବୃତ୍ତି ଜାରି କରି ବିସିସିଆଇକୁ ଆଇପିଏଲରେ ବାଂଲାଦେଶୀ କ୍ରିକେଟରଙ୍କୁ ସାମିଲ ନକରିବାକୁ ଅନୁରୋଧ କରିଛନ୍ତି। ସେ ପ୍ରଶ୍ନ କରିଛନ୍ତି ଯେ, କାହିଁକି ବାଂଲାଦେଶୀ କ୍ରିକେଟରଙ୍କୁ ଆଇପିଏଲରେ ସାମିଲ କରାଯାଇଛି ଏବଂ ହିନ୍ଦୁମାନଙ୍କ ଭାବନାକୁ କାହିଁକି ବାରମ୍ବାର ଅଣଦେଖା କରାଯାଉଛି।

ଦେବକୀନନ୍ଦନ ଠାକୁର ତାଙ୍କ ବିବୃତ୍ତିରେ କହିଛନ୍ତି, ଆମେ କହିଥିଲୁ କୌଣସି ବାଂଲାଦେଶୀ କ୍ରିକେଟରଙ୍କୁ ସାମିଲ କରାଯିବା ଉଚିତ୍ ନୁହେଁ। ଆମେ କେଉଁ ଆଇପିଏଲ ଦଳରେ ବାଂଲାଦେଶୀ ଅଛନ୍ତି ତାହା ଜାଣିବା ପାଇଁ ଏକ ସନ୍ଧାନ କରିଥିଲୁ। ଆମେ ପାଇଥିଲୁ ଯେ ଜଣେ ବାଂଲାଦେଶୀ କ୍ରିକେଟର ଅଛନ୍ତି, କେବଳ ଜଣଙ୍କୁ ଆଇପିଏଲରେ କିଣାଯାଇଛି। ଯଦି ଆପଣ ହିନ୍ଦୁମାନଙ୍କୁ ଭଲ ପାଆନ୍ତି, ଯଦି ଆପଣ ଭାରତକୁ ଭଲ ପାଆନ୍ତି, ଏବଂ ଯଦି ଆପଣ ହିନ୍ଦୁମାନଙ୍କ ମୃତ୍ୟୁ ପାଇଁ ଦୁଃଖିତ, ତେବେ କେକେଆର ସେହି ବାଂଲାଦେଶୀ ଖେଳାଳିଙ୍କୁ ତୁରନ୍ତ ବାହାର କରନ୍ତୁ। ସେ ଏହା ମଧ୍ୟ କହିଛନ୍ତି ଯେ, ଯଦି ଏହା କରା ନ ଯାଏ, ତେବେ ସେମାନେ କେକେଆରକୁ ବୟକଟ୍ କରିବାକୁ ବାଧ୍ୟ ହେବେ। ସେହି ବାଂଲାଦେଶୀ ଖେଳାଳିଙ୍କୁ ୯.୨ କୋଟି ଟଙ୍କାରେ କିଣାଯାଇଥିଲା ଏବଂ ସେହି ଟଙ୍କା କେଉଁଠିକି ଯିବ? ଏହା କ'ଣ ପାଇଁ ବ୍ୟବହାର କରାଯିବ? ଅନେକ ହିନ୍ଦୁଙ୍କୁ ହତ୍ୟା କରାଯିବ। ଦେବକୀନନ୍ଦନ ଠାକୁର କହିଥିଲେ, କେକେଆର କର୍ତ୍ତୃପକ୍ଷ ଏହା ଭୁଲନ୍ତୁ ନାହିଁ, ଭାରତୀୟମାନେ ଆପଣଙ୍କୁ ହିରୋ କରିଥିଲେ, ଏବଂ ଯିଏ ଆପଣଙ୍କୁ ହିରୋ କରିପାରେ ସେ ଆପଣଙ୍କୁ ଜିରୋ ମଧ୍ୟ କରିପାରେ। ସେ ଚେତାବନୀ ଦେଇଥିଲେ ଯେ, ଏବେ ସୁଧୁରିବାର ସମୟ, ନଚେତ୍ ସମୟ ବିପରୀତ ଦିଗରେ ପ୍ରବାହିତ ହେବା ଆରମ୍ଭ କରିବ ଏବଂ ତା'ପରେ କେହି ତୁମକୁ ରକ୍ଷା କରିପାରିବେ ନାହିଁ।

## ବର୍ଷର ଶେଷ ଦିନରେ ଭାରତର ଶକ୍ତି ପରୀକ୍ଷଣ

# ଗୋଟିଏ ଲଞ୍ଚର୍‌ରୁ ଦୁଇ ପ୍ରଳୟ ମିସାଇଲ୍ ଲଞ୍ଚ୍

**ନୂଆଦିଲ୍ଲୀ,୩୧।୧୨:** ବର୍ଷର ଶେଷ ଦିନରେ ଭାରତ ନିଜ ପ୍ରତିରକ୍ଷା କ୍ଷମତାରେ ନୂଆ ଶକ୍ତି ଯୋଡ଼ିଛି। ନିଜ ପ୍ରତିରକ୍ଷା କ୍ଷମତାକୁ ନୂଆ ମଜଭୁତ କରି ଡିଆରଡିଓ ପ୍ରଳୟ ମିସାଇଲର ସଫଳ ସାଲଭୋ ଲଞ୍ଚ୍ କରିଛି। ଏହି ପରୀକ୍ଷଣ ଦେଶର ସ୍ୱଦେଶୀ ମିସାଇଲ୍ ପ୍ରଯୁକ୍ତି ଓ ତ୍ୱରିତ ପ୍ରତିକ୍ରିୟା କ୍ଷମତାର ଏକ ବଡ଼ ଉପଲବ୍ଧି କୁହାଯାଉଛି। ଗୋଟିଏ ହିଁ ଲଞ୍ଚରରେ କମ ସମୟ ବ୍ୟବଧାନରେ ଦୁଇ ମିସାଇର ସଫଳ ଉତକ୍ଷେପଣ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ଅଟେ।

ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ ବୁଧବାର ସକାଳ ପ୍ରାୟ ୧୦.୩୦ ମିନିଟରେ ଓଡ଼ିଶାର ଉପକୂଳରୁ ଗୋଟିଏ ଲଞ୍ଚରରେ ଦୁଇ ପ୍ରଳୟ ମିସାଇଲ୍ ଉତକ୍ଷେପଣ କରାଯାଇଥିଲା। ଏହି ଉଡାଣ ପରୀକ୍ଷଣ ୟୁଜର ଇଭାଲ୍ୟୁଏସନ ଟ୍ରାୟଲ୍ସ ଅଧୀନରେ କରାଯାଇଛି। ଦୁଇ ମିସାଇଲ ଧାର୍ଯ୍ୟ କରାଯାଇଥିବା ଦିଗରେ ଉଦ୍ଦେଶ୍ୟକୁ ସଫଳତା ସହ ହାସଲ କରିଥିଲେ। ମିସାଇଲର ସମ୍ପୂର୍ଣ୍ଣ ଉଡାଣ ଉପରେ ନଜର ରଖିବା ପାଇଁ ଚାନ୍ଦିପୁର ସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜରେ ସେନସର ଲଗାଯାଇଥିଲା।

● ୧୦୦୦ କିଲୋ ବାରୁଦ କ୍ଷମତା
● ଟାର୍ଗେଟ୍‌ରେ ପାକିସ୍ତାନ-ବାଂଲାଦେଶ



୭୫୦୦ କିଲୋମିଟର ପ୍ରତି ଘଣ୍ଟା ସ୍ପିଡରେ ଯାତ୍ରା କରିପାରୁଥିବା ଏହି ମିସାଇଲ୍ ୧୦୦୦ କିଲୋ ବାରୁଦ ନେବାରେ ସକ୍ଷମ। ଏହି ମିସାଇଲ୍ ଭାରତର ପ୍ରମୁଖ ସେନା କ୍ୟାମ୍ପ ଫିରୋଜପୁର, ଜୈସଲମେର, ଭୁଜ ଠାରୁ ପାକିସ୍ତାନର ୧୦ ବଡ଼ ସହର ଲାହୋର, ଫୈସଲାବାଦ, ଗୁଞ୍ଜରାବାଲା, ରାୱଲପିଣ୍ଡି, ଇସଲାମାବାଦ, ବାହବଲପୁର, ମୁସତାନ, ଲାହୋର, କରାଚୀ, ହାଇଦ୍ରାବାଦ, ସୁକ୍କୁରକୁ ଟାର୍ଗେଟ୍ କରାଯାଇପାରିବ।

ପ୍ରତିରକ୍ଷା ମନ୍ତ୍ରଣାଳୟ ଏହାକୁ ଭାରତର ସାମରିକ ମିସାଇଲ୍ କ୍ଷମତା ପାଇଁ ଏକ ବଡ଼ ଉପଲବ୍ଧି ଅଟେ। ପ୍ରଳୟ ସର୍ଟ ରେଞ୍ଜର ବାଲିଷ୍ଟିକ ମିସାଇଲ୍ ଓ ସମ୍ପୂର୍ଣ୍ଣ ରୂପେ ସ୍ୱଦେଶୀ ଅଟେ। ପୂର୍ବରୁ ଡିଆରଡିଓ ଜୁଲାଇ ୨୮-୨୯ରେ ଓଡ଼ିଶା ଉପକୂଳରେ ପ୍ରଳୟ କ୍ଷେପଣାସ୍ତ୍ରର ଦୁଇଟି ସଫଳ ପରୀକ୍ଷଣ କରିଥିଲା। ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାରେ ବିକଶିତ ଏହି ଆଧୁନିକ କ୍ୱାସି-ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ଖୁବ୍ ଶୀଘ୍ର ଭାରତୀୟ ସଶସ୍ତ୍ର ବାହିନୀରେ ସାମିଲ କରିବାକୁ ଯାଉଛି, ଯାହା ଦେଶର ପ୍ରତିରକ୍ଷା କ୍ଷମତା ଏବଂ ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବ।

## ଖାଲିଦା ଜିୟାଙ୍କ ଅନ୍ତ୍ୟେଷ୍ଟିରେ ଯୋଗଦେଲେ ଜୟଶଙ୍କର

**ଢାକା ୩୧।୧୨:** ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି ମୁଖ୍ୟ ବେଗମ ଖାଲିଦା ଜିୟାଙ୍କର ବୁଧବାର ଶେଷ କୃତ୍ୟ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଭାରତ ପକ୍ଷରୁ ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର ଯୋଗ ଦେଇଥିବା ବେଳେ ବିଏନପି କାର୍ଯ୍ୟକାରୀ ଅଧକ୍ଷ ତାରିକ ରହେମାନଙ୍କୁ ଭେଟି ପ୍ରଧାନମନ୍ତ୍ରୀଙ୍କ ଶୋକବାର୍ତ୍ତା ପ୍ରଦାନ କରିଛନ୍ତି। ବାଂଲାଦେଶରେ ଖାଲିଦା ଜିୟାଙ୍କ ବିୟୋଗରେ ୩ ଦିନିଆ ଜାତୀୟ ଶୋକ ଘୋଷଣା ହୋଇଥିବା ବେଳେ ବିଏନପି ପକ୍ଷରୁ ୭ ଦିନିଆ ଶୋକ ଦିବସ ପାଳନ କରାଯାଉଛି। ଖାଲିଦା ଜିୟାଙ୍କ ଅନ୍ତ୍ୟେଷ୍ଟିରେ ତାଙ୍କର ହଜାର ହଜାର ସମର୍ଥକଙ୍କ ସମେତ ବିଦେଶୀ



ପ୍ରତିନିଧି 'ଜନାଜେ ନମାଜ'ରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମ ଢାକା ସଂସଦ ପରିସରସ୍ଥିତ ସାଉଥ ପ୍ଲାଜାରେ ଅନୁଷ୍ଠିତ ହୋଇଛି। ପରେ ଖାଲିଦା ଜିଆୟଙ୍କୁ ତାଙ୍କ ସ୍ୱାମୀ ତଥା ପୂର୍ବତନ ରାଷ୍ଟ୍ରପତି ଜିୟାଉର ରହେମାନଙ୍କ କବର ନିକଟରେ 'ସୁପୁର୍ଦ-ଏ-ଖାକ' କରାଯାଇଛି। ଭାରତ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଶୋକ ବାର୍ତ୍ତାରେ ଖାଲିଦା ଜିୟାଙ୍କ ରାଜନୈତିକ ଯୋଗଦାନ ଓ ଗଣତାନ୍ତ୍ରିକ ମୂଲ୍ୟଗୁଡ଼ିକ ପ୍ରତି ତାଙ୍କ ନିଷ୍ଠାକୁ ସ୍ମରଣ କରାଯାଇଛି। ଏହି ଅବସରରେ ଜୟଶଙ୍କର ବାଂଲାଦେଶ ବୈଦେଶିକ ମନ୍ତ୍ରୀ ତୌହୀଦ ହୁସେନଙ୍କୁ ଭେଟିଛନ୍ତି ।

## ନୂଆବର୍ଷ ଆଗରୁ ଜୋରଦାର ପାଟ୍ରୋଲିଂ

# ଆତଙ୍କବାଦୀଙ୍କ ଗତିବିଧି ଉପରେ ବିଏସ୍‌ଏଫ୍‌ର ନଜର

**ନୂଆଦିଲ୍ଲୀ, ୩୧।୧୨ :** ନୂଆବର୍ଷ ଲାଗି ସାରା ଦେଶରେ ସେଲିବ୍ରେସନ ମାହୋଲ। କିନ୍ତୁ ସଜାଗ ରହିଛି ବିଏସଏଫ ବା ବର୍ଡର ସିକ୍ୟୁରିଟି ଫୋର୍ସ। ନୂଆବର୍ଷର ରାତିରେ ଅନୁପ୍ରବେଶ ଆଶଙ୍କା ଥିବାରୁ ସୀମାରେ ପାଟ୍ରୋଲିଂକୁ ଜୋରଦାର କରାଯାଇଛି। ଅନ୍ତର୍ଜାତୀୟ ସୀମାରେଖା ନିକଟରେ ଯବାନମାନେ କଡ଼ା ନଜର ରଖିଛନ୍ତି। ଗତ କିଛିଦିନ ଧରି ଜମ୍ମୁ-କାଶ୍ମୀରରେ ଆତଙ୍କବାଦୀଙ୍କ ଗତିବିଧି ବୃଦ୍ଧି ପାଇଛି। ବିଭିନ୍ନ ଜଙ୍ଗଲରୁ ସୁରକ୍ଷାକର୍ମୀ ବିପୁଳ ପରିମାଣରେ ଗୁଳିଗୋଳା ଏବଂ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ଶୀତଦିନ ଥିବାରୁ କୁହୁଡ଼ିର ସୁଯୋଗ ନେଇ ଆତଙ୍କବାଦୀମାନେ ସୀମା ପାର୍ କରିପାରନ୍ତି। ଜମ୍ମୁ-କାଶ୍ମୀର ସମେତ ସାରା ଦେଶରେ ଅଶାନ୍ତି ସୃଷ୍ଟି କରିପାରନ୍ତି। ଯାହାକୁ ରୋକିବାକୁ ସମସ୍ତ ପ୍ରକାର ଉଦ୍ୟମ କରୁଛନ୍ତି ଭାରତୀୟ ଯବାନ। ଦେଖିବାକୁ ମିଳୁଛି ଯେ, ଡିସେମ୍ବର ଶେଷ ତଥା ଜାନୁଆରୀ ଆରମ୍ଭରୁ ସୀମାରେ ପାଟ୍ରୋଲିଂ ଜୋର ହୋଇଛି। ଦିନ ଏବଂ ରାତି ତମାମ ଯବାନମାନେ ପହରା ଦେଉଛନ୍ତି। ଶତ୍ରୁର ଗତିବିଧି ଉପରେ ନଜର ରଖିଛନ୍ତି। ପିଓକେ ସମେତ ଅନ୍ୟ ଅନ୍ତର୍ଜାତୀୟ ସୀମାରେ ହାଇ ଆଲର୍ଟ ଜାରି କରାଯାଇଛି।୨୦୨୬ରେ ଭାରତ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେବ ବୋଲି ଆମେରିକାର ଏକ ସଂସ୍ଥା କହିଛି। ୟୁଏସ୍ ସଂସ୍ଥା ସିଏଫଆର୍ ଏହାର ୨୦୨୬ ରିପୋର୍ଟ କନଫ୍ଲିକ୍ଟସ୍ ଟୁ ୱାଚରେ କହିଛି ଯେ, ବର୍ଦ୍ଧିତ ଆତଙ୍କବାଦୀ କାର୍ଯ୍ୟକଳାପ ଯୋଗୁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ନୂଆ ସଶସ୍ତ୍ର ସଂଘର୍ଷ ହେବାର ସମ୍ଭାବନା ବହୁତ ଅଧିକ ରହିଛି।



## ଟ୍ରମ୍ପଙ୍କ ପରେ ଚୀନର ଯୁଦ୍ଧବିରତି ମଧ୍ୟସ୍ଥତା ଦାବି

# କୌଣସି ତୃତୀୟ ପକ୍ଷ ହସ୍ତକ୍ଷେପ କରିନଥିଲା: ଭାରତ

**ଆମେରିକା, ୩୧।୧୨ :** ଭାରତ-ପାକିସ୍ତାନ ଯୁଦ୍ଧବିରତିର ମଧ୍ୟସ୍ଥତା ଦାବି ତୀବ୍ର ହୋଇଛି। ପ୍ରଥମେ ଆମେରିକା ମଧ୍ୟସ୍ଥତା ଦାବି କରିଥିବା ବେଳେ ଏବେ ଚୀନ ଏହାକୁ ନେଇ ଦାବି କରିଛି। କିନ୍ତୁ ଉଭୟ ଦାବିକୁ ପ୍ରତ୍ୟାଖ୍ୟାନ କରିଛି ଭାରତ। ଯୁଦ୍ଧବିରତିରେ ୩ୟ ପକ୍ଷର ସମ୍ପୃକ୍ତି ନଥିଲା ବୋଲି ଭାରତ ସ୍ପଷ୍ଟ କରିଛି। ସୂଚନାନୁଯାୟୀ, ୨୦୨୫ ମେ ମାସର ଆରମ୍ଭରେ ଭାରତ-ପାକିସ୍ତାନ ବିବାଦ ସମୟରେ ଚୀନର ମଧ୍ୟସ୍ଥତା ଦାବିକୁ ଭାରତ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି। ମଧ୍ୟସ୍ଥତା ଉପରେ ଭାରତର ଦୃଷ୍ଟିକୋଣ ସର୍ବଦା ସ୍ପଷ୍ଟ ରହିଛି। ଅପରେସନ ସିନ୍ଦୁର ପରେ କୌଣସି ମଧ୍ୟସ୍ଥତା ହୋଇନଥିଲା। ଯୁଦ୍ଧବିରତିରେ କୌଣସି ତୃତୀୟ ପକ୍ଷ ହସ୍ତକ୍ଷେପ ହୋଇପାରିବ ନାହିଁ ବୋଲି ଭାରତ କହିଛି। ହେଲେ ଏହାରି ମଧ୍ୟରେ ଚୀନ୍ ଏବେ ଭାରତ-ପାକିସ୍ତାନ ଯୁଦ୍ଧରେ ମଧ୍ୟସ୍ଥତା କରିବାର ଭିତ୍ତିହୀନ ଦାବି କରିଛି। ବେଜିଂରେ ଅନ୍ତର୍ଜାତୀୟ ପରିସ୍ଥିତି ଏବଂ ଚୀନ୍‌ର ବୈଦେଶିକ ସମ୍ପର୍କ ଉପରେ ୱାଙ୍ଗ ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ କହିଛନ୍ତି ଯେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ସୀମାପାର ବିବାଦ ଅଧିକ ଥର ଘଟିଛି। ଫଳରେ ଭୂରାଜନୈତିକ ସ୍ଥଳରେ ଅସ୍ଥିରତା ବ୍ୟାପିବାରେ ଲାଗିଛି। ଦୀର୍ଘସ୍ଥାୟୀ ଶାନ୍ତି ପାଇଁ ଆମେ ଏକ ନିରପେକ୍ଷ ଏବଂ ସଠିକ୍ ମନୋଭାବ ଗ୍ରହଣ କରିଛୁ। ଏଥିସହ ଆହୁରି ମଧ୍ୟ ସେ କହିଛନ୍ତି, 'ଆମେ ବିବାଦୀୟ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଏକ ନିରପେକ୍ଷ ଏବଂ ସଠିକ୍ ଆଭିମୁଖ୍ୟ ଗ୍ରହଣ କରିଛୁ। ଉତ୍ତର ମିଆଁମାରରେ ମଧ୍ୟସ୍ଥତା , ଇରାନ ପରମାଣୁ ପ୍ରସଙ୍ଗ, ପାକିସ୍ତାନ ଏବଂ ଭାରତ ମଧ୍ୟରେ ଉତ୍ତେଜନା, ପାଲେଷ୍ଟାଇନ ଏବଂ ଇସ୍ରାଏଲ ମଧ୍ୟରେ ସମସ୍ୟା ଏବଂ କାମ୍ବୋଡିଆ ଏବଂ ଥାଇଲ୍ୟାଣ୍ଡ ମଧ୍ୟରେ ସାମ୍ପ୍ରତିକ ବିବାଦର ସମାଧାନ କରିଛୁ। ସୂଚନାଯୋଗ୍ୟ ଯେ, ଆମେରିକା ରାଷ୍ଟ୍ରପତି ପୂର୍ବରୁ ଅନେକ ଥର ଏହିପରି ଦାବି କରିଛନ୍ତି। ଭାରତ କିନ୍ତୁ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛି। ଭାରତ ଆହୁରି ମଧ୍ୟ କହିଛି ଯେ, ଏହି ଯୁଦ୍ଧବିରତି କୌଣସି ତୃତୀୟ ପକ୍ଷ ହସ୍ତକ୍ଷେପରୁ ହୋଇନାହିଁ। ବରଂ ଦୁଇ ଦେଶର ଡାଇରେକ୍ଟର ଜେନେରାଲ ଅଫ୍ ଷ୍ଟାଫଙ୍କ ମଧ୍ୟରେ ଆଲୋଚନାରୁ ହୋଇଛି।



## ● ଦିଲ୍ଲୀ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ପତ୍ନୀ ରୋଜଗାର କଲେ ବି ସ୍ୱାମୀ ପିଲାଙ୍କ ଦାୟିତ୍ୱରୁ ମୁକ୍ତ ନୁହେଁ




**ନୂଆଦିଲ୍ଲୀ,୩୧।୧୨:** ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଦିଲ୍ଲୀ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଯଦିଓ ମା' ଅଧିକ ରୋଜଗାର କରନ୍ତି, ତଥାପି ପିତାଙ୍କୁ ତାଙ୍କ ନାବାଳକ ପିଲାମାନଙ୍କ ପ୍ରତିପାଳନ ଦାୟିତ୍ୱରୁ ମୁକ୍ତ କରାଯାଇପାରିବ ନାହିଁ। କୋର୍ଟ କହିଛନ୍ତି ଯେ, ପିଲାମାନଙ୍କୁ ଭରଣପୋଷଣ କରିବା ଉଭୟ ପିତାମାତାଙ୍କ ଆଇନଗତ, ନୈତିକ ଏବଂ ସାମାଜିକ ଦାୟିତ୍ୱ। ଅଧିକ ଆୟ ଅନ୍ୟ ଜଣଙ୍କ ଦାୟିତ୍ୱରୁ ମୁକ୍ତ କରେନାହିଁ।

ମାମଲାର ଶୁଣାଣି କରି ଜଷ୍ଟିସ ସ୍ୱର୍ଣ୍ଣକାନ୍ତା ଶର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଯଦି ମା' ଅଧିକ ରୋଜଗାର କରନ୍ତି ଏବଂ ପିଲାମାନଙ୍କର ଯତ୍ନ ନିଅନ୍ତି, ତେବେ ସେ ପୂର୍ବରୁ ରୋଜଗାର ଏବଂ ପିଲାମାନଙ୍କର ପ୍ରାଥମିକ ଯତ୍ନ ନେବାର ଦ୍ୱିଗୁଣିତ ଦାୟିତ୍ୱ ବହନ କରିଛନ୍ତି। ଏପରି କ୍ଷେତ୍ରରେ, ପିତା ତାଙ୍କ ଆୟ ଲୁଚାଇ କିମ୍ବା ବୈଷୟିକ ବାହାନା ବ୍ୟବହାର କରି ଦାୟିତ୍ୱ ଏଡାଇ ପାରିବେ ନାହିଁ। କୋର୍ଟ ଆହୁରି କହିଛନ୍ତି ଯେ ଆଇନ ଜଣେ କର୍ମଜୀବୀ ମାଆଙ୍କୁ ଏତେ ଶାରୀରିକ, ଆର୍ଥିକ ଏବଂ ମାନସିକ ଭାବରେ କ୍ଲାନ୍ତ ହେବାକୁ ଅନୁମତି ଦିଏ ନାହିଁ ଯେ ପିତା ତାଙ୍କ ଦାୟିତ୍ୱ ପରିତ୍ୟାଗ କରିଦେବେ।

ସ୍ୱାମୀ ହାଇକୋର୍ଟରେ ଦାବି କରିଥିଲେ ଯେ, ତାଙ୍କର ମାସିକ ଆୟ ମାତ୍ର ୯୦୦୦ ଟଙ୍କା ଥିଲା, ଯେତେବେଳେ ତାଙ୍କ ସ୍ତ୍ରୀଙ୍କର ୩୪,୫୦୦ ଟଙ୍କା ଥିଲା। ସେ ଯୁକ୍ତି ଦେଇଥିଲେ ଯେ, ତାଙ୍କ ସ୍ତ୍ରୀ ଅଧିକ ରୋଜଗାର କରୁଥିବାରୁ ପିଲାମାନଙ୍କର ସମ୍ପୂର୍ଣ୍ଣ ଭାର ତାଙ୍କ ଉପରେ ଲଦିଦେବା ଆଇନର ନୀତି ବିରୁଦ୍ଧରେ। ସ୍ୱାମୀ ସ୍ତ୍ରୀଙ୍କୁ ଆଇନର ଅପବ୍ୟବହାର କରୁଥିବାର ମଧ୍ୟ ଅଭିଯୋଗ କରିଥିଲେ। ସ୍ତ୍ରୀ କୋର୍ଟ ସମ୍ମୁଖରେ ତାଙ୍କର ମାମଲା ଉପସ୍ଥାପନ କରିବା ସମୟରେ କହିଥିଲେ ଯେ, ପିଲାମାନଙ୍କ ଶିକ୍ଷା, ଚିକିତ୍ସା ଏବଂ ଦୈନନ୍ଦିନ ଆବଶ୍ୟକତା ପାଇଁ ସେ କେବଳ ଦାୟୀ। ସେ ଯୁକ୍ତି କରିଥିଲେ ଯେ, ମା' ଯେତେ ରୋଜଗାର କଲେ ମଧ୍ୟ ପିଲାମାନଙ୍କ ଭରଣପୋଷଣ ପାଇଁ ପିତାଙ୍କ ଦାୟିତ୍ୱ କେବେବି ହଟାଯାଇପାରିବ ନାହିଁ। ଜଣେ ପିତାଙ୍କୁ ତାଙ୍କ ସନ୍ତାନମାନଙ୍କ ପ୍ରତି କର୍ତ୍ତବ୍ୟ ଅନୁଭବ କରାଇବା ପତ୍ନୀଙ୍କ ଅଧିକାର। କୋର୍ଟଙ୍କ ନିଷ୍ପତ୍ତି ସ୍ପଷ୍ଟ ଭାବରେ ଏକ ବାର୍ତ୍ତା ଦେଇଛି ଯେ, ଉଭୟ ପିତାମାତା ପିଲାମାନଙ୍କୁ ଲାଳନପାଳନରେ ସମାନ ଭାବରେ ଭାଗ ନେବା ଉଚିତ।

# ନ୍ୟୁଜିଲ୍ୟାଣ୍ଡ୍ ଦେଖିଲା ନୂଆବର୍ଷର ପ୍ରଥମ ସକାଳ

**ନୂଆଦିଲ୍ଲୀ,୩୧।୧୨:** ନୂଆ ବର୍ଷର ଆଗମନ ପାଇଁ ସମସ୍ତଙ୍କ ଭିତରେ ଅପେକ୍ଷା। ବିଶ୍ୱ କ୍ୟାଲେଣ୍ଡର ପୃଷ୍ଠା ବଦଳାଇବାକୁ ପ୍ରସ୍ତୁତ ହେଉଛି। ଏହାରି ଭିତରେ ନ୍ୟୁଜିଲାଣ୍ଡ ପୁଣି ଥରେ ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁ ପ୍ରଥମ ଦେଶମାନଙ୍କ ମଧ୍ୟରୁ ଗୋଟିଏ ହୋଇଛି। ଏହି ଉତ୍ସବ ଅକଲ୍ୟାଣ୍ଡରେ ଏକ ଚମତ୍କାର ଆତସବାଜି ପ୍ରଦର୍ଶନ ସହିତ ଚିହ୍ନିତ ହୋଇଥିଲା। ଯାହା ସହରର ପ୍ରତୀକାତ୍ମକ ସ୍କାଏ ଟାୱାର ଉପରେ ଆକାଶକୁ ଆଲୋକିତ କରିଥିଲା। ସହରର ଆକାଶରେଖାର କେନ୍ଦ୍ରବିନ୍ଦୁ ସ୍କାଏ ଟାୱାର, ପୁଣିଥରେ ଉତ୍ସବର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସ୍ଥାନୀୟ ଲୋକଙ୍କ ଏବଂ ପରିଦର୍ଶକମାନଙ୍କୁ ବର୍ଷର କାଉଣ୍ଟଡାଉନ୍ ଦେଖିବା ପାଇଁ ଆକର୍ଷିତ କରିଥିଲା। ପାଞ୍ଚ ମିନିଟ୍‌ର ପ୍ରଦର୍ଶନୀରେ ୨୪୦ ମିଟର (୭୮୭ ଫୁଟ) ସ୍କାଏ ଟାୱାରର ବିଭିନ୍ନ ମହଲାରୁ ୩,୫୦୦ ଆତସବାଜି ପ୍ରଦର୍ଶିତ ହୋଇଥିଲା। ଏହା ସହିତ ପୂର୍ବାନୁମାନ ଏବଂ ସମ୍ଭାବ୍ୟ ଝଡ଼ବର୍ଷା ଯୋଗୁଁ ନ୍ୟୁଜିଲ୍ୟାଣ୍ଡର ଉତ୍ତର ଦ୍ୱୀପରେ ଛୋଟ ଛୋଟ ସମ୍ପ୍ରଦାୟ କାର୍ଯ୍ୟକ୍ରମଗୁଡ଼ିକୁ ବାତିଲ କରାଯାଇଥିଲା। ଭାରତରେ ଜିରୋ ନାଇଟ୍ ସେଲିବ୍ରେସନ୍‌ଠାରୁ ଆରମ୍ଭ କରି ଫୁଲ ଦୋକାନ, ମିଠା ଦୋକାନର ଭିଡ଼ ସମସ୍ତଙ୍କ ମନକୁ ଆନ୍ଦୋଳିତ କରିଲାଣି। ନୂଆବର୍ଷକୁ ସ୍ୱାଗତ କରିବା ଲାଗି ସମସ୍ତେ ଉତ୍ସୁକର ସହ ଅଛନ୍ତି।



# ବିଷାକ୍ତ ପାଣି ପିଇ ୮ ମୃତ, ଶତାଧିକ ଗୁରୁତର

● ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା
● ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ



**ନୂଆଦିଲ୍ଲୀ ୩୧।୧୨:** ଦେଶର ସବୁଠୁ ସ୍ୱଚ୍ଛ ସହରର ପାଣିରେ ବିଷ। ମଧପ୍ରଦେଶର ଇନ୍ଦୋରରେ ଖେଳିଯାଇଛି ଚାଞ୍ଚଲ୍ୟ। ଭାଗୀରଥପୁରାରେ ଦୂଷିତ ପାଣି ପିଇ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦୦ ଜଣ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସମସ୍ତଙ୍କ ଗୁରୁତରଙ୍କ ଚିକିତ୍ସାର ଖର୍ଚ୍ଚ ବହନ କରିବେ ସରକାର। ମୃତକଙ୍କ ପରିବାରକୁ ଦିଆଯିବ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ। ବର୍ତ୍ତମାନ ମଧପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାର ତଦନ୍ତ କରି ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଗତକାଲି ବିଳମ୍ବିତ ରାତିରେ ପୌର ଜୋନାଲ ଅଧିକାରୀ ଏବଂ ଜଣେ ସହକାରୀ ଯନ୍ତ୍ରୀଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଦାୟିତ୍ୱରେ ଥିବା ସବ-ଇଞ୍ଜିନିୟରଙ୍କୁ କାର୍ଯ୍ୟରୁ ବାହାର କରାଯାଇଛି। ଜଣେ ଅଧିକାରୀ କହିଛନ୍ତି ଯେ ଜଳ ପ୍ରଦୂଷଣ ଯୋଗୁଁ ମୃତ୍ୟୁ ଅଭିଯୋଗର ତଦନ୍ତ ପାଇଁ ଜଣେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କ ନେତୃତ୍ୱରେ ଏକ ତିନି କମିଟି ଗଠନ କରାଯାଇଛି। ଏହି ଅଞ୍ଚଳରେ ବାନ୍ତି, ଝାଡ଼ା, ପେଟ ଯନ୍ତ୍ରଣା ଭଳି ସମସ୍ୟା ଦ୍ରୁତ ଗତିରେ ବୃଦ୍ଧିପାଇଛି। ପ୍ରାୟ ୨,୦୦୦ ଲୋକ ଏଥିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଅନେକ ରୋଗୀଙ୍କୁ ଇନ୍ଦୋରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୨୫ ରୁ ୩୦ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଘର ଘର ବୁଲି ସର୍ଭେ କରିଛନ୍ତି। ଏପର୍ଯ୍ୟନ୍ତ, ୧,୧୦୦ରୁ ଅଧିକ ଘର ଯାଞ୍ଚ କରାଯାଇଛି। ଲୋକମାନଙ୍କୁ ଫୁଟା ପାଣି ପିଇବାକୁ ପରାମର୍ଶ ଦିଆଯାଇଛି। ପାଣି ନମୂନା ପରୀକ୍ଷା ପାଇଁ ପଠାଯାଇଛି । ୪୮ ଘଣ୍ଟା ମଧ୍ୟରେ ରିପୋର୍ଟ ଆସିବାର ଆଶା କରାଯାଉଛି।

● ପ୍ରଦୂଷଣ ସହ କୁହୁଡ଼ିରେ କଲବଲ ଦିଲ୍ଲୀ-ଏନସିଆରବାସୀ

# ୧୪୮ ବିମାନ ବାତିଲ, ଟ୍ରେନ୍ ବିଳମ୍ବିତ

**ନୂଆଦିଲ୍ଲୀ ୩୧।୧୨:** ଦିଲ୍ଲୀ-ଏନସିଆରରେ ବୁଧବାର ସକାଳେ ଘନ କୁହୁଡ଼ି ଛାଇ ଯିବାରୁ ଭିଜିବିଲିଟି ଖୁବ୍ କମ୍ ହୋଇଛି। ଇନ୍ଦିରା ଗାନ୍ଧୀ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ ପରିଚାଳନା ସମ୍ବନ୍ଧୀୟ ସମସ୍ୟା କାରଣରୁ ୧୪୮ଟି ବିମାନକୁ ବାତିଲ କରି ଦିଆଯାଇଛି, ଯେଉଁଥିରେ ୭୦ ପ୍ରସ୍ଥାନ ଓ ୭୮ ଆଗମନ ସାମିଲ ଅଛି। ଏହା ବ୍ୟତୀତ ଦୁଇଟି ଫ୍ଲାଇଟ୍‌କୁ ଡାଇଭର୍ଟ କରାଯାଇଛି। ଏହାସହ , କୁହୁଡ଼ି କାରଣରୁ ଟ୍ରେନ୍ ସେବା ପ୍ରଭାବିତ ହୋଇଛି। ଟ୍ରେନ୍ ବିଳମ୍ବ ହେବା କାରଣରୁ ଦିଲ୍ଲୀରେ ଷ୍ଟେସନ ଗୁଡ଼ିକରେ ଯାତ୍ରୀଙ୍କୁ ଅପେକ୍ଷା କରିବାକୁ ପଡ଼ିଛି।ଏୟାର କ୍ୱାଲିଟି ଅର୍ଲି ୱାର୍ଣ୍ଣିଂ ସିଷ୍ଟମ ୩୧ ଡିସେମ୍ବର ଓ ୧ ଜାନୁଆରୀରେ ବାୟୁର ଗୁଣବତ୍ତା ଗୁରୁତର ଶ୍ରେଣୀରେ ରହିବାକୁ ଚେତାବନୀ ଦେଇଛି। ଏହି ସ୍ଥିତି ପ୍ରତିକୂଳ ଭେଣ୍ଟିଲେସନ ଇଣ୍ଡେକ୍ସ ଓ ପ୍ରତି ଘଣ୍ଟାରୁ କମ୍ ବାୟୁର ସ୍ପିଡ୍ କାରଣରୁ ହୋଇଛି। ଆଇଜିଆଇ ଏୟାରପୋର୍ଟରେ ମଙ୍ଗଳବାର ଫ୍ଲାଇଟ୍ ଉପରେ ବଡ଼ ପ୍ରଭାବ ପଡ଼ିଛି। ସୂତ୍ରା ମୁତାବିକ ମୋଟ ୧୪୮ ଉଡ଼ାଣ ବାତିଲ ହୋଇଛି। ଏଥିରେ ୭୦ଟି ଫ୍ଲାଇଟ୍ ଦିଲ୍ଲୀରୁ ଯିବାର ଥିଲା ଏବଂ ୭୮ଟି ଫ୍ଲାଇଟ୍ ଦିଲ୍ଲୀ ପହଞ୍ଚିବାର ଥିଲା । ସକାଳ ୮.୩୦ ସମୟରେ ଏୟାରପୋର୍ଟରେ ସାଧାରଣ ଭିଜିବିଲିଟି ୨୫୦ ମିଟର ରୁଜୁ କରାଯାଇଛି , ଯାହାକି ରନୱେରେ ଭିଜିବିଲିଟି ୬୦୦ରୁ ୧୦୦୦ ମିଟର ମଧ୍ୟରେ ରହିଛି। ଏହି ଖରାପ ଭିଜିବିଲିଟି କାରଣରୁ ଯାତ୍ରୀଙ୍କୁ ଖୁବ୍ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏନସିଆରର ନିବାସୀ ଘନ କୁହୁଡ଼ି ଓ ବିପଜ୍ଜନକ ବାୟୁର ଗୁଣବତ୍ତା ଦେଇ ଗତି କରୁଛନ୍ତି। ପାଣିପାଗ ବିଭାଗ (ଆଇଏମଡି) ଦିଲ୍ଲୀ ପାଇଁ ୟେଲୋ ଆଲର୍ଟ ଜାରି କରିଛି, କାରଣ କୁହୁଡ଼ି ଗତ ଦିନର ତୁଳନାରେ ଅଧିକ ଘନ ଥିଲା। ବାୟୁର ଗତି ଧୀମା ହେବା ଓ ଭେଣ୍ଟିଲେସନ ଇଣ୍ଡେକ୍ସର ୬୦୦୦ ବର୍ଗ ମିଟର ପ୍ରତି ସେକେଣ୍ଡରୁ ତଳେ ରହିବା କାରଣରୁ ଆଗାମୀ ଛଅ ଦିନ ଯାଏ ବାୟୁ ଗୁଣବତ୍ତା ବହୁତ ଖରାପ ଶ୍ରେଣୀରେ ରହିବାର ଆଶଙ୍କା ରହିଛି।

## ଜିରୋ ନାଇଟ୍ ସେଲିବ୍ରେସନକୁ ନେଇ ବଡ଼ ପଦକ୍ଷେପ

# ମଦପିଇ ବେହାଲ୍ ହେଲେ ଘରେ ନେଇ ଛାଡ଼ିବ ପୁଲିସ

**ବେଙ୍ଗାଲୁରୁ,୩୧।୧୨:** ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ସାରା ଦେଶରେ ଉତ୍ସାହ। ୩୧ ସନ୍ଧ୍ୟାରୁ ଜିରୋ ନାଇଟ ସେଲିବ୍ରେସନ ଆରମ୍ଭ ହୋଇଛି। ଝୁମିଲେଣି ଝୁବପିଢ଼ି। ବାର, ପବରେ ଚାଲିଲାଣି କକଟେଲ ପାର୍ଟି। ମଦ୍ୟପଙ୍କ ଟେନସନ ନାହିଁ। ଅତ୍ୟଧିକ ମଦ୍ୟପାନ କରି ନିଜକୁ ନିୟନ୍ତ୍ରଣ କରିପାରିବେନି କିମ୍ବା ଅଚେତ ହୋଇପଡ଼ନ୍ତି, ସେମାନଙ୍କୁ ଘରେ ପହଞ୍ଚାଇବ ପୁଲିସ। ଏଭଳି ପଦକ୍ଷେପ ନେଇଛନ୍ତି କର୍ଣ୍ଣାଟକ ସରକାର।

ଗୃହମନ୍ତ୍ରୀ ଜି. ପରମେଶ୍ୱର କହିଛନ୍ତି ଯେ, ନୂତନ ବର୍ଷ ପୂର୍ବ ସନ୍ଧ୍ୟାରେ ହେବାକୁ ଥିବା ଭିଡ଼ ଏବଂ ଉତ୍ସବକୁ ଦୃଷ୍ଟିରେ ରଖି କର୍ଣ୍ଣାଟକ ସରକାର ଜରୁରୀକାଳୀନ ବିଭାଗକୁ ଆଲର୍ଟ କରିଛନ୍ତି। ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି ଏବଂ ନିଜକୁ ନିୟନ୍ତ୍ରଣ କରିପାରନ୍ତି ନାହିଁ ସେମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ସମସ୍ତଙ୍କୁ ଘରକୁ ଛାଡ଼ିବାକୁ ପଡ଼ିବନି। କିନ୍ତୁ ଯେଉଁମାନେ ମଦ୍ୟପାନ କରି ଚାଲିବାକୁ ଅସମର୍ଥ ନାହିଁ କିମ୍ବା ଅଚେତ ଅବସ୍ଥାରେ ଥିବେ ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇ ପରେ ଘରେ ପହଞ୍ଚାଇ ଦିଆଯିବ।

ଗୃହମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଏପରି ୧୫ଟି ସ୍ଥାନ ନିରୂପଣ କରାଯାଇଛି। ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରିଥିବା ଜଣାପଡିବ ସେମାନଙ୍କୁ କିଛି ସମୟ ପାଇଁ କିଛି ସମୟ ପାଇଁ ବିଶ୍ରାମ ଦିଆଯିବ। ସେମାନେ ସୁସ୍ଥ ହେବା ପରେ ସେମାନଙ୍କୁ ଘରକୁ ପହଞ୍ଚାଇ ଦିଆଯିବ। ଏହି ସୁବିଧା ବେଙ୍ଗାଲୁରୁ ପୁଲିସ ଦ୍ୱାରା ବିଶେଷ ଭାବରେ ନୂତନ ବର୍ଷ ପୂର୍ବ ସନ୍ଧ୍ୟାରେ ଯୋଗାଇ ଦିଆଯିବ।

ସେ କହିଛନ୍ତି ଯେ ଏପରି ଘଟଣା ପ୍ରାୟତଃ ବେଙ୍ଗାଲୁରୁ, ମହୀଶୁର, ବେଲାଗାଭି ଏବଂ ମାଙ୍ଗାଲୁରୁ ଭଳି ସହରରେ ଦେଖାଯାଏ। ଏହି ସ୍ଥାନଗୁଡ଼ିକରେ ନୂତନ ବର୍ଷ ପୂର୍ବ ସନ୍ଧ୍ୟାରେ ବହୁ ସଂଖ୍ୟକ ଲୋକ ନୂଆ ବର୍ଷ ପୂର୍ବ ସନ୍ଧ୍ୟାରେ ପାଳନ କରନ୍ତି। ବିଶେଷକରି ବେଙ୍ଗାଲୁରୁରେ ବାହାରୁ ଆସୁଥିବା ଲୋକଙ୍କ ସଂଖ୍ୟା ଅଧିକ, ଯେଉଁମାନେ ବାର୍ ଏବଂ ପବ୍‌ରେ ଉତ୍ସବ ପାଳନ କରନ୍ତି।

● କର୍ଣ୍ଣାଟକ ସରକାରଙ୍କ ସ୍ୱତନ୍ତ୍ର ପଦକ୍ଷେପ
● ମହିଳାଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଟିମ୍
● ଆଲର୍ଟରେ ୩୧ ଜିଲ୍ଲାକୁ ରଖାଯାଇଛି
● ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ନଜର
● ସଜାଗ ରହିବାକୁ ପୁଲିସଙ୍କୁ ନିର୍ଦ୍ଦେଶ



ମହିଳାଙ୍କ ସୁରକ୍ଷା ବିଷୟରେ ବିଶେଷ ଚିନ୍ତା ପ୍ରକଟ କରିଛନ୍ତି ସରକାର। କହିଛନ୍ତି ଯେ କେତେକ ସମୟରେ ମହିଳାମାନେ ମଧ୍ୟ ନିଶାଗ୍ରସ୍ତ ଅବସ୍ଥାରେ ଥାଆନ୍ତି ଏବଂ ସେହି ସମୟରେ ସେମାନଙ୍କ ସହିତ କିଛି ବି ଘଟିପାରେ। ତେଣୁ ସରକାର ପୂର୍ବରୁ ସତର୍କତାମୂଳକ ପଦକ୍ଷେପ ନେଇସାରିଛନ୍ତି। ପରିସ୍ଥିତିର ସୁଯୋଗ ନେବାକୁ ୩୧ ଜିଲ୍ଲାକୁ ଆଲର୍ଟରେ ରଖାଯାଇଛି। ଜନଗହଳିପୂର୍ଣ୍ଣ ଅଞ୍ଚଳ, ବାର୍ ଏବଂ ପବ୍ରେ କୌଣସି ବିଶୃଙ୍ଖଳା କିମ୍ବା ଦୁର୍ଘଟଣାକୁ ଏଡାଇବା ପାଇଁ ମଧ୍ୟ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ସରକାର କହିଛନ୍ତି ଯେ, ଯେଉଁଠାରେ ଅଧିକ ଭିଡ଼ ଜମା ହୁଏ, ସେଠାରେ ଠେଲାପେଲା ଏବଂ ଅବ୍ୟବସ୍ଥା ହେବାର ଆଶଙ୍କା ଥାଏ, ତେଣୁ ଅତିରିକ୍ତ ବ୍ୟବସ୍ଥା କରାଯାଉଛି। ମଦ୍ୟପାନ କରିଥିବା ଗାଡ଼ି ଚାଳକମାନଙ୍କ ପ୍ରତି ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଗୃହମନ୍ତ୍ରୀ କହିଛନ୍ତି ଯେ ପୁଲିସ ଏପରି ଘଟଣା ପାଇଁ ୧୬୦ଟି ସ୍ଥାନ ଚିହ୍ନଟ କରିଛି। ସେ କହିଛନ୍ତି ଯେ ଯଦି ପରିସ୍ଥିତି ନିୟନ୍ତ୍ରଣ କରାଯାଏ, ତେବେ ମାତ୍ର ଦୁଇ ଦିନ କଡ଼ାକଡ଼ି ଅନେକ ଜୀବନ ବଞ୍ଚାଇପାରିବ।

ଭିଡ଼କୁ ଦୃଷ୍ଟିରେ ରଖି, ପୁଲିସକୁ ପ୍ରତ୍ୟେକ ଦୃଷ୍ଟିକୋଣରୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସ ଅଧିକାରୀମାନେ ବଡି କ୍ୟାମେରା ପିନ୍ଧିବେ। ସିଧାସଳଖ କମାଣ୍ଡ ସେଣ୍ଟର ସହିତ ଯୋଗାଯୋଗରେ ରହିବେ। ଆବଶ୍ୟକ ହେଲେ ଅତିରିକ୍ତ ପୁଲିସ ଫୋର୍ସ ମଧ୍ୟ ନିୟୋଜିତ କରାଯାଇପାରିବ। ପୂର୍ବରୁ, କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ମଧ୍ୟ ବେଙ୍ଗାଲୁରୁରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ସହରରେ ୨୦ ହଜାରରୁ ଅଧିକ ପୁଲିସ କର୍ମଚାରୀ ମୁତୟନ କରାଯାଇଛି। ଏଥିରେ ମହିଳାଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଟିମ୍ ଅଛନ୍ତି। ନୂତନ ବର୍ଷକୁ ନିରାପଦ ଏବଂ ଶାନ୍ତିପୂର୍ଣ୍ଣ ଭାବରେ ପାଳନ କରିବା ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଭିଡ଼ ଏବଂ ଟ୍ରାଫିକ୍ ଉପରେ ନଜର ରଖାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଏନ୍‌ଏଚ୍- ୩୨୬ର ପ୍ରଶସ୍ତିକରଣକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ



**ନୂଆଦିଲ୍ଲୀ,୩୧।୧୨:** ନୂଆବର୍ଷ ପୂର୍ବରୁ ଓଡ଼ିଶା ପାଇଁ ଖୁସି ଖବର। ଜାତୀୟ ରାଜପଥ-୩୨୬ର ପ୍ରଶସ୍ତିକରଣ ଏବଂ ସୁଦୃଢ଼ୀକରଣକୁ ମିଳିଲା କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ବୁଧବାର ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକରେ ବିଭିନ୍ନ ରାଜ୍ୟର ଜାତୀୟ ରାଜପଥ ପ୍ରଶସ୍ତିକରଣ ଏବଂ ସୁଦୃଢ଼ୀକରଣ ପ୍ରସ୍ତାବ ଅନୁମୋଦିତ ହୋଇଛି।

ଏହା ଦ୍ୱାରା ଗଜପତି, ରାୟଗଡ଼ା ଓ କୋରାପୁଟର ଯାତାୟତକୁ ସୁଗମ କରିବା ସହିତ ସଂଯୋଗୀକରଣକୁ ଉନ୍ନତ କରାଯିବ। ଦୀର୍ଘ ୬୮ କିଲୋମିଟର ୬୦୦ ମିଟର ଦୈର୍ଘ୍ୟରୁ ୩୧୧ କିଲୋମିଟର ୭୦୦ ମିଟର ପର୍ଯ୍ୟନ୍ତ ବୃଦ୍ଧି କରାଯିବ। ଆସନ୍ତା ଦୁଇ ବର୍ଷ ମଧ୍ୟରେ ୨୦୬.୨ କିଲୋମିଟର ରାସ୍ତା ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଦୁଇ ଥାକିଆ ବିଶିଷ୍ଟ ରାସ୍ତା ଦୁଇ ଥାକିଆ ରାଜପଥରେ ପରିଣତ ହେବ। ଏଥିପାଇଁ ୧୫୨୬.୨୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି।

ବର୍ତ୍ତମାନ ଏନ୍‌ଏଚ୍-୩୨୬ର ମୋହନା-ଗଜପତି ରାସ୍ତା ଅତ୍ୟନ୍ତ ଜରାଜୀର୍ଣ୍ଣ ଏବଂ ସଙ୍କୀର୍ଣ୍ଣ ଅଟେ। ଭାରିଯାନ ଚଳାଚଳରେ ଅନେକ ଅସୁବିଧା ହେଉଛି। କ୍ୟାବିନେଟ ବିଜ୍ଞପ୍ତିରେ କୁହାଯାଇଛି, ଏହି ଉନ୍ନତି ଜ୍ୟାମିତିକ ସଂଶୋଧନ, ଫୁଟପାଥ୍ ସୁଦୃଢ଼ୀକରଣ ଏବଂ ଦୁର୍ଘଟଣା ପ୍ରବଣ ବ୍ଲାକ୍ ସ୍ପଟ୍ ଗୁଡ଼ିକୁ ଦୂର କରି ଏହି ସମସ୍ୟାଗୁଡ଼ିକର ସମାଧାନ କରିବ, ଯାହା ସୁଗମ ଏବଂ ନିରବଚ୍ଛିନ୍ନ ଟ୍ରାଫିକ ପ୍ରବାହକୁ ଅନୁମତି ଦେବ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଯାତ୍ରା ସମୟ ଏବଂ ଯାନବାହାନ ପରିଚାଳନା ଖର୍ଚ୍ଚ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ତତସହିତ ରାସ୍ତା ସୁରକ୍ଷାରେ ମଧ୍ୟ ଉନ୍ନତି ଆଣିବା ମାଲ ପରିବହନ ବୃଦ୍ଧି କରିବାରେ ସାହାଯ୍ୟ କରିବ ଏବଂ ସମଗ୍ର ଅଞ୍ଚଳରେ ଯାତ୍ରୀ ଯାତ୍ରାକୁ ଅଧିକ ନିର୍ଭରଯୋଗ୍ୟ କରିବ। ଅଧିକାରୀମାନେ କହିଛନ୍ତି ଯେ ଏହି ପ୍ରକଳ୍ପ ଦକ୍ଷିଣ ଓଡ଼ିଶାର ସାମଗ୍ରିକ ବିକାଶରେ, ବିଶେଷକରି ଆଦିବାସୀ ଏବଂ ଆକାଂକ୍ଷୀ ଅଞ୍ଚଳରେ, ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ପ୍ରଶସ୍ତିକରଣ ହେବାକୁ ଥିବା ଏନଏଚ୍-୩୨୬, ଏନ୍‌ଏଚ୍-୨୬, ଏନ୍‌ଏଚ୍-୫୯ ଏବଂ ଏନ୍‌ଏଚ୍-୧୬ ଭଳି ପ୍ରମୁଖ ଜାତୀୟ ରାଜପଥଗୁଡ଼ିକୁ ଉତ୍ତମ ସଂଯୋଗ ପ୍ରଦାନ କରିବ ଏବଂ ରାୟପୁର-ବିଶାଖାପାଟଣା କରିଡର ସହିତ ସଂଯୋଗକୁ ସୁଦୃଢ଼ କରିବ । ଏହା ଗୋପାଳପୁର ବନ୍ଦର, ଜୟପୁର ବିମାନବନ୍ଦର ଏବଂ ନିକଟବର୍ତ୍ତୀ ରେଳ ଷ୍ଟେସନ ସହିତ ଯୋଗାଯୋଗକୁ ସହଜ କରିବ । ତେବେ ଏହି ମଞ୍ଜୁରୀ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ମୁଖ୍ୟମନ୍ତ୍ରୀ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତୀନ ଗଡକରୀଙ୍କୁ ଧନ୍ୟବାଦ ଦେଇଛନ୍ତି।



୨୦୨୫ ମସିହାର ଶେଷ ସୂର୍ଯ୍ୟୋଦୟ

# ନୂଆବର୍ଷ ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ

**ପୁରୀ,୩୧।୧୨ (ସଂଚାର ବ୍ୟୁରୋ):** ୨୦୨୬କୁ ସ୍ୱାଗତ କରିବାକୁ ପୁରୀରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବଗଲା ଧର୍ମଶାଳାଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ବ୍ୟାରିକେଡ କରାଯାଇ ଖରାବର୍ଷା ପାଇଁ ଗେରୁଆ ରଙ୍ଗରେ କନା ଲଗାଯାଇଛି। ବ୍ୟାରିକେଡ ଯିବା ସମୟରେ ଭକ୍ତଙ୍କୁ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି । ନୂଆବର୍ଷ ପାଇଁ ହୋଟେଲ, ଲଜିଂ, ଧର୍ମଶାଳା ଓ ବାସଗୃହକୁ କରିଥିବା ଲଜିଂ ସବୁ ବୁକିଂ ଶେଷ ହୋଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ୬୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ଟ୍ରାଫିକ କଣ୍ଟ୍ରୋଲ ପାଇଁ ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି । ସେହିପରି ସମୁଦ୍ରକୂଳରେ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳିଛି। ଦିଗବାରେଣୀ ଛକଠାରୁ ଲାଇଟହାଉସ ପର୍ଯ୍ୟନ୍ତ ନୋ ପାର୍କିଂଜୋନ ଘୋଷଣା କରାଯାଇଛି। ଅଧିକ ଲାଇଫଗାର୍ଡ ସମୁଦ୍ରକୂଳେ ନିୟୋଜିତ ହୋଇଛନ୍ତି। ପର୍ଯ୍ୟଟକଙ୍କ ସମୁଦ୍ର ସ୍ନାନ ସମୟରେ ଲାଇଫଗାର୍ଡ ମାନେ ନଜର ରଖିବେ। ହୋଟେଲ ଗୁଡିକ ଆଲୋକ ମାଳାରେ ସଜ୍ଜିତ ହୋଇଛି। ସମୁଦ୍ରକୂଳ ଆଲୋକରେ ଆଲୋକିତ ହୋଇଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏସପି ପ୍ରତୀକ ସିଂହ ସମସ୍ତ ବ୍ୟବସ୍ଥାକୁ ତଦାରଖ କରୁଛନ୍ତି।

# ଚଳନ୍ତା କାରରେ ଯୁବତୀଙ୍କୁ ଗଣଦୁଷ୍କର୍ମ

- ଲିଫ୍ଟ ଦେବା ବାହାନାରେ ଘଟାଇଲେ କାଣ୍ଡ
- ପୀଡ଼ିତା ଗୁରୁତର, ହସ୍ପିଟାଲରେ ଚିକିତ୍ସାଧୀନ
- ଦୁଇ ଅଭିଯୁକ୍ତ ଫେରାର, ପୁଲିସ ତନାଘନା ଜାରି



**ନୂଆଦିଲ୍ଲୀ, ୩୧।୧୨:** ହରିୟାଣାର ଫରିଦାବାଦରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଲିଫ୍ଟ ଦେବା ବାହାନାରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିଲା। ଅଭିଯୁକ୍ତମାନେ ତାଙ୍କୁ ଫରିଦାବାଦ-ଗୁରୁଗ୍ରାମ ରାସ୍ତାରେ ଦୁଇ ଘଣ୍ଟା ପର୍ଯ୍ୟନ୍ତ କାରରେ ବୁଲାଇଥିଲେ ବୋଲି ଅଭିଯୋଗ ହୋଇଛି। ଗଣଦୁଷ୍କର୍ମ ପରେ ଭୋର ୩ଟାରେ ସେମାନେ ତାଙ୍କୁ ଏସଜିଏମ ନଗର ନିକଟରେ ଚଳନ୍ତା କାରରୁ ଫିଙ୍ଗିଦେଇ ପଳାଇ ଯାଇଥିଲେ। ଗୁରୁତର ଅବସ୍ଥାରେ ମହିଳାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୀଡିତାଙ୍କ ପରିବାରର ଅଭିଯୋଗ ଆଧାରରେ ଏକ ଏଫଆଇଆର ରୁଜୁ କରାଯାଇଛି ଏବଂ ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ଅଭିଯୁକ୍ତମାନଙ୍କୁ ଖୋଜା ଚାଲିଛି। ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୀଡିତାଙ୍କ ଭଉଣୀ ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ତାଙ୍କୁ ରାତି ୮.୩୦ରେ ତାଙ୍କ ଭଉଣୀଙ୍କ ଠାରୁ ଏକ ଫୋନ୍ ଆସିଥିଲା। ତାଙ୍କୁ କୁହାଯାଇଥିଲା ଯେ, ତାଙ୍କର ତାଙ୍କ ମାଆଙ୍କ ସହ ଝଗଡ଼ା ହୋଇଛି ଏବଂ ସେ ତାଙ୍କ ବନ୍ଧୁଙ୍କ ଘରକୁ ଯାଉଛନ୍ତି। ସେ କହିଥିଲେ ଯେ, ସେ ତାଙ୍କ ବନ୍ଧୁଙ୍କ ଘରୁ ତିନିଘଣ୍ଟା ମଧ୍ୟରେ ଫେରିବେ। ପୀଡିତାଙ୍କ ଭଉଣୀଙ୍କ କହିବା ଅନୁଯାୟୀ, ରାତି ପ୍ରାୟ ୧୨ଟାରେ ସେ ଘରକୁ ଆସିବା ପାଇଁ ଅପେକ୍ଷା କରିଥିଲେ। ଏହି ସମୟରେ, ଏକ ଇକୋ ଭ୍ୟାନରେ ଦୁଇଜଣ ଯୁବକ ଆସିଥିଲେ ଓ ଗାଡି ଅଟକାଇଥିଲେ। ଅଭିଯୋଗ ହୋଇଛି ଯେ, ଲିଫ୍ଟ ଦେବା ପରେ, ଦୁଇଜଣ ବ୍ୟକ୍ତି ଭ୍ୟାନଟିକୁ ଗୁରୁଗ୍ରାମ ରୋଡ ଆଡକୁ ନେଇଗଲେ। ଫରିଦାବାଦ-ଗୁରୁଗ୍ରାମ ରୋଡରେ ହନୁମାନ ମନ୍ଦିର ଅତିକ୍ରମ କରିବା ପରେ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଗାଡ଼ି ଚଲାଇ ଚାଲିଥିଲେ ଏବଂ ଅନ୍ୟଜଣେ ମହିଳାଙ୍କୁ ବଳାତ୍କାର କରିଥିଲେ। ଅଭିଯୁକ୍ତ ଫରିଦାବାଦ-ଗୁରୁଗ୍ରାମ ରୋଡରେ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଭ୍ୟାନ ଚଳାଇଥିଲେ। ଭୋର ୩ଟାରେ, ଅଭିଯୁକ୍ତ ପୀଡିତାଙ୍କୁ ଚଳନ୍ତା ଭ୍ୟାନରୁ ଫିଙ୍ଗିଦେଇ ପଳାଇ ଯାଇଥିଲେ। ରାସ୍ତାରେ ପଡ଼ିଯିବା ପରେ ମହିଳାଙ୍କ ମୁହଁ ଏବଂ ମୁଣ୍ଡରେ ଆଘାତ ଲାଗିଥିଲା। ବିଳମ୍ବିତ ରାତିରେ, ପୀଡିତା ତାଙ୍କ ଭଉଣୀଙ୍କୁ ଡାକି ଘଟଣା ବିଷୟରେ ଜଣାଇଥିଲେ। ସେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୀଡିତାଙ୍କୁ ଚିକିତ୍ସା ପାଇଁ ଫରିଦାବାଦ ସିଭିଲ୍ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ତାଙ୍କ ଅବସ୍ଥା ଦେଖିବା ପରେ ଡାକ୍ତରମାନେ ତାଙ୍କୁ ଦିଲ୍ଲୀର ଏମ୍ସ ରେଫର କରିଥିଲେ।

● ମମତା ସରକାରଙ୍କୁ ଶୁଭେନ୍ଦୁଙ୍କ ଆକ୍ରମଣ

# ବଙ୍ଗଳାରେ ମହିଳା ସୁରକ୍ଷିତ ନୁହଁନ୍ତି

**କୋଲକାତା,୩୧।୧୨(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗରେ ମହିଳାଙ୍କ ସୁରକ୍ଷାକୁ ନେଇ ରାଜନୈତିକ ଲଢ଼େଇ ପୁଣି ଥରେ ତୀବ୍ର ହୋଇଛି। ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ରାଜ୍ୟ ବିଧାନସଭାରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ବୁଧବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ଏକ ଭିଡିଓ ସେୟାର କରି ମମତା ବାନାର୍ଜୀ ସରକାରଙ୍କ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ତାଙ୍କ ପୋଷ୍ଟରେ, ଅଧିକାରୀ ଦାବି କରିଛନ୍ତି ଯେ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର କ୍ୟାନିଂ ମହକୁମାର ବାସନ୍ତୀ ବ୍ଲକର ଉତ୍ତର ଭାଙ୍ଗନାମାରି ଗ୍ରାମରୁ ଦେଖାଯାଉଥିବା ଦୃଶ୍ୟ ଅତ୍ୟନ୍ତ ବିବ୍ରତକାରୀ। ସେ ଅଭିଯୋଗ କରିଛନ୍ତି ଯେ, ଅଭିଯୋଗକାରୀଙ୍କ ଅନୁଯାୟୀ, ଜଲିଲ ଲସ୍କର, ମୁନ୍ନା ଲସ୍କର, ଆରିଫ ଲସ୍କରଙ୍କ ସହିତ ଅନ୍ୟ କେତେ ଜଣ ବ୍ୟକ୍ତି ମହିଳା ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ନିର୍ମମ ଭାବରେ ଆକ୍ରମଣ କରିଛନ୍ତି। ଅଧିକାରୀ କହିଛନ୍ତି ଯେ, ସମ୍ପୂର୍ଣ୍ଣ ଘଟଣାଟି ସ୍ପଷ୍ଟ ଦିବାଲୋକରେ ଘଟିଥିଲା ଏବଂ ଭିଡିଓରେ ଆକ୍ରମଣ ସ୍ପଷ୍ଟ ଭାବରେ ଦେଖାଯାଉଛି। ଶୁଭେନ୍ଦୁ ଅଧିକାରୀ ତାଙ୍କ ବିବୃତ୍ତିରେ କହିଛନ୍ତି ଯେ ପଶ୍ଚିମବଙ୍ଗରେ କୌଣସି ମହିଳା ସୁରକ୍ଷିତ ନୁହଁନ୍ତି ଏବଂ ରାଜ୍ୟ ସରକାର ମହିଳା ବିରୋଧୀ ସରକାର। ମହିଳାଙ୍କ ସୁରକ୍ଷା ପାଇଁ ଏହି ସରକାରଙ୍କୁ ହଟାଇବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବିଜେପି ନେତା ଏହି ମାମଲାରେ ଜାତୀୟ ମହିଳା କମିଶନଙ୍କ ହସ୍ତକ୍ଷେପ ମଧ୍ୟ ଦାବି କରିଛନ୍ତି।




ବର୍ଷ ଶେଷଦିନ କଟକ ରୋଡରେ ଥିବା ଏକ ମଦ ଦୋକାନରେ ପ୍ରବଳ ଭିଡ଼

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳନ ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦୁଝର,୩୧।୧୨ (ସଂଚାର ବ୍ୟୁରୋ):** ଆଗାମୀ ୬ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୫୪ ତମ ଜନ୍ମ ଦିବସ ପାଳିତ ହେବ। ଏହି ଅବସରରେ ଭାରତୀୟ ଜନତା ପାର୍ଟି କେନ୍ଦୁଝର ଜିଲ୍ଲା କାର୍ଯ୍ୟାଳୟରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଅଧ୍ୟକ୍ଷତା କରି ଥିବାବେଳେ ସାଂସଦ ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କେନ୍ଦୁଝର ଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଅନୁବ୍ରତ ବେହେରା, ଅଶ୍ୱିନୀ ପଟ୍ଟନାୟକ, କିରଣବାଳା ନାୟକଙ୍କ ସହ ସମସ୍ତ ଜିଲ୍ଲା ପଦାଧିକାରୀ ଉପସ୍ଥିତ ଥିଲେ।

# ଭଦ୍ରକରେ ବିଜେପିର ମିଶ୍ରଣ

**ଭଦ୍ରକ, ୩୧।୧୨ (ସଂଚାର ବ୍ୟୁରୋ):** ଆଜି ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ବନ୍ତ ପଞ୍ଚାୟତର ସମିତିସଭ୍ୟ ତଥା ବରିଷ୍ଠ କମ୍ୟୁନିଷ୍ଟ ନେତା ପରମେଶ୍ୱର ବାରିକ, ଗୋବିନ୍ଦପୁର ପଞ୍ଚାୟତର ସରପଞ୍ଚ ସସ୍ମିତା ମହାପାତ୍ର ଓ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଭବେନ୍ଦ୍ର ସାହୁଙ୍କ ସହିତ ୫୦୦ ରୁ ଅଧିକ କାର୍ଯ୍ୟକର୍ତ୍ତା ଯଥାକ୍ରମେ କମ୍ୟୁନିଷ୍ଟ ଓ ବିଜୁ ଜନତା ଦଳ ପରିତ୍ୟାଗ କରି ଭଦ୍ରକ ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଭାରତୀୟ ଜନତା ପାର୍ଟି ଭଦ୍ରକ ଜିଲ୍ଲା ସଭାପତି ଭଗବାନ ପଣ୍ଡା, ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର,ଲୁଲୁ ଭାଇଙ୍କ ଉପସ୍ଥିତିରେ ଯୋଗ ଦେଇଛନ୍ତି।




# ରାଜ୍ୟ ବିଜେପି ନେତୃତ୍ୱଙ୍କ ସହ ଶାହଙ୍କ ଆଲୋଚନା



**କୋଲକାତା,୩୧।୧୨(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ମଧ୍ୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ରାତିରେ ରାଜ୍ୟ ବିଜେପିର କୋର୍ କମିଟି ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ଶାହ ପ୍ରତ୍ୟେକ ଅଞ୍ଚଳର ରାଜନୈତିକ ଏବଂ ସାମାଜିକ ପରିସ୍ଥିତି ବିଷୟରେ ବିସ୍ତୃତ ସୂଚନା ନେଇଥିଲେ ଏବଂ ଉପସ୍ଥିତ ନେତାମାନଙ୍କଠାରୁ ଖୋଲାଖୋଲି ଭାବରେ ପରାମର୍ଶ ଲୋଡ଼ିଥିଲେ।

ବୈଠକରେ ଉପସ୍ଥିତ ଜଣେ ବରିଷ୍ଠ ରାଜ୍ୟ କମିଟି ନେତା କହିଛନ୍ତି ଯେ କୋର୍ କମିଟି ବୈଠକ ସଲ୍ଟଲେକ୍ ସ୍ଥିତ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ବିଜେପି ସଭାପତି ଶମିକ ଭଟ୍ଟାଚାର୍ଯ୍ୟ, ବିଧାନସଭାରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ, କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ଏବଂ ଶାନ୍ତନୁ ଠାକୁରଙ୍କ ସମେତ ବରିଷ୍ଠ ସଂଗଠନ ଅଧିକାରୀ ଏବଂ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ବୈଠକରେ ଉପସ୍ଥିତ ଥିଲେ। ଦଳୀୟ ସୂତ୍ର ଅନୁସାରେ, ଶାହ ପ୍ରତ୍ୟେକ ଅଞ୍ଚଳର ପରିସ୍ଥିତି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ଏବଂ ବୁଥ୍ ସ୍ତର ପର୍ଯ୍ୟନ୍ତ ସଂଗଠନକୁ ମଜବୁତ କରିବା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ।

ବିଜେପି ସୂତ୍ର ଅନୁସାରେ, ଶାହ ଆଶ୍ୱାସନା ଦେଇଛନ୍ତି ଯେ ଭୋଟର ତାଲିକାରୁ ବହୁ ସଂଖ୍ୟକ ମତୁଆ ସମ୍ପ୍ରଦାୟର ସଦସ୍ୟଙ୍କୁ ବାଦ ନ ଦେବା ପାଇଁ ସେ ବ୍ୟକ୍ତିଗତ ଭାବରେ ଦାୟିତ୍ୱ ନେବେ। ମତୁଆ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରି ତୃଣମୂଳ କଂଗ୍ରେସ ଦ୍ୱାରା ରାଜନୈତିକ ଲାଭ ହାସଲ କରିବାର ଯେକୌଣସି ପ୍ରୟାସକୁ ବିଫଳ କରିବାକୁ ସେ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କୋର କମିଟି ବୈଠକ ପରେ, ଅମିତ ଶାହ ନ୍ୟୁ ଟାଉନର ତାଲକୁଠିରେ ପହଞ୍ଚିଥିଲେ, ଯେଉଁଠାରେ ସେ ରାତି ବିତାଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହିତ ଏକ ସମନ୍ୱୟ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଆର୍‌ଏସ୍‌ଏସ୍ ଏବଂ ବିଜେପି ମଧ୍ୟରେ ଜାତୀୟ ସ୍ତରୀୟ ସମନ୍ୱୟ ପାଇଁ ଦାୟିତ୍ୱରେ ଥିବା ଅରୁଣ କୁମାରଙ୍କ ସମେତ ଅନେକ ପ୍ରମୁଖ ନେତା ଉପସ୍ଥିତ ଥିଲେ।

# ଭାରତକୁ ଲସ୍କର ଆତଙ୍କବାଦୀର ଚେତାବନୀ

**ନୂଆଦିଲ୍ଲୀ,୩୧।୧୨:** ପାକିସ୍ତାନରୁ ଆସିଲା ଆତଙ୍କବାଦୀଙ୍କ ଧମକ। ଅପରେସନ ସିନ୍ଦୂରରେ ଘାଇଲା ଆତଙ୍କବାଦୀ ଏବେ ପ୍ରତିଶୋଧ ଅପେକ୍ଷାରେ। ଲସ୍କର ଏ-ତାଇବା ଆତଙ୍କବାଦୀ ସଂଗଠନର ଲିଡର ଭାରତକୁ ଦେଇଛି ଧମକ। ଭାରତ ଆକ୍ରମଣ କରି ବଡ଼ ଭୁଲ୍ କରିଛି। ଏଥର ମିଶନ କାଶ୍ମୀରରୁ ଆଉ ପଛଘୁଞ୍ଚା ନାହିଁ।

ଆତଙ୍କବାଦୀ ହାପିଜ୍ ସୟିଦର ସହଯୋଗୀ ସୈଫୁଲ୍ଲାହ କସୁରୀ ମଙ୍ଗଳବାର ପାକିସ୍ତାନରୁ ଏଭଳି ଖୋଲାଖୋଲି ରଣହୁଙ୍କାର ଦେଇଛି। ଭାରତର ଅପରେସନ ସିନ୍ଦୂର ଆତଙ୍କୀ ସଂଗଠନ ଲସ୍କର ଏ ତାଇବାକୁ କ୍ଷତି ପହଞ୍ଚାଇଛି ବୋଲି ସ୍ୱୀକାର କରି କସୁରୀ କହିଛି ଭାରତ ବଡ଼ ଭୁଲ କରି ଦେଇଛି। ସଂଗଠନ କେବେ ବି ମିଶନ କାଶ୍ମୀରରୁ ଓହରିବା ନାହିଁ।

ହାଫିଜ୍ ସଇଦ ନେତୃତ୍ୱାଧୀନ ଆତଙ୍କୀ ସଂଗଠନର ଲସ୍କର ତାଇବାର ଉପମୁଖ୍ୟ ଏବଂ ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ହେଉଛି ସୈଫୁଲ୍ଲା କସୁରୀ। ମଙ୍ଗଳବାର ସଂଗଠନର ହଜାର ହଜାର ଆତଙ୍କବାଦୀଙ୍କ ଉପସ୍ଥିତିରେ ସେ ଏଭଳି ଆହ୍ୱାନ ଦେଇଛି। କସୁରୀ କହିଛି "ଭାରତ କେବଳ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରି ଅପରେସନ ସିନ୍ଦୁରରେ ଏକ ବଡ଼ ଭୁଲ କରିଛି। " କସୁରୀ ଆହୁରି କହିଛି ଯେ ସମଗ୍ର ବିଶ୍ୱକୁ ଓଲଟପାଲଟ ହେଇଯାଉ, ବ୍ୟବସ୍ଥାକୁ ପରିବର୍ତ୍ତନ ହେଇଯାଉ, ହେଲେ ସଂଗଠନ କେବେ ବି ତା'ର ଉଦ୍ଦେଶ୍ୟରୁ ଓହରିବା ନାହିଁ।

କେବଳ କାଶ୍ମୀର ନୁହେଁ, ଭାରତର ଏକାଧିକ ସ୍ଥାନକୁ ପାକିସ୍ତାନ ଭାରତ ଠାରୁ ଛଡ଼ାଇ ନେବା ବୋଲି କସୁରୀ କହିଛି। ସମର୍ଥକଙ୍କୁ ଉତ୍ତେଜିତ କରିବାକୁ ସେ କହିଛି ଯେ କାଶ୍ମୀର, ଅମୃତସର, ହୋସିଆରପୁର, ଗୁରଦାସପୁର, ଜୁନାଗଡ଼, ମୁନାବାଦର କିଛି ଅଂଶ, ହାଇଦ୍ରାବାଦ ଡେକାନ, ବଙ୍ଗଳା ଏଗୁଡ଼ିକ ସବୁ ପାକିସ୍ତାନର ଅଞ୍ଚଳ ଥିଲା। ଏଗୁଡ଼ିକୁ ଇସଲାମାବାଦରୁ ଛଡ଼ାଇ ନିଆଯାଇଛି। ଏଗୁଡ଼ିକୁ ସବୁ ଫେରାଇ ଆଣିବାକୁ ହେବ ବୋଲି କସୁରୀ ଧମକ ଦେଇଛି।

ଏହା ପୂର୍ବରୁ ଏକ ରାଲିରେ ଯୋଗ ଦେଇ ପହଲଗାମ ଆକ୍ରମଣରେ ତାକୁ ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଥିଲା। ସେ କହିଥିଲା "ମୋତେ ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି, ଏବେ ମୋ ନାଁ ସାରା ବିଶ୍ୱରେ ପ୍ରସିଦ୍ଧ ହୋଇଯାଇଛି।"

● ପାଞ୍ଚ ବର୍ଷର ରେକର୍ଡ ଭାଙ୍ଗିଲା ଶୀତ

# କୋଲକାତା ତାପମାତ୍ରା ୧୧ ଡିଗ୍ରୀକୁ ଖସିଲା



**କୋଲକାତା,୩୧।୧୨(ସଂଚାର ବ୍ୟୁରୋ):** କୋଲକାତାରେ ଶୀତ ସବୁ ରେକର୍ଡ ଭାଙ୍ଗିଛି। ସକାଳେ ପାରଦ ୧୧ ଡିଗ୍ରୀ ସେଲସିୟସକୁ ଖସି ଆସିଥିଲା, ଯାହା ଗୋଟିଏ ଦିନରେ ପ୍ରାୟ ୧.୬ ଡିଗ୍ରୀ କମ୍ ଏବଂ ସ୍ୱାଭାବିକଠାରୁ ପ୍ରାୟ ୨.୮ ଡିଗ୍ରୀ କମ୍। ମଙ୍ଗଳବାର, ସହରର ସର୍ବନିମ୍ନ ତାପମାତ୍ରା ୧୨.୬ ଡିଗ୍ରୀ ଥିଲା। ଏଦିନ ସକାଳେ ସହରତଳି ରାସ୍ତା ଏବଂ ପାଦଚଲା ରାସ୍ତାଗୁଡ଼ିକ ଘନ କୁହୁଡ଼ିରେ ଢାଙ୍କି ହୋଇଯାଇଥିଲା। କୁହୁଡ଼ି ଯୋଗୁଁ ସହରରେ ଯାତାୟାତରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥିଲା। ଗତ କିଛି ଦିନ ମଧ୍ୟରେ, ସହର ଏବଂ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥଣ୍ଡା ପବନ ପ୍ରବେଶ କରିଛି। ପାଣିପାଗ ବିଭାଗ ଜଣାଇଛି ଯେ, ଉତ୍ତର ଦିଗର ପବନର ପଥରେ କୌଣସି ପ୍ରତିବନ୍ଧକ ନ ଥିବାରୁ ସାରା ରାଜ୍ୟରେ ଶୀତ ବୃଦ୍ଧି ପାଉଛି। ଯଦିଓ ଦକ୍ଷିଣ ବଙ୍ଗରେ ନୂତନ ବର୍ଷରେ ତାପମାତ୍ରା ସାମାନ୍ୟ ବୃଦ୍ଧି ପାଇପାରେ, କିନ୍ତୁ ହାଡ଼ଭଙ୍ଗା ଶୀତ କୌଣସି ଆଶ୍ୱସ୍ତି ଆଣିବ କି ନାହିଁ ତାହା ନିଶ୍ଚିତ ନୁହେଁ। ଉତ୍ତରବଙ୍ଗରେ କୁହୁଡ଼ି ପରିସ୍ଥିତି ଆହୁରି ଖରାପ। କୋଚବିହାର, ଜଳପାଇଗୁଡ଼ି, ଦାର୍ଜିଲିଂ, କାଲିମ୍ପଙ୍ଗ, ଆଲିପୁରଦୁଆର, ଦକ୍ଷିଣ ଦିନାଜପୁର, ମାଲଦା, ଉତ୍ତର ଦିନାଜପୁର, ମୁର୍ଶିଦାବାଦ ଏବଂ ନଦିଆରେ ଘନ କୁହୁଡ଼ି ସତର୍କତା ଜାରି କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପୁରୀ...

ଜୁଲାଇ ୩ ତାରିଖରେ ପୁରୀକୁ ମହାନଗର ନିଗମ ମାନ୍ୟତା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ଏଥିପାଇଁ ପୁରୀବାସୀଙ୍କ ମଧ୍ୟ ବହୁ ଦିନର ଦାବି ରହିଆସିଥିଲା।

ଏହି ବିଜ୍ଞପ୍ତି ପ୍ରକାଶ ପାଇବା ଦ୍ୱାରା ପୁରୀ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ଓ ଆନନ୍ଦର ଲହରୀ ଖେଳି ଯାଇଛି। ମହାନଗର ଗଠନ ହେବା ଦ୍ୱାରା ପୁରୀ ଓ ଆଖପାଖ ଅଞ୍ଚଳରେ ବ୍ୟାପକ ଭିତ୍ତିଭୂମିର ବିକାଶ ସହ ଏକ ବୃହତ୍ ସହରାଞ୍ଚଳ ଗଠନ ହେବ।

ପୁରୀ ସହ ୪ ଟି ସହରକୁ ଏନ୍‌ଏସି ହେଲା ବୋଲି ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଗୁଡ଼ିକ ହେଲା ବଲାଙ୍ଗୀର ଜିଲ୍ଲାର ଲୋଇସିଂଘା, ଯାଜପୁର ଜିଲ୍ଲାର ଚଣ୍ଡିଖୋଲ, ମୟୂରଭଞ୍ଜ ଜିଲ୍ଲାର ଯଶୀପୁର ଓ ବାଲେଶ୍ୱର ଜିଲ୍ଲାର ବସ୍ତା। ଏହା ସହିତ ବ୍ରହ୍ମପୁର ମହାନଗର ନିଗମର କଳେବର ବୃଦ୍ଧି ସମ୍ପର୍କରେ ମଧ୍ୟ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ସମ୍ପର୍କରେ ସ୍ୱାୟତ୍ତଶାସନ ଦିବସ ଅଗଷ୍ଟ ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

## ଘେଁସ...

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାଧୋ ସିଂହଙ୍କ ପରି ଦେଶଭକ୍ତ ସମ୍ପୂର୍ଣ୍ଣ ମାନବ ସମାଜକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କର ତ୍ୟାଗ କେବଳ ଓଡିଶା ନୁହେଁ, ସାରା ଭାରତ ଏପରିକି ବିଶ୍ୱ ଇତିହାସରେ ବିରଳ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଦେଶପାଇଁ ସେ ନିଜ ଜୀବନ ସହିତ ନିଜର ଚାରିପୁଅ ଓ ଜାମାତାଙ୍କର ମଧ୍ୟ ବଳିଦାନ ଦେଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଦିବାସୀ କେବଳ ଯୁଦ୍ଧ ନୁହେଁ, ସମାଜ ଗଠନ ଦିଗରେ, ସାମାଜିକ ଶୃଙ୍ଖଳା ରକ୍ଷା ଦିଗରେ ମଧ୍ୟ ନିଜର ଯୋଗଦାନ ଦେଇଆସିଛନ୍ତି। ଶହୀଦ ମାଧୋ ସିଂଙ୍କୁ ନିଜର ଆଦର୍ଶ ମନେକରି ବିଂଝାଳ ଜାତି ତାଙ୍କ ବୀରତା ଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆଗାମୀ ପିଢ଼ି ସହିତ ପରିଚିତ କାରାଇବାର ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି ବୋଲି କହିବା ସହିତ ଆଦିବାସୀ କଲ୍ୟାଣ ସଂଘକୁ ମୁଖ୍ୟମନ୍ତ୍ରୀ ସାଧୁବାଦ ଜଣାଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶହୀଦ ମାଧୋ ସିଂଙ୍କ ଭଳି ମହାପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳି ଏବଂ ସମ୍ମାନ ଜଣାଇବା ପାଇଁ ସେମାନଙ୍କ ଜନ୍ମସ୍ଥାନର ସ୍ୱତନ୍ତ୍ର ବିକାଶ ନିମନ୍ତେ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ। ଆମ ସରକାର ଆସିବା ପରେ ମହାପୁରୁଷମାନଙ୍କ ସାଧନା, ତ୍ୟାଗ ଓ ସମାଜ ପାଇଁ ଥିବା ଅବଦାନକୁ ନୂତନ ପିଢ଼ି ସହ ପରିଚୟ କରାଇ ସେମାନଙ୍କ ମଧ୍ୟରେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନବୋଧ ଭରିଦେବା ଉଦ୍ଦେଶ୍ୟରେ ଅନେକ ଯୋଜନା ଓ ପଦକ୍ଷେପ ଗ୍ରହଣ କରିଛନ୍ତି। ଘେଁସର ଏହି ମହାନାୟକଙ୍କୁ ଯଥୋଚିତ ସମ୍ମାନ ଦେବା ପାଇଁ ତାଙ୍କ ଜନ୍ମପୀଠ ଘେଁସକୁ 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା'ରେ ସାମିଲ କରାଯାଇଛି। ଏହା ମାଧ୍ୟମରେ ଶହୀଦଙ୍କ ଜନ୍ମପୀଠର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍କୁଲ୍ ଡ୍ରପ-ଆଉଟ୍ ହାର ରୋକିବା ପାଇଁ'ଶହୀଦ ମାଧୋ ସିଂ ହାତଖର୍ଚ୍ଚ' ଯୋଜନା ପ୍ରସ୍ତୁତ ହୋଇଛି। ଏହି ଯୋଜନାରେ ଛାତ୍ରଛାତ୍ରୀମାନଙ୍କୁ ନବମ ଓ ଏକାଦଶ ଶ୍ରେଣୀରେ ଅଧ୍ୟୟନ ପାଇଁ ଏକକାଳୀନ ସହାୟତା ରାଶି ଭାବରେ ଛାତ୍ରଛାତ୍ରୀ ପିଛା ୫ ହଜାର ଟଙ୍କା ପ୍ରଦାନ କରାଯାଉଛି। ଘେଁସ ଗ୍ରାମ ପଞ୍ଚାୟତର ମଧ୍ୟ ୧୦୦ଜଣ ଛାତ୍ରଛାତ୍ରୀ ଏହି ଯୋଜନାରେ ସାମିଲ ହୋଇଛନ୍ତି ବୋଲି ସେ କହିଥିଲେ।

ଘେଁସ ଗ୍ରାମ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାରଙ୍କ ସମସ୍ତ ପ୍ରମୁଖ ଯୋଜନା ଯେପରି କି ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି, ଅନ୍ତ୍ୟୋଦୟ ଗୃହ ଯୋଜନା, ପିଏମ କିଷାନ, ସିଏମ କିଷାନ, ଆୟୁଷ୍ମାନ ଭାରତ ଯୋଜନା, ସବୁଥିରେ ଏ ଅଞ୍ଚଳବାସୀ ସାମିଲ ଅଛନ୍ତି। ସମ୍ପୂର୍ଣ୍ଣ ଘେଁସ ଅଞ୍ଚଳର ବିକାଶ ପାଇଁ ଯୋଜନା କରାଯାଉଛି। ଘେଁସ ଅଞ୍ଚଳର ୧୩୭୫ ଜଣ ସୁଭଦ୍ରା ଭଉଣୀଙ୍କ ମଧ୍ୟରୁ ୬୧୭ଜଣ ଲକ୍ଷପତି ଦିଦି ହୋଇ ସାରିଲେଣି ବୋଲି ମୁଖ୍ୟମନ୍ତ୍ରୀ ବ୍ୟକ୍ତ କରିଥିଲେ।ସେ ପୁଣି କହିଥିଲେ, ୨୦୩୬ ମସିହା ପାଇଁ ବିକଶିତ ଓଡ଼ିଶାର ଯେଉଁ ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇଛି, ସେଥିରେ ଘେଁସ ଅଞ୍ଚଳର ମଧ୍ୟ ଭାଗିଦାରୀ ରହିଛି, ତେଣୁ ଏ ଅଞ୍ଚଳର ବରପୁତ୍ର ଓ ସାଧକମାନଙ୍କ ପଥକୁ ଅନୁସରଣ କରି ଜନ୍ମଭୂମି ପ୍ରତି ଉତ୍ସର୍ଗୀକୃତ ମନୋଭାବ ପୋଷଣ ସହ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନର ବିକଶିତ ଭାରତ ଓ ସମୃଦ୍ଧ ଓଡିଶା ଗଠନରେ ନିଜର ବଳିଷ୍ଠ ଯୋଗଦାନ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମର ପରିସମାପ୍ତି ପରେ ମୁଖ୍ୟମନ୍ତ୍ରୀ ଶହୀଦ ମାଧୋ ସିଂଙ୍କ ବାସଗୃହ ପରିସରରେ ତାଙ୍କ ପରିବାର ବର୍ଗଙ୍କୁ ଭେଟିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗଡତିଆ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବିଶିଷ୍ଟ କୋଶଳି କବି ପଦ୍ମଶ୍ରୀ ଡକ୍ଟର ହଳଧର ନାଗ, ଶହୀଦ ମାଧୋ ସିଂଙ୍କ ଦାୟଦ ଲୋକେଶ୍ୱର ସିଂ ବରିହା, ଜିଲ୍ଲାପାଳ ଆଦିତ୍ୟ ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠୁ...

ଦାୟିତ୍ୱ ନେଇଛନ୍ତି ୧୯୯୧ ମସିହା ବ୍ୟାଚ୍ ଆଇଏଏସ ଅଫିସର ଅନୁ ଗର୍ଗ। ପୂର୍ବତନ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କଠାରୁ ଆଜି ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ନୂଆବର୍ଷ ଠାରୁ ସେ ବିଧିବଦ୍ଧଭାବେ ନୂଆ ଦାୟିତ୍ୱ ତୁଲାଇବେ। ମୁଖ୍ୟ ଶାସନ ସଚିବଭାବେ ଅନୁଙ୍କ ସାମ୍ନାରେ ରହିବ ଅନେକ ଚ୍ୟାଲେଞ୍ଜ।

ଅନୁ ଗର୍ଗ ନୂଆ ଦାୟିତ୍ୱ ନେବା ପୂର୍ବରୁ ହିଁ ପାୱାର କରିଡରରେ ଆରମ୍ଭ ହୋଇଛି ହଲଚଲ। କିଛି ବରିଷ୍ଠ ଆଇଏଏସ ଅଫିସରଙ୍କୁ ପଦୋନ୍ନତି ସହ ବଡ଼ ଧରଣର ଅଦଳବଦଳ ନେଇ ସଂକେତ ମିଳିଛି। ପ୍ରାଶାସନିକ ମଙ୍ଗ ଧରିବା ପରେ ନୂଆ ଟିମ୍ ଗଠନର ଚାଲିଛି ଅଙ୍କକଷା। କାହାକୁ ଭରଷିବେ ଅନୁ ତାହାକୁ ନେଇ ଜିଲ୍ଲାସ୍ତରରୁ ତୃତୀୟ ମହଲା ଯାଏଁ ଭିନ୍ନ ଭିନ୍ନ ଚର୍ଚ୍ଚା। ଅନ୍ୟପଟେ ଲୋକଙ୍କ ସରକାରରେ ଲୋକଙ୍କ ପାଇଁ ଟିମ୍ ୱର୍କ ହୋଇ କାମ କରିବାକୁ ପରାମର୍ଶ ଦେଇଛନ୍ତି ପୂର୍ବତନ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। ମୋହନ ସରକାରଙ୍କ ଭାବମୂର୍ତ୍ତି ସଜାଡିବା ଏବଂ ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ ମନୋଜ। ତେଣୁ ଏହି ଧାରାକୁ ବଜାୟ ରଖିବା ଅନୁଙ୍କ ପାଇଁ ସାଜିବ ବଡ଼ ଆହ୍ୱାନ।

ଦାୟିତ୍ୱ ନେବା ପରେ ଅନୁ ଗର୍ଗ କହିଛନ୍ତି ଏଇଟା ମୋ ପାଇଁ ବହୁତ ବଡ଼ ଦାୟିତ୍ୱ ଆଉ ସୁଯୋଗ। ଆଇଏଏସ ଯୋଗ ଦେବାବେଳେ ସମସ୍ତଙ୍କ ସ୍ୱପ୍ନ ଥାଏ ରାଜ୍ୟର କେମିତି ଉନ୍ନତି ଓ ପ୍ରଗତି କରିବୁ। ତେଣୁ ଏହା ବହୁତ ବଡ଼ ସୁଯୋଗ। ରାଜ୍ୟ ସରକାର ସୁନ୍ଦର ଭିଜନ ଡକ୍ୟୁମେଣ୍ଟ ୨୦୨୬ ବନେଇଛନ୍ତି। ସ୍ୱପ୍ନର ଓଡ଼ିଶା ଗଠନ କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ବୋଲି ସେ କହିଛନ୍ତି। ଚାଲେଞ୍ଜ ବହୁତ ଅଛି, ସମୟ କ୍ରମେ ତାକୁ ହାଣ୍ଡେଲ କରିବୁ। କେବଳ ମହିଳା ସଶକ୍ତିକରଣ ନୁହେଁ, ଯୁବ ଶକ୍ତିକୁ ବି ସଶକ୍ତ କରାଯିବ। ପର୍ଯ୍ୟଟନ ବିକାଶ ସହ ଇଜ ଅଫ ଡୁଇଙ୍ଗ ବିଜିନେସକୁ ବଢାଯିବ। ଗ୍ରାଉଣ୍ଡରେ ଥିବା ସମସ୍ୟାର ସମାଧାନ କେମିତି ହେବ, ତାହା ପ୍ରାଥମିକତା ବୋଲି ସେ କହିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ଉନ୍ନିତ ହୋଇଛନ୍ତି ୧୯୯୬ ବ୍ୟାଚର ଆଇଏଏସ ଅଫିସର ଅରବିନ୍ଦ ପାଢ଼ୀ। ଶ୍ରୀ ପାଢ଼ୀ ଏବେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ଅଛନ୍ତି। ପଦୋନ୍ନତି ନେଇ ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ କେନ୍ଦ୍ରୀୟ ଡେପୁଟେସନରେ ଥିବା ୧୯୯୫ ବ୍ୟାଚର ଆଇଏଏସ ଅଫିସର ସୁଶୀଲ କୁମାର ଲୋହାନିଙ୍କୁ ମଧ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ମିଳିଛି।

## ପ୍ରଶାନ୍ତଙ୍କୁ ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ



**ଛତ୍ରପୁର,୩୧।୧୨ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ, ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ପଦବୀ ପାଇଁ ମନୋନୀତ କରାଯାଇଛି।ସେ ଏହି ନିଯୁକ୍ତି ସହିତ ଦଳୀୟ ସଂଗଠନକୁ ସଦୃଢ଼ କରିବା, ରାଜ୍ୟ ସ୍ତରର କାର୍ଯ୍ୟକଳାପରେ ସମନ୍ୱୟ ନେବା ଓ ଯୁବ ପ୍ରକଳ୍ପଗୁଡ଼ିକୁ ଆଗକୁ ନେବା ଦାୟିତ୍ୱ ନିଭାଇବେ। ପୂର୍ବରୁ, ଶ୍ରୀ ପଣ୍ଡା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରସଂସଦ ସଭାପତି, ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ଭାବେ ଓ ବିଭିନ୍ନ ସାମାଜିକ ଓ ସଂଗଠନାତ୍ମକ କାର୍ଯ୍ୟରେ ସକ୍ରିୟ ଭାଗ ନେଇ ନେତୃତ୍ୱ ଦକ୍ଷତା ପ୍ରଦର୍ଶନ କରିଥିଲେ। ତାଙ୍କର ପୂର୍ବ ଅଭିଜ୍ଞତା ଦଳର ରାଜ୍ୟ ସ୍ତରର କାର୍ଯ୍ୟକଳାପକୁ ସୁଦୃଢ଼ ଓ ସମର୍ଥନଶୀଳ ଭାବେ ନେବାରେ ସାହାଯ୍ୟ କରିବ ବୋଲି ସମର୍ଥକମାନେ ଆଶା ପ୍ରକାଶ କରିଛନ୍ତି। ଏହି ନୂତନ ଦାୟିତ୍ୱ ପାଇଲା ପରେ, ଶ୍ରୀ ପଣ୍ଡା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ କୁମାର ସାହୁ ସମେତ ଦଳର ବରିଷ୍ଠ ନେତୃବୃନ୍ଦ ଓ ବିଭିନ୍ନ ଦଳୀୟ ପଦାଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ମଣ୍ଡିରେ ସୁବ୍ୟବସ୍ଥିତ ଧାନ କ୍ରୟ ଉପରେ ଜିଲ୍ଲା ପ୍ରଶାସନର ଗୁରୁତ୍ୱ



**ଯାଜପୁର,୩୧।୧୨ (ସଂଚାର ବ୍ୟୁରୋ):** ଆସନ୍ତା ଖରିଫ ଋତୁ ୨୦୨୫-୨୬ରେ ମଣ୍ଡିରେ ଧାନ କ୍ରୟ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ଶ୍ରୀ ଶିବାନନ୍ଦ ସ୍ୱାଇଁ, ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଯୋଗାଣ ଅଧିକାରୀ,ଶ୍ରୀ ଦିଲ୍ଲୀପ କୁମାର ପାଣିଗ୍ରାହୀ, ଡିଆରସିଏସ, ଶ୍ରୀ ଅମୁଲ୍ୟ କୁମାର ସେଠୀ,ଜିଲ୍ଲା ସାମାଜ ମଙ୍ଗଳ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ କର ସଭାରେ ଉପସ୍ଥିତ ଅଧିକାରୀ, ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକର ସମ୍ପାଦକ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହ ମଣ୍ଡିରେ ଧାନ କ୍ରୟ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହାସହ ସମସ୍ତ ଧାନ ମଣ୍ଡିରେ ଚାଷୀଙ୍କ ପାଇଁ ମୌଳିକ ସୁବିଧା କରିବା ସହ ଚାଷୀ ଭାଇ ଭଉଣୀମାନଙ୍କୁ ଉଚିତ୍ ସମ୍ମାନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ବ୍ଲକ ସ୍ତରରେ ନୋଡାଲ ଅଧିକାରୀ ଓ ମଣ୍ଡି ସୁପରଭାଇଜର ବୈଠକ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଧାନ କ୍ରୟରେ ଅବହେଳା କିମ୍ବା ଅବ୍ୟବସ୍ଥା ନଜରକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଧାନ କ୍ରୟ କେନ୍ଦ୍ରଗୁଡିକରେ ପାନୀୟ ଜଳ, ଆଲୋକ, ସିସିଟିଭି, ତାର୍ପୋଲିନ, ଆର୍ଦ୍ରତା ମେସିନ ଏବଂ ବସିବା ପାଇଁ ବ୍ୟବସ୍ଥା କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଏଥର କେବଳ ଝୋଟ ବ୍ୟାଗରେ ହିଁ ଧାନ କ୍ରୟ କରାଯିବ ବୋଲି କହିଥିଲେ।

## ଅସ୍ତଗାମୀ ସୂର୍ଯ୍ୟ ଦେଖିବାକୁ ପୀର ଜାହାନିଆରେ ଭିଡ଼



**କାକଟପୁର/ଅସ୍ତରଙ୍ଗ,୩୧।୧୨ (ସଂଚାର ବ୍ୟୁରୋ):** ସରିଗଲା ସ୍ମୃତି, ଅନୁଭୂତିର ଆଉ ଏକ ଅଧ୍ୟାୟ । ପଛକୁ ରହିଗଲା ମାନ ଅଭିମାନ। ସୁଖଦୁଃଖ ଆଉ କୋହର କାହାଣୀକୁ କୋଳେଇ ନେଇ ସମୁଦ୍ର ସେପଟେ ଚୁପ କରି ଅସ୍ତଗଲେ ସୂର୍ଯ୍ୟ । ଲାଲ ମୁହଁରେ ସାରା ପଶ୍ଚିମ ଆକାଶକୁ ନାଲି କରି ଫେରିଗଲା ୨୦୨୫ । କିଛି କ୍ଷଣ ପାଇଁ ଚୁପ ହୋଇ କୋଳାହଳପୂର୍ଣ୍ଣ ଜଗତକୁ ନିସ୍ତବ୍ଧ କରିଦେଇ ଧିରେ ଧିରେ ହଜିଯାଇଛି କେଉଁ ଅପହଞ୍ଚ ଦିଗବଳୟରେ । ଆଉ ପ୍ରତିଶ୍ରୁତି ଦେଇଯାଇଛି ଆସିବ ଏକ ନୂଆ ସମ୍ଭାବନା, ନୂଆ ଆକାଂକ୍ଷା ନେଇ, ନୂଆ ଏକ ସଂଖ୍ୟାକୁ ସାଥି କରି । ବର୍ଷର ଶେଷ ମାସ, ଶେଷ ସପ୍ତାହ ଓ ଶେଷ ଦିନରେ ୨୦୨୫କୁ ବିଦାୟ ଦେଇଛି ସାରା ଦୁନିଆ । ପକ୍ଷୀଙ୍କ କଳରବ ସାଙ୍ଗକୁ ରବିଙ୍କ ଶେଷ କିରଣ ସତେ ଯେମିତି କହିଦେଇଗଲା, ମୁଁ ଫେରିବି କିଛି ନୂଆ ଆଶା ଏବଂ ନୂଆ ଉଦ୍ଦୀପନା ନେଇ । କିଏ ବର୍ଷର ଶେଷ ମୁହୂର୍ତ୍ତର ଶେଷ ସୂର୍ଯ୍ୟାସ୍ତକୁ ନିଜ ମୋବାଇଲରେ କଏଦ କରିଛି ତ ଆଉ କିଏ ସୂର୍ଯ୍ୟାସ୍ତକୁ ଦେଖି କେତେ କଣ ଭାବି ଦେଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ରେ ଅସ୍ତଗାମୀ ସୂର୍ଯ୍ୟ ଦେଖିବାକୁ ପୀରଜାହାନିଆ ହେଉ ଅବା କେଳୁଣୀ ମୁହାଁଣ ନିକଟରେ ୨୦୨୫ର ଶେଷ ସୂର୍ଯ୍ୟାସ୍ତ ଦେଖିବାକୁ ଭିଡ଼ ଜମିଥିଲା । ଏ ସୂର୍ଯ୍ୟ ଆଗାମୀ କାଲି ନୂଆ ଏକ ଅଧ୍ୟାୟ ନେଇଆସିବ । ୨୦୨୬ର ସମ୍ଭାବନାକୁ ସାଥିରେ ନେଇ ପୁଣି ଉଇଁବ ଆଉ ସାରା ଜଗତକୁ ଆଲୁଅର ପର୍ବରେ ଭିଜାଇଦେବ।

### ସ୍ୱାଧୀନତାର ୭୮ ବର୍ଷ ପରେ ଗାଁକୁ ନାହିଁ ପକ୍କା ରାସ୍ତା

# ଖଟିଆରେ ୩ କିମି ବୁହାହେଲେ ରୋଗୀ

**ନୀଳଗିରି,୩୧।୧୨ (ସଂଚାର ବ୍ୟୁରୋ):** ସ୍ୱାଧୀନତାର ୭୮ବର୍ଷ ପରେ ଗାଁକୁ ପକ୍କା ରାସ୍ତା, ବିଦ୍ୟୁତ ଓ ପାନୀୟ ଜଳ ନାହିଁ। ଏପରିକି ଅସୁସ୍ଥ ଦୁଇ ମହିଳାଙ୍କୁ ଡାକ୍ତରଖାନା ନେବା ପାଇଁ ଖଟିଆରେ ୩ କି:ମି ବୁହା ହୋଇ ଅଧା ରାସ୍ତାରେ ଛିଡ଼ା ହୋଇଥିବା ଆମ୍ବୁଲାନ୍ସରେ ଡାକ୍ତରଖାନା ନେବାକୁ ପଡିଛି। ଏଭଳି ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି ନୀଳଗିରି ବ୍ଲକ କେସିପୁର ପଞ୍ଚାୟତରେ।

ସୂଚନାଯୋଗ୍ୟ କେସିପୁର ପଞ୍ଚାୟତର ବେତକଟା ରାଜସ୍ୱ ଗ୍ରାମର ୪ ନମ୍ବର ୱାଡ଼ରେ ୫ଟି ପଡା ଗାଁ ହେଉଛି ଭେଜିଗୋଠ, ଦଣ୍ଡା ଚତୁରୀ, ବାଙ୍କ ନାଳ, ବୁଦୁଡାହି, ଓ ନଟାପଡାପଡା। ସବୁ ଗାଁରେ ଶତକଡା ୯୯ଭାଗ ଲୋକ ଆଦିବାସୀ ସମ୍ପ୍ରଦାୟର ଅଟନ୍ତି। ଭେଜିଗୋଠ ଗାଁର ଲେଙ୍କ ସିଂଙ୍କ ସ୍ତ୍ରୀ ମିନତୀ(୨୮) ଓ ଶ୍ୟାମ ସିଂଙ୍କ ସ୍ତ୍ରୀ ଗୁରୁବାରି(୨୬)ଙ୍କୁ କିଛି ଦିନ ଧରି ଜ୍ୱର ହେଉଥିଲା। ଗତ ରବିବାର ସକାଳେ ଦୁଇ ମହିଳାଙ୍କ ଦେହ ଅଧିକ ଅସୁସ୍ଥ ହେବାରୁ ପରିବାର ଲୋକେ ଦିନ ପ୍ରାୟ ୧୧ଟା ସମୟରେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ମାତ୍ର ଗାଁକୁ ପକ୍କା ରାସ୍ତା ନଥିବାରୁ ଆମ୍ବୁଲାନ୍ସଟି ବାରାଖେଦା ଗାଁ ମୁଣ୍ଡରେ ଅଟକି ରହିଥିଲା। ପରିବାର ଓ ଗ୍ରାମବାସୀ ଦୁଇ ମହିଳାଙ୍କୁ ଖଟିଆରେ ପ୍ରାୟ ୨ କିମି ଆଣି ଆମ୍ବୁଲାନ୍ସ ଯୋଗେ ମେଡ଼ିକାଲ ନେଇଥିଲେ।

ଗ୍ରାମରେ ସମୁଦାୟ ଲୋକସଂଖ୍ୟା ପ୍ରାୟ ୮୦୦ ହୋଇଥିବା ବେଳେ ମାତ୍ର ୬ ଗୋଟି ଗଭୀର ନଳ କୂପରୁ ବହୁ ବର୍ଷରୁ ୩ ଗୋଟି ନଳ କୂପ ଅଚଳାବସ୍ଥା ପରେ ମାତ୍ର ୩ ଗୋଟି ନଳକୂପ ଉପରେ ଲୋକେ ଭରସା କରୁଛନ୍ତି। ଆଜି ପର୍ଯ୍ୟନ୍ତ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଗାଁକୁ ଯାଇନାହିଁ। ଉପାୟ ନ ପାଇ ବାଧ ହୋଇ ଗ୍ରାମବାସୀମାନେ ଚୁଆ ଏବଂ ନାଳ ପାଣି ବ୍ୟବହାର କରୁଥିବାରୁ ନାନାଦି ଚର୍ମ, ଜଣ୍ଡିସ, ମ୍ୟାଲେରିଆ, ଡେଙ୍ଗୁ ଭଳି ମାରାତ୍ମକ ରୋଗରେ ପୀଡ଼ିତ ହୋଇ ବହୁ ମୁଣ୍ଡ ଯିବାର ନଜିର ରହିଛି। ବିଦ୍ୟୁତ ସେବା ମଧ ସମସ୍ତ ପରିବାରକୁ ପହଞ୍ଚି ପାରିନଥିବାରୁ ସଂଜ ହେଲେ ଡିବିରି ଆଲୁଅ ହିଁ ସାହା ଭରସା ପାଲଟିଛି।

ଉକ୍ତ ପଞ୍ଚାୟତଟି ପୂର୍ବରୁ ଛତ୍ରପୁର ପଂଚାୟତରେ ସାମିଲ ଥିବାବେଳେ ନୂଆ କରି ୧୯୮୫ମସିହା ରେ ଜନସଂଖ୍ୟା ଓ ଭୌଗୋଳିକ ସ୍ଥିତିକୁ ଲକ୍ଷ୍ୟ କରି କିଶୋର ଚନ୍ଦ୍ରପୁର ପଞ୍ଚାୟତ ଭାବେ ନୂତନ ପଞ୍ଚାୟତ ଗଠନ କରାଯାଇଥିଲା। ସେଇଦିନ ଠାରୁ ଆଜି ପର୍ଯ୍ୟନ୍ତ ପଞ୍ଚାୟତର ଅନେକପଡା ଗାଁ ବିକାଶର ଅନ୍ତୁଆଳରେ ରହିଯାଇଛି। ଉକ୍ତ ପଞ୍ଚାୟତ କୁଲଡିହା ଅଭୟାରଣ୍ୟର ବାଲିଆନାଳ ବିଟ ହାଉସ ଭିତରେ ଥିବାରୁ ଆଜି ଲୋକଙ୍କ ମୌଳିକ ସୁବିଧା ପକ୍କା ରାସ୍ତା, ପାନୀୟ ଜଳ, ଆଲୁଅ ଗ୍ରାମବାସୀଙ୍କ ପାଇଁ ସାତ ସପନ ପାଲଟିଛି।

### ବିଦ୍ୟୁତ ଆଲୋକ ସାତସପନ
### ପାନୀୟ ଜଳ ପାଇଁ ଚୁଆ ଓ ନାଳ ପାଣି ଭରସା



## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଫୁଲବାଣୀ, ୩୧।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡ଼ିମିରିଗୁଡା ଗାଁ ନିକଟରେ ଏକ ବାଇକ ଦୁର୍ଘଟଣାରେ ଜଣେ ବଙ୍ଗାଳି ମିସ୍ତ୍ରୀ ଙ୍କ ମୃତ୍ୟୁ ହୋଉଥିବା ସୂଚନା ମିକିଛି । ମୃତ ମସ୍ତ୍ରୀ ଙ୍କ ନା ସାଗର ଅଲ୍ଲୀ ଓ ସେ ପଶ୍ଚିମବଙ୍ଗ ରାଜ୍ୟ ମୁରସିଦା ବାଦ ଜିଲ୍ଲା ବେଲାଡାଙ୍ଗା ଅଞ୍ଚଳରେ ବୋଲି ଜଣାପଡିଛି ଓ ସେ ଡ଼ିମିରିଗୁଡା ପଞ୍ଚାୟତ ପରିସରରେ ଚାଲିଥିବା କୋଠା ନିର୍ମାଣ କାମରେ ମିସ୍ତ୍ରୀ ଭାବରେ କାମ କରୁଥିବା ଜଣାପଡିଛି । ପୋଲିସ ର ସୂଚନା ଅନୁସାରେ ମୃତ ମିସ୍ତ୍ରୀ ଜଣକ ବୁଧବାର ସକାଳୁ କୌଣସି କାମରେ ଡ଼ିମିରିଗୁଡା ଠାରୁ ପିଡିଆଗୁଡା ଗାଁ କୁ ଯାଉଥିବା ସମୟରେ ବାଇକ ଟି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଖଜୁରୀ ଗଛରେ ପିଟି ହୋଇଥିଲା । ଫଳରେ ମିସ୍ତ୍ରୀ ଜଣକ ଗୁରୁତର ଆହତ ହୋଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ବେଳେ ମେଡିକାଲ ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଖବର ପାଇଁ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏଏସଆଇ ପ୍ରିୟରଞ୍ଜନ ନାଏକ ମେଡିକାଲ ରେ ପହଂଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ଶବ କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ ଏହି ଘଟଣାକୁ ନେଇ ଫିରିଙ୍ଗିଆ ଥାନାରେ ୨୯୫/୨୦୨୫ରେ ଏକ ମାମଲା ମଧ ରୁଜୁ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ରାଜସ୍ୱ ଗ୍ରାମର ମାନ୍ୟତା ପାଇଲା ଗଞ୍ଜାମ ତହସିଲର ଦୁଇ ଗ୍ରାମ

# ଜମି ପଟ୍ଟା ପାଇଲେ ୬୦୦ ହିତାଧିକାରୀ



**ଛତ୍ରପୁର, ୩୧।୧୨ (ସଂଚାର ବ୍ୟୁରୋ):** ଗଞ୍ଜାମ ତହସିଲ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତର ଗଜପତି ନଗର ଓ ଅରୁଣପୁର ଗ୍ରାମକୁ ସରକାରୀ ଭାବେ ରାଜସ୍ୱ ଗ୍ରାମ ରୂପେ ସ୍ଥାନ ମିଳିଛି। ଏହା ସହ ଉକ୍ତ ଦୁଇ ଗ୍ରାମର ପ୍ରାୟ ୬୦୦ ଜଣ ଯୋଗ୍ୟ ପଟ୍ଟା ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଛି। ଜମି ପଟ୍ଟା ପାଇବା ଫଳରେ ହିତାଧିକାରୀମାନେ ନିଜ ଜମି ଉପରେ ଆଇନଗତ ଅଧିକାର ପାଇଥିବା ସହ ଘର ନିର୍ମାଣ, ବିଦ୍ୟୁତ୍ ସଂଯୋଗ, ପାନୀୟଜଳ, ଘରବାଡ଼ି ଯୋଜନା ଭଳି ବିଭିନ୍ନ ସରକାରୀ ସୁବିଧା ଲାଭ କରିପାରିବେ ବୋଲି ଜଣାପଡ଼ିଛି।

ତହସିଲଦାର ସୁକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛତ୍ରପୁର ସ୍ଥାନୀୟ ବିଧାୟକ କୃଷ୍ଣ ନାୟକ ଯୋଗଦେଇ ଯୋଗ୍ୟ ହିତାଧିକାରୀମାନଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ନାୟକ କହିଥିଲେ ଯେ, ରାଜ୍ୟ ସରକାର ଗରିବ, ଭୂମିହୀନ ଓ ଅବହେଳିତ ପରିବାରମାନଙ୍କୁ ସାମାଜିକ ଓ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ଦିଗରେ ଗୁରୁତ୍ୱ ଦେଇ କାମ କରୁଛନ୍ତି।

କାର୍ଯ୍ୟକ୍ରମରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା, ବିଡିଓ ଅଚ୍ୟୁତାନନ୍ଦ ଜାନି, ଗଞ୍ଜାମ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ସମିତି ସଭ୍ୟା ଗୀତାଞ୍ଜଳି ବେହେରା, ସରପଞ୍ଚ ସନ୍ତୋଷିନି ବେହେରା ଓ ବିଧାୟକ ପ୍ରତିନିଧି ମାନସ ନାହାକ ପ୍ରମୁଖ ମଞ୍ଚାଶିନ ଥିଲେ।

ଏହି ଅବସରରେ ତହସିଲଦାର ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସରକାରଙ୍କ ଲକ୍ଷ୍ୟ ହେଉଛି ଗରିବ ଓ ଭୂମିହୀନ ପରିବାରମାନଙ୍କୁ ଜମିର ଆଇନଗତ ଅଧିକାର ପ୍ରଦାନ କରି ସେମାନଙ୍କ ଜୀବନମାନ ଉନ୍ନତ କରିବା। ଆଗାମୀ ଦିନରେ ଅନ୍ୟ ଯୋଗ୍ୟ ପରିବାରମାନେ ମଧ ପଟ୍ଟା ସୁବିଧା ପାଇବେ ବୋଲି ସେ ଆଶ୍ୱାସନ ଦେଇଥିଲେ।

## ମହାପୁରୁଷଙ୍କ ସମ୍ପର୍କରେ ଅବଗତ ପାଇଁ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା କରାନ୍ତୁ



**ଖୋର୍ଦ୍ଧା,୩୧।୧୨ (ସଂଚାର ବ୍ୟୁରୋ):** ମହାପୁରୁଷଙ୍କ ଆଦର୍ଶ ଓ ତ୍ୟାଗ ସମ୍ପର୍କରେ ଭବିଷ୍ୟତର ଉତ୍ତର ପୀଢ଼ିଙ୍କୁ ଅବଗତ କରିବାକୁ ହେଲେ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରିବାକୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ତଥା ଖ୍ୟାତନାମା କବି, ଲେଖକ ପ୍ରଫେସର ମଣୀନ୍ଦ୍ରକୁମାର ମେହେର ଆହ୍ୱାନ ଦେଇଛନ୍ତି। ଓଡ଼ିଆ ସାହିତ୍ୟ ଏକାଡ଼େମୀ ଓ ସଂଗ୍ରାମୀ ନାରାୟଣ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ କବିଗୌରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ୧୧୦ ତମ ଜୟନ୍ତୀ ପରିପ୍ରେକ୍ଷୀରେ ‘ଓଡ଼ିଆ ସାହିତ୍ୟକୁ କବିଗୌରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ଅବଦାନ’ ଶୀର୍ଷକ ସମ୍ମାନରେ ବିଶିଷ୍ଟ ଅତିଥି ରୂପେ ଯୋଗଦେଇ ପ୍ରଫେସର ମେହେର ତାଙ୍କ ପଣିବାପା ଗଙ୍ଗାଧରଙ୍କ ସ୍ମୃତିଚାରଣ କରିବା ସହ ପଣ୍ଡିତ ମିଶ୍ରଙ୍କ ଦ୍ୱାରା ଲିଖିତ ‘ଚିଲିକା ଦର୍ଶନ’, ‘ପୁଣ୍ୟଶ୍ଳୋକ’, ‘ଭୋଟରଭାବନା’ ଓ ‘ଦଶଦିଗ’ ଆଦି କାବ୍ୟ ଓଡ଼ିଆ ସାହିତ୍ୟକୁ ରୁଦ୍ଧିମନ୍ତ କରିଛି ବୋଲି କହିଥିଲେ ।

ବରେଣ୍ୟ ଅତିଥି ରୂପେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧାପକ ଗୋପାଳକୃଷ୍ଣ ଦାସ ଯୋଗଦେଇ ରାଧାନାଥ ଓ ଗୋପବନ୍ଧୁ ‘ଚିଲିକା’ ସମ୍ପର୍କରେ ଲେଖିଥିବାବେଳେ ପଣ୍ଡିତ ନାରାୟଣ ସେଥିରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ କ୍ୟାପିଟାଲ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ଼.ବୃନ୍ଦାବନ ପଣ୍ଡା ଓ ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ପ୍ରମୁଖ ଯୋଗଦେଇ ପଣ୍ଡିତ ମିଶ୍ରଙ୍କ ବାଣୀଭଣ୍ଡାରକୁ ଯେଉଁ ମହାର୍ଘ୍ୟ କାବ୍ୟ ଦାନ କରିଯାଇଛନ୍ତି, ସେ ସମ୍ପର୍କରେ ଅବତାରଣା କରିଥିଲେ। ମୁଖ୍ୟବକ୍ତା ରୂପେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରବକ୍ତା ଡ଼.ଗୁରୁପ୍ରସାଦ ମହାପାତ୍ର ଯୋଗଦେଇ ପଣ୍ଡିତ ମିଶ୍ରଙ୍କ କାବ୍ୟାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ଏହି କାଳଜୟୀ କାବ୍ୟ ଯେଭଳି ପ୍ରତିଟି ସ୍ତରର ଲୋକଙ୍କ ନିକଟରେ ପହଞ୍ଚିପାରିବ ସେଥିନେଇ ଆଲୋକପାତ କରିଥିଲେ। ସଭାମୁଖ୍ୟ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜବାହାରଲାଲ ସୁବୁଦ୍ଧି ଏଥିରେ ଅଧକ୍ଷତା କରି ପଣ୍ଡିତ ମିଶ୍ରଙ୍କ ଠାରେ ସ୍ୱାଧୀନତା ସଂଗ୍ରାମ, ସାହିତ୍ୟ ସାଧନା ଓ ସମାଜସେବା ଆଦି ମହାନ୍ ପ୍ରତିଭା ଦେଖିବାକୁ ମିଳିଥିଲା ବୋଲି କହିଥିଲେ।

ଏହି ପରିପ୍ରେକ୍ଷୀରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କୁ କବିଗୌରବ ପଣ୍ଡିତ ନାରାୟଣ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।

## ସିପିଆଇ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



**ନୀଳଗିରି,୩୧।୧୨ (ସଂଚାର ବ୍ୟୁରୋ):** ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଏକ ଚାରି ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୀଳଗିରି ଉପଜିଲ୍ଲାପାଳଙ୍କ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ମଣ୍ଡି ଖୋଲି ଚାଷୀଙ୍କ ଠାରୁ ଯୁଦ୍ଧ କାଳୀନ ଭିତରେ ଧାନ କିଣିବାର ବ୍ୟବସ୍ଥା, ଭାଗଚାଷୀ ମାନଙ୍କର ସମସ୍ତ ଧାନ ସରକାର ଧାର୍ଯ୍ୟ ଦରରେ କିଣା, ନିୟମ ଅନୁସାରେ ଠିକଣା ସମୟରେ ନ କିଣିଲେ ଜାନୁୟାରୀ ପ୍ରଥମ ସପ୍ତାହ ଗଣତାନ୍ତ୍ରିକ ପଦ୍ଧତିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି ଦାବି ପତ୍ରରେ ଦର୍ଶା ଯାଇଛି। ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ୍, ଜୋନ ସମ୍ପାଦକ ବିଜୟ ସ, ପାଟପୁର ଶାଖା ସମ୍ପାଦକ ହରେକୃଷ୍ଣ ପଣ୍ଡିତ, ଶ୍ୟାସୁନ୍ଦରପୁର ପୁର ଶାଖା ସମ୍ପାଦକ ପ୍ରଭାକର ମହାପାତ୍ର ମହିଳା ସମ୍ପାଦିକା ଗାୟତ୍ରୀ ପଣ୍ଡା, ପ୍ରତାପ ପଡ଼ା ଶାଖା ସମ୍ପାଦକ ଦେବେନ୍ଦ୍ର ବେହେରା, ଶ୍ୟାସୁନ୍ଦରପୁର ସେବା ସମବାୟ ସମିତ୍ ପୂର୍ବତନ ସଭାପତି କମଳା କାନ୍ତ ବାରିକ, ବିକ୍ରମ ମିଶ୍ର ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

# ନାହିଁ ଫଳକ ହେଉଛି କୋଟି କୋଟି ଟଙ୍କାରେ କାମ

### ତିନି ମହଲା ଉପରେ ବିନା ସୁରକ୍ଷାରେ ଶ୍ରମିକ କରୁଛନ୍ତି କାମ



**ଆନନ୍ଦପୁର,୩୧।୧୨ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସ୍ଥିତ ମା’ ଧନେଇ ମନ୍ଦିର ନିକଟରେ ନିର୍ମାଣ ହେଉଛି ଆନନ୍ଦପୁରର ସେଣ୍ଟ୍ରାଲ ସ୍କୁଲ। ଏହି ସ୍କୁଲ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ଉକ୍ତ ସେଣ୍ଟ୍ରାଲ ସ୍କୁଲ ନିର୍ମାଣ କାର୍ଯ୍ୟ ପଚାଶ ପ୍ରତିଶତ ଶେଷ ହେବାକୁ ବସିଥିବା ବେଳେ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ପ୍ରତିଟି ସରକାରୀ କାର୍ଯ୍ୟରେ ସୂଚନା ଫଳକ ଲଗାଯାଇଥିବା ବେଳେ ଏହି ସେଣ୍ଟ୍ରାଲ ସ୍କୁଲ ନିର୍ମାଣ କାର୍ଯ୍ୟ ବିନା ଫଳକରେ ହେଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ଆନନ୍ଦପୁର ସେଣ୍ଟ୍ରାଲ ସ୍କୁଲ ନିର୍ମାଣର ବିଭିନ୍ନ କାର୍ଯ୍ୟରେ ଅନିୟମିତତା ଘଟୁଥିବା ବେଳେ ଏହି ଅନିୟମିତତା ପ୍ରତି କେହି ସ୍ୱର ନ ଉଠାଉଥିବାରୁ ଠିକାଦାର ମାନମାନି ବଢ଼ିବାରେ ଲାଗିଛି। ବିଭିନ୍ନ ସମୟରେ ଶ୍ରମିକଙ୍କ ସୁରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଏହି ସେଣ୍ଟ୍ରାଲ ସ୍କୁଲ ନିର୍ମାଣରେ ନିୟୋଜିତ ହୋଇଥିବା ଶ୍ରମିକମାନେ ତିନି ମହଲା ଉପରେ ବିନା ସୁରକ୍ଷାରେ କାର୍ଯ୍ୟ କରୁଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ମାନଙ୍କର ଦୃଷ୍ଟି ପଡୁ ନାହିଁ। ଯଦି ଦୀନ ମଜୁରିଆ ଶ୍ରମିକଟିର କିଛି ଦୁର୍ଘଟଣା ଘଟେ, ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠିଛି।

ସବୁଠୁ ବଡ଼ କଥା ହେଉଛି ଏହି ସେଣ୍ଟ୍ରାଲ ସ୍କୁଲ ନିର୍ମାଣରେ ୮୦ ଜଣରୁ ଊର୍ଦ୍ଧ୍ୱ ଶ୍ରମିକ ନିୟୋଜିତ ଥିବା ବେଳେ ସର୍ବାଧିକ ବାହାର ରାଜ୍ୟର ବୋଲି ଜଣାପଡ଼ିଛି। ସେଥି ମଧ୍ୟରୁ ଅନେକ ନାବାଳକ ଥିବା ନେଇ ଅଭିଯୋଗ ହୋଇଛି। ତେବେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ହେଉଥିବା ଏହି ସେଣ୍ଟ୍ରାଲ ସ୍କୁଲ ନିର୍ମାଣ କାର୍ଯ୍ୟରେ ଯନ୍ତ୍ରୀ ଓ ଠିକାଦାରଙ୍କ ଅନୁପସ୍ଥିତିକୁ ନେଇ ସବୁଠୁ ବଡ଼ ପ୍ରଶ୍ନ ଉଠିଛି। ତେବେ ଏହି ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ ହୋଇଛି।

## ଆଶା-ସଂକଳ୍ପ ସହ ଆରମ୍ଭ ୨୦୨୬

**ଯାଜପୁର,୩୧।୧୨ (ସଂଚାର ବ୍ୟୁରୋ):** ନୂଆ ସକାଳ ସହିତ ଯାଜପୁରବାସୀ ଆଜି ପାଦ ଦେଇଛନ୍ତି ଇଂରାଜୀ ନୂଆ ବର୍ଷ ୨୦୨୬ରେ। ଗତରାତି ଠିକ୍ ୧୨ଟା ପରେ ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଆତଶବାଜୀର ଆଲୋକ, ସଙ୍ଗୀତର ଶବ୍ଦ ଓ ଉତ୍ସବମୟ ପରିବେଶରେ ନୂଆ ବର୍ଷକୁ ଉଷ୍ମ ସ୍ୱାଗତ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଯୁବକ ଯୁବତୀମାନେ ନୂଆ ବର୍ଷ ପାଳନ କରିଥିବା ବେଳେ, ପ୍ରଶାସନ ପକ୍ଷରୁ ସାରା ରାତି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ରହିଥିଲା। ସହରର ମୁଖ୍ୟ ରାସ୍ତା, ଛକ ଓ ଭିଡ ଅଞ୍ଚଳରେ ପୋଲିସର ପେଟ୍ରୋଲିଙ୍ଗ କରାଯାଇଥିଲା।ଆଜି ସକାଳେ ଯାଜପୁରରେ ଏକ ଶାନ୍ତ, ଧାର୍ମିକ ଓ ଆତ୍ମୀୟତାର ପରିବେଶ ଦେଖିବାକୁ ମିଳୁଛି। ଶ୍ରଦ୍ଧାଳୁମାନେ ମା’ ବିରଜାଙ୍କ ଦର୍ଶନ ପାଇଁ ମନ୍ଦିରମୁଖୀ ହୋଇଥିବା ବେଳେ, ଘରେଘରେ ପୂଜା, ପ୍ରାର୍ଥନା ଓ ବଡ଼ମାନଙ୍କ ଆଶୀର୍ବାଦ ନେଇ ନୂଆ ବର୍ଷର ଆରମ୍ଭ କରୁଛନ୍ତି। ସକାଳର ଚା କପ୍ ସହ ଯେତେବେଳେ ପାଠକମାନେ ଖବର କାଗଜ ଓଲଟାଉଛନ୍ତି, ସେତେବେଳେ ମନରେ ଜାଗୁଛି ନୂଆ ଆଶା, ନୂଆ ସଂକଳ୍ପ ଓ ଭଲ ଭବିଷ୍ୟତର ସ୍ୱପ୍ନ। ଗତ ବର୍ଷର ସଫଳତା—ବିଫଳତାକୁ ପଛରେ ରଖି, ଆଗକୁ ଆଉ ଭଲ କରିବାର ସଂକଳ୍ପ ନେଉଛନ୍ତି ସାଧାରଣ ଜନତା। ନୂଆ ବର୍ଷ ୨୦୨୬ ଯାଜପୁର ପାଇଁ ସୁଖ, ସମୃଦ୍ଧି, ଶାନ୍ତି ଓ ସାମୂହିକ ଉନ୍ନତିର ବର୍ଷ ହେଉ - ଏହି କାମନା ସହ ଆଜିର ସକାଳ ଆରମ୍ଭ ହୋଇଛି।

## ସାର୍ବଜନୀନ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଜଗତସିଂହପୁର ଜିଲ୍ଲା ଗସ୍ତ



**ପାରାଦୀପ,୩୧।୧୨ (ସଂଚାର ବ୍ୟୁରୋ):** ସାର୍ବଜନୀନ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ବି.ଏସ ରାଜପୁତ, ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। କୌଣସି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପ୍ରତ୍ୟେକ ସ୍ତରର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ନିତାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ଏହାପରେ ଅଙ୍ଗନୱାଡ଼ି କେନ୍ଦ୍ର, ଅନ୍ତ୍ୟୋଦୟ ଗୃହ ଯୋଜନା, ଓଡ଼ିଶା ଜୀବିକା ମିଶନ ସହ ଓର୍ମାସର ବିଭିନ୍ନ ଯୋଜନା ସମ୍ପର୍କରେ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ଶିକ୍ଷା କ୍ଷେତ୍ରରେ ଜଗତସିଂହପୁର ଜିଲ୍ଲାର ଉତ୍ତମ ପ୍ରଦର୍ଶନକୁ ପ୍ରଶଂସା କରିବା ସହ ଜିଲ୍ଲାର ପିଏମ ଶ୍ରୀ ବିଦ୍ୟାଳୟ ବିଷୟରେ ପଚାରି ବୁଝିଥିଲେ। ଆଗାମୀ ଦିନରେ ଆହୁରି ଉନ୍ନତି କରିବା ପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ନୂତନ ପଦକ୍ଷେପ ଗ୍ରହଣ ସହ ସରକାରଙ୍କ ଯୋଜନାକୁ ଲୋକ ମାନଙ୍କ ପାଖରେ ପହଞ୍ଚାଇବାକୁ ପ୍ରମୁଖ ସଚିବ ଜିଲ୍ଲାପାଳ ଙ୍କୁ ପରାମର୍ଶ ଦେଇଥିଲେ।

ପ୍ରମୁଖ ଶାସନ ସଚିବ ଶ୍ରୀ ରାଜପୁତ ବାଲିକୁଦା ବ୍ଲକର ଅଟଳ ବସ୍ ଷ୍ଟାଣ୍ଡ ପରିଦର୍ଶନ କରି ଏହାର କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ପରେ କୁଜଙ୍ଗ ବ୍ଲକ୍ ଓ ପାରାଦୀପ ପୌର ପରିଷଦ ଅଞ୍ଚଳରେ ବସଷ୍ଟାଣ୍ଡ ନିମନ୍ତେ ପ୍ରସ୍ତାବିତ ଜାଗା ପରିଦର୍ଶନ କରିଥିଲେ। ପାରାଦୀପ ବେଳାଭୂମି ପରିଦର୍ଶନ କରି ପର୍ଯ୍ୟଟନ ବିକାଶ ଦିଗରେ ଆଲୋଚନା କରିଥିଲେ। ତିର୍ତ୍ତୋଲ ବ୍ଲକ୍‌ର ମଣିଜଙ୍ଗା ମେଗା ପାଇପ୍ ୱାଟର ପ୍ରୋଜେକ୍ଟ, ତରତଙ୍ଗ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ ସହ ଏହାର ସାମଗ୍ରିକ ବିକାଶ ନିମନ୍ତେ ଆଲୋଚନା କରିଥିଲେ। ରଘୁନାଥପୁର ର ଗ୍ରାମୀଣ ଶିଳ୍ପ ଉଦ୍ୟାନ ପରିଦର୍ଶନ କରିବା ସହ ଏହାର କାର୍ଯ୍ୟକାରିତା ଓ ଶିଳ୍ପୀ ମାନଙ୍କ ନିମନ୍ତେ ରୋଜଗାର ସୃଷ୍ଟି ପାଇଁ ହସ୍ତଶିଳ୍ପ, କାଫେ ଓ ହସ୍ତତନ୍ତ ବଜାର ନିର୍ମାଣ ପାଇଁ ଉପଦେଶ ଦେଇଥିଲେ।

## ଆରପାରିରେ ଜିଲ୍ଲାଶ୍ରମ ଅଧିକାରୀ ପ୍ରଶ୍ନ କୁମାର ପ୍ରଧାନ

**ଫୁଲବାଣୀ,୩୧।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଶ୍ରମ ଅଧିକାରୀ ପ୍ରଶ୍ନ କୁମାର ପ୍ରଧାନଙ୍କର ପରଲୋକ ଘଟିଛି । ସେ ଦୀର୍ଘ ଦିନ ଧରି ଭୁବନେଶ୍ୱରର ଉତ୍କଳ ହସ୍ପିଟାଲରେ ଚିକିତ୍ସା ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୪୭ ବର୍ଷ ହୋଇଥିଲା। ଦୀର୍ଘ ୧୦ ବର୍ଷ ଧରି ପ୍ରସନ୍ନ କୁମାର ପ୍ରଧାନ ସହକାରୀ ଶ୍ରମ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ଏବେ ୪ ମାସ ଧରି ଶ୍ରମଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ସେ ଅତି ଲୋକପ୍ରିୟ ଥିଲେ । ଶ୍ରମିକ ସମସ୍ୟା ପ୍ରତି ତୃଣ ମୂଳରୁ ଗୁରୁତ୍ୱ ଦେଉଥିଲେ । ତାଙ୍କର ମୃତ୍ୟୁ ଖବର ଶୁଣିବା ପରେ ଶ୍ରମିକ ନେତା ଘନଶବର, ସଙ୍ଘ ସମ୍ପାଦକ ପ୍ରଫୁଲ୍ଲ ବେହେରା, ଶ୍ରମିକ ସଭାପତି ସରୋଜ କର୍ଣ୍ଣ, ଶ୍ରମିକ କାର୍ଯ୍ୟକର୍ତ୍ତା ଅମୀୟ ନାୟକ, ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଏହି ଖବର ଶୁଣିବା ମାତ୍ରେ ଫୁଲବାଣୀ ସହର ସମେତ ସମ୍ପୂର୍ଣ୍ଣ କନ୍ଧମାଳ ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଥିଲା ।

## ଫୋକସ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ

**ରାଜନଗର,୩୧।୧୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଗର୍ଜନପୁରସ୍ଥିତ ତୁଳସୀ ଆଇଡିଆଲ ପବ୍ଲିକ ସ୍କୁଲ ଦ୍ୱାରା ସ୍ଥାପିତ ଫୋକସ ଡ୍ୟାନ୍ସ ଏକାଡେମୀର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଇଡିଆଲ ପବ୍ଲିକ ସ୍କୁଲର ଅଧକ୍ଷ ଦିବ୍ୟସିଂହ ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ଯୋଗଦେଇ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସଙ୍ଗୀତ, କଳା ଓ ସାଂସ୍କୃତିକ ଭାବନାକୁ ରୁଦ୍ଧିମନ୍ତ କରିବା କ୍ଷେତ୍ରରେ ଫୋକସ ଡ୍ୟାନ୍ସ ଏକାଡେମୀର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏବିଇଓ ବିଜୟକୁମାର ଜେନା, ମୁଖ୍ୟବକ୍ତା ଭାବେ ଓଡିଶୀ ନୃତ୍ୟଗୁରୁ ଦୀପକକୁମାର ସାହୁ, ସମ୍ମାନୀତ ଅତିଥି ଭାବେ କଥାକାର ପ୍ରଦୀପକୁମାର ନାୟକ, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ ଓ ଜଗନ୍ନାଥ ଦାସ, ତବଲା ବାଦକ ବଳରାମ ପରିଡା ଯୋଗଦେଇ କୁନିକୁନି ପ୍ରତିଭାଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷକ ପ୍ରକାଶ କୁମାର ଭଟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଭାକର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଅନୁଷ୍ଠାନର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ ।

# ମୋକିମ-ସୋଫିଆଙ୍କ ହୋର୍ଡିଂକୁ ନେଇ ଚର୍ଚ୍ଚା

**ଭୁବନେଶ୍ୱର,୩୧।୧୨ (ସଂଚାର ବ୍ୟୁରୋ):** ଜାନୁଆରୀ ଦ୍ୱିତୀୟ ସପ୍ତାହରେ କଂଗ୍ରେସରୁ ବହିଷ୍କୃତ ନେତା ମହମ୍ମଦ ମୋକିମ ନେବେ ବଡ଼ ନିଷ୍ପତ୍ତି। ବିଭିନ୍ନ ସ୍ତରରେ ସେ ଆଲୋଚନା ଜାରି ରଖିଥିବା ବେଳେ ମକର ପରେ ନୂଆ ଦଳ ନେଇ ଘୋଷଣା କରିବେ

## ସଂକ୍ରାନ୍ତି ପରେ ନୂଆ ଦଳ ଘୋଷଣା

ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ତେବେ ଏନେଇ ମୋକିମ କିଛି ସ୍ପଷ୍ଟ କରୁନାହାନ୍ତି। ସେପଟେ ମୋକିମ ଓ ତାଙ୍କ ବିଧାୟିକା ଝିଅ ସୋଫିଆଙ୍କ ଏକ ଫଟୋକୁ ନେଇ କଂଗ୍ରେସ ରାଜନୀତି ସରଗରମ ହୋଇଛି।

କଟକ ସହରରେ ଲାଗିଥିବା ମହମ୍ମଦ ମୋକିମ୍ ଏବଂ ସୋଫିଆ ଫିର୍ଦ୍ଦୋସଙ୍କ ହୋର୍ଡିଂକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ହୋର୍ଡିଂରେ କଂଗ୍ରେସର ଦଳୀୟ ସଙ୍କେତ ହାତ ଚିହ୍ନ ନଥିବା ଦେଖିବାକୁ ମିଳିଛି। ସୋଫିଆଙ୍କ ଫଟୋ ତଳେ କିନ୍ତୁ ବିଧାୟିକା ବୋଲି ଉଲ୍ଲେଖ ରହିଛି। ନୂଆବର୍ଷର ଶୁଭେଚ୍ଛା ଜଣାଇବା ପାଇଁ ଏହି ହୋର୍ଡିଂଟି ବିଭିନ୍ନ ସ୍ଥାନରେ ଲାଗିଥିବା ଦେଖିବାକୁ ମିଳିଛି। ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ମହମ୍ମଦ ମୋକିମ୍। ସେ କହିଛନ୍ତି, ଆମ ସମର୍ଥକ ଏହି ହୋର୍ଡିଂ ଲଗାଇ ଥାଇପାରନ୍ତି। ସାଧାରଣତଃ ସମର୍ଥକମାନେ ହୋର୍ଡିଂ ଲଗାଇଥାନ୍ତି। ସମର୍ଥକ ଆମକୁ କେବେ ଅଲଗା କରିନାହାନ୍ତି। ଆମ ଦୁଇ ଜଣଙ୍କ




ପ୍ରତି ସହରବାସୀଙ୍କ ସମର୍ଥନ ରହିଛି। ଅଧିକାଂଶ ସ୍ଥାନରେ ଦଳୀୟ ଚିହ୍ନ, ନେତାଙ୍କ ସହ ସୋଫିଆଙ୍କ ଶୁଭେଚ୍ଛା ହୋର୍ଡିଂ ରହିଛି। ସୋଫିଆଙ୍କ ନିଜସ୍ୱ ପରିଚୟ ରହିଛି। ଦଳୀୟ ଚିହ୍ନର ସବୁବେଳେ ଆବଶ୍ୟକତା ନାହିଁ। ସେପଟେ ବିଜେଡିକୁ ନେଇ ସେ ବିସ୍ଫୋରକ ବୟାନ ଦେଇଛନ୍ତି। ସେ କହିଛନ୍ତି, ବିଜେଡିର ଅନେକ ସେକେଣ୍ଡ ଲାଇନ ଲିଡର ମୋ ସହ ଯୋଗାଯୋଗରେ ରହିଛନ୍ତି। ବିଜେଡିର ସେକେଣ୍ଡ ଲାଇନ ଲିଡରଙ୍କୁ ଆୟୁଧ କରି କିଛି ନେତା ନିର୍ବାଚିତ ହେଉଛନ୍ତି, ହେଲେ ସେମାନେ ରାଜନୀତିକୁ ଆସିପାରୁ ନାହାନ୍ତି। ସେହିସବୁ ସେକେଣ୍ଡ ଲାଇନ ଲିଡର ମୋ ସହ ଯୋଗାଯୋଗରେ ଅଛନ୍ତି ଏବଂ ଦଳ ହେଲେ ଆସିବାକୁ ଆଗ୍ରହୀ ଥିବା କହିଛନ୍ତି। ଖାଲି ବିଜେଡି ନେତା ନୁହଁନ୍ତି, ଅନ୍ୟ ଦଳ ନେତାମାନେ ମଧ୍ୟ ଯୋଗାଯୋଗରେ ରହିଛନ୍ତି ବୋଲି ସେ କହିଛନ୍ତି।

# ବଢ଼ିଲା ରାସନ କାର୍ଡ ଇ-କେୱାଇସି ଅବଧି

- ୨ ମାସ ମଧ୍ୟରେ କରିନେବାକୁ ମନ୍ତ୍ରୀଙ୍କ ପରାମର୍ଶ
- ୧୩ ଲକ୍ଷରୁ ଅଧିକ ହିତାଧିକାରୀ କରିନାହାନ୍ତି
- ଗଞ୍ଜାମରେ ସର୍ବାଧିକ ଓ ଦେବଗଡ଼ରେ ସର୍ବନିମ୍ନ



**ଭୁବନେଶ୍ୱର,୩୧।୧୨ (ସଂଚାର ବ୍ୟୁରୋ):** ରାସନକାର୍ଡ ହିତାଧିକାରୀଙ୍କ ପାଇଁ ବଡ଼ ଖବର। ଆହୁରି ୨ ମାସ ବଢିଲା ରାସନ୍ କାର୍ଡ ଇ-କେୱାଇସି ଅବଧି। ଆଜି ଇ-କେୱାଇସି ଅବଧି ଶେଷ ହେଉଥିବା ବେଳେ ଆହୁରି ଦୁଇମାସ ସମୟ ଦେଲେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ରିପୋର୍ଟ ଅନୁସାରେ, ବର୍ତ୍ତମାନ ସୁଦ୍ଧା ୯୬ ପ୍ରତିଶତ ଲୋକଙ୍କ ଇ-କେୱାଇସି ଶେଷ ହୋଇଛି। ଯୋଗାଣ ବିଭାଗରୁ ମିଳିଥିବା ସୂଚନା ମୁତାବକ, ରାଜ୍ୟରେ ୩ କୋଟି ୨୫ ଲକ୍ଷ ୫୧ ହଜାର ୭୭୩ ଜଣ ହିତାଧିକାରୀଙ୍କ ଇ-କେୱାଇସି କରିବା ଲାଗି ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏବେ ଯାଏ ୮ ଲକ୍ଷ ରାସନ କାର୍ଡ ବାଣ୍ଟି ସାରିଲେଣି ସରକାର। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୩ ଲକ୍ଷରୁ ଅଧିକ ରାସନ କାର୍ଡ ହିତାଧିକାରୀ ନିଜର ଇ-କେୱାଇସି କରିନାହାନ୍ତି। ତେବେ ଇ-କେୱାଇସି କରି ନଥିବା ହିତାଧିକାରୀ ପୂର୍ବଭଳି ରାସନ ସାମଗ୍ରୀ ପାଉଥିବା ଜଣାପଡ଼ିଛି।

ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧ଲକ୍ଷ ୪୨ହଜାର ୩୫୭ ଜଣ, କଳାହାଣ୍ଡି ୭୧ ହଜାର, ବଲାଙ୍ଗୀର ୬୮ ହଜାର, ବାଲେଶ୍ୱର ୬୪ ହଜାର, ମୟୂରଭଞ୍ଜ ୬୧ ହଜାର, ପୁରୀ ୬୨ ହଜାର, ଯାଜପୁରରେ ୬୦ ହଜାର ଲୋକ ଏହି ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି। ଦେବଗଡ଼ ଜିଲ୍ଲାରେ ସର୍ବନିମ୍ନ ୬୪୫୩ ଜଣଙ୍କ ଇ-କେୱାଇସି ହୋଇନାହିଁ। ତେବେ ଇ-କେୱାଇସିକୁ ନେଇ ରାଜ୍ୟ ସରକାର ଲଗାତାର ଭାବେ ଅବଧି ବୃଦ୍ଧି କରି ଚାଲିଛନ୍ତି। ଏହାରି ଭିତରେ ଆଉ ଦୁଇମାସ ବଢ଼ିଛି ଅବଧି।

# ଟି ସେତୁରେ ୪ ଦିନ ଚଳାଚଳ ନିଷେଧ



**ଭୁବନେଶ୍ୱର, ୩୧।୧୨ (ସଂଚାର ବ୍ୟୁରୋ):** ବଡ଼ମ୍ବା ସିଂହନାଥ ପୀଠରେ ଆୟୋଜିତ ପ୍ରସିଦ୍ଧ ମକର ମେଳାକୁ ଦୃଷ୍ଟିରେ ରଖି ଟି–ସେତୁରେ ୪ ଦିନ ପାଇଁ ଯାନଚଳାଚଳ ଉପରେ ନିଷେଧ ଲାଗୁ କରାଯାଇଛି। ପ୍ରବଳ ଭିଡ଼ ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ମୁଖ୍ୟ ଧ୍ୟାନରେ ରଖି ବଡ଼ମ୍ବା ପ୍ରଶାସନ ଏହି ନିଷ୍ପତ୍ତି ନେଇଛନ୍ତି। ଜାନୁଆରୀ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୭ଟାରୁ ରାତି ୯ ପର୍ଯ୍ୟନ୍ତ ଟି–ସେତୁ ଉପରେ ସମସ୍ତ ଯାନବାହନ ବନ୍ଦ ରହିବ। ମକର ମେଳାରେ ଭକ୍ତମାନଙ୍କର ଭାରି ସମାଗମ ହେବାର ସମ୍ଭାବନା ଥିବାରୁ ଦୁର୍ଘଟଣା ରୋକିବା ଏବଂ ସୁଚାରୁ ପରିଚାଳନା ନିଶ୍ଚିତ କରିବାକୁ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ବାବୁ ମାଗୁଥିଲେ, ପିଅନ ରଖୁଥିଲେ

**ଛେଣ୍ଡିପଦା,୩୧।୧୨(ସଂଚାର ବ୍ୟୁରୋ):** ଛେଣ୍ଡିପଦା ତହସିଲରେ ଅନୁଗୋଳ ଭିଜିଲାନ୍ସ ପକ୍ଷରୁ ରେଡ୍ କରାଯାଇଛି। ମ୍ୟୁଟେସନ ପାଇଁ ଲାଞ୍ଚ ନେଉଥିବା ବେଳେ ମାଡ଼ିବସିଲା ଟିମ। ମ୍ୟୁଟେସନ ପାଇଁ ଅତିରିକ୍ତ ତହସିଲଦାର ୯ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଅନୁଗୋଳ ଅଞ୍ଚଳର ଓମ ପ୍ରକାଶ ଅଗ୍ରୱାଲଙ୍କର ଛେଣ୍ଡିପଦା ତହସିଲରେ ୩ଟି ମୁଟେସନ ରହିଥିଲା। ଏନେଇ ତାଙ୍କର ଓକିଲ ବାରମ୍ବାର ଦୌଡିଥିଲେ।ଏହି ମ୍ୟୁଟେସନ ପାଇଁ ଛେଣ୍ଡିପଦା ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକ ୯ହଜାର ଟଙ୍କା ଦାବି କରିଥିଲେ। ଏନେଇ ଓମ ପ୍ରକାଶଙ୍କ ଓକିଲ ଅନୁଗୋଳ ଭିଜିଲାନ୍ସ ବିଭାଗ ସହିତ କଥା ହୋଇଥିଲେ। ଏହି ଟଙ୍କା ଦେବା ପାଇଁ ବୁଧବାର ଓମ ପ୍ରକାଶଙ୍କ ଓକିଲ ଛେଣ୍ଡିପଦା ଆଡିଶନାଲ ତହସିଲଦାରଙ୍କୁ ଦେଉଥିବା ବେଳେ ଅଫିସର ଜଣକ ପିଅନ କାହ୍ନା ସାହୁଙ୍କୁ ଦେବା ପାଇଁ କହିଥିଲେ। କାହ୍ନା ସାହୁ ଓକିଲଙ୍କଠାରୁ ୯ହଜାର ଟଙ୍କା ନେଉଥିବା ବେଳେ ଅନୁଗୋଳ ଭିଜିଲାନ୍ସର ଆଡିସନାଲ ଏସପି ସ୍ୱସ୍ତିକ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ ଚଢ଼ାଉ କରି ତାଙ୍କ ଠାରୁ ୯ ହଜାର ଟଙ୍କା ଜବତ କରିଥିଲେ। ଏନେଇ ଭିଜିଲାନ୍ସ ଟିମ ପକ୍ଷରୁ ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକ ଓ କାହ୍ନା ସାହୁଙ୍କୁ ଅଟକ ରଖି ତାଙ୍କର ଅଫିସ ଚାମ୍ବର ସହିତ ସରକାରୀ ବାସଭବନକୁ ଯାଞ୍ଚ କରୁଛି ଟିମ।

# ସୀମାନ୍ତରୁ ମାଓ ଡମ୍ପ ଉଦ୍ଧାର, ମାଓବାଦୀଙ୍କ ଷଡ଼ଯନ୍ତ୍ର ପଣ୍ଡ

**ମାଲକାନଗିରି,୩୧।୧୨ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ସୀମାନ୍ତ ସୁକମା ଜିଲ୍ଲାରେ ପୁଣି ସୁରକ୍ଷାକର୍ମୀ ଜଙ୍ଗଲରୁ ମାଓ ଡମ୍ପ ଠାବ କରିଛନ୍ତି। ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ପୁଲିସ ଏବଂ ସିଆରପିଏଫ ଯବାନ ଜିଲ୍ଲାର ଉରସାଙ୍ଗଲରେ ସର୍ଚ୍ଚ ଅପରେସନ କରୁଥିଲେ। ଯବାନ ସର୍ଚ୍ଚ ଅପରେସନ ବେଳେ ଜଙ୍ଗଲରେ ଏକ ମାଓ ଡମ୍ପକୁ ଉଦ୍ଧାର କରିଥିଲେ। ଏଥିରେ ବୋଲ୍ଟ ଆକ୍ସନ ରାଇଫଲ, ଭରମାର ବନ୍ଧୁକ, ୧୨ ବୋର ସିଙ୍ଗଲ ରାଇଫଲ, ଏସଏଲଆର ରାଇଫଲ ଗୁଳି, ଇନସାସ ରାଇଫଲ ଗୁଳି, ୩୦୩ ରାଇଫଲ ଗୁଳି, ମାଗାଜିନ ଜବତ କରାଯାଇଛି।

ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ନକ୍ସଲ ଏଠାରେ ଲୁଚାଇ ରଖିଥିବା କୁହାଯାଇଛି। ତେବେ ଏକ ବଡ ଅଘଟଣକୁ ଯବାନ ଏଡାଇ ଦେଇଥିବା କୁହାଯାଇଛି। ଏବେ ନକ୍ସଲ ଆଉ ହିଂସା ଘଟାଇବା ମୁସକିଲ ହୋଇପଡିଛି। ଯବାନଙ୍କ ଘନଘନ ଅପରେସନରେ ନକ୍ସଲ ଲୁଚିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଏବେ କେବଳ ଆତ୍ମସମର୍ପଣ ହିଁ ଏକମାତ୍ର ବିକଳ୍ପ ବୋଲି କୁହାଯାଇଛି। ବିଶେଷ ସୂତ୍ରରୁ ସୁକମା



ପୁଲିସ ଖବର ପାଇଥିଲା ଯେ, ପିନାଚାନ୍ଦା ଏବଂ ବୋଟେତଙ୍ଗ ମଧ୍ୟରେ ଥିବା ଜଙ୍ଗଲରେ ନକ୍ସଲ ଡମ୍ପ କରି ବହୁ ବିସ୍ଫୋରକ ରଖିଛନ୍ତି। ଖବର ପାଇ ତୁରନ୍ତ ଜିଲ୍ଲା ପୁଲିସ ସମେତ କୋବ୍ରା ଯବାନ ସେହି ଅଞ୍ଚଳକୁ ସର୍ଚ୍ଚ ଅପରେସନ ପାଇଁ ଯାଇଥିଲେ। ବୋଟେତଙ୍ଗ ଜଙ୍ଗଲରେ ସର୍ଚ୍ଚ ଅପରେସନ କରି ମାଓ ଡମ୍ପ୍ ଜବତ କରିଥିଲେ। ମାଓ ଡମ୍ପ୍‌ରୁ ବିସ୍ଫୋରକ, ବିଦ୍ୟୁତ ତାର, ୪୦ଟି ସ୍ପାଇକ ରଡ, ଷ୍ଟିଲ ରଡ, ୩ କିଲୋର ଦୁଇଟି ଟିଫିନ ବୋମା, ବନ୍ଧୁକ ତିଆରି ସାମଗ୍ରୀ, ବିଜିଏଲ, ଜିଲୋଟିନ, ଏୟାର ଗନ ଭଳି ବହୁ ସାମଗ୍ରୀ ଉଦ୍ଧାର କରାଯାଇଛି।

# ସଂଘର୍ଷ ଓ ସଫଳତାର କାହାଣୀ 'ପାଦେ ଆକାଶ' ପ୍ରଦର୍ଶିତ



**ଭୁବନେଶ୍ୱର, ୩୧।୧୨(ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ କ୍ରମେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଲୋକସେବା ଭବନ ସ୍ଥିତ କନଭେନସନ ସେଣ୍ଟରଠାରେ ଭିନ୍ନକ୍ଷମ ସଶକ୍ତିକରଣର ବାର୍ତ୍ତା ବହନ କରୁଥିବା ଓଡ଼ିଆ ଚଳଚ୍ଚିତ୍ର 'ପାଦେ ଆକାଶ'ର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି।

ତରଙ୍ଗ ସିନେ ପ୍ରଡକ୍ସନ ପ୍ରଯୋଜିତ ଓ ବିଶିଷ୍ଟ ନିର୍ଦ୍ଦେଶକ ସୁଶାନ୍ତ ମଣିଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ନାରୀଶକ୍ତି ପୁରସ୍କାରପ୍ରାପ୍ତ ତଥା ଅନୁଷ୍ଠାନ 'ସ୍ୱାଭିମାନ'ର ପ୍ରତିଷ୍ଠାତା ଡଃ ଶ୍ରୁତି ମହାପାତ୍ରଙ୍କ ପ୍ରେରଣାଦାୟୀ ଜୀବନୀ ଉପରେ ଆଧାରିତ। ଜୀବନର ସଂଘର୍ଷ ଓ ଅନ୍ୟାନ୍ୟ ଇଚ୍ଛାଶକ୍ତି ବଳରେ କିଭଳି ବାଧାବିଘ୍ନକୁ ଅତିକ୍ରମ କରି ସଫଳତା ପାଇହେବ, ତାହା ଏହି ଚଳଚ୍ଚିତ୍ରରେ ଅତି ନିଖୁଣ ଭାବେ ଚିତ୍ରଣ କରାଯାଇଛି।

ଏହି ଅବସରରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଆର. ସନ୍ଥଗୋପାଳନ, ଡଃ ଶ୍ରୁତି ମହାପାତ୍ର ଏବଂ ତରଙ୍ଗ ସିନେ ପ୍ରଡକ୍ସନର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଯୋଜକ ଦେବିଦତ୍ତ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସଚିବାଳୟର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଚଳଚ୍ଚିତ୍ରଟିକୁ ଉଚ୍ଚପ୍ରଶଂସା କରିବା ସହ ଏହା ସମାଜ ପାଇଁ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରିବ ବୋଲି ମତବ୍ୟକ୍ତ କରିଥିଲେ। ବିଭାଗ ତରଫରୁ ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଭାସ୍କର ରଇତ ଓ ସୋନିଆ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମାର୍ଚ୍ଚକୁ ଘୁଞ୍ଚିଲା ପିୟୁସିସି ଯାଞ୍ଚ

# ଏପ୍ରିଲ ୧ରୁ ନିଆଯିବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୩୧।୧୨ (ସଂଚାର ବ୍ୟୁରୋ):** ଗାଡ଼ି ଚାଳକଙ୍କ ପାଇଁ ଆଶ୍ୱସ୍ତି। ପ୍ରଦୂଷଣ ଯାଞ୍ଚ ଅବଧି ବଢ଼ାଇଲେ ରାଜ୍ୟ ସରକାର। ଅବଧି ମାର୍ଚ୍ଚ ଯାଏଁ ବୃଦ୍ଧି କଲେ ସରକାର। ୨୦୨୬ ମାର୍ଚ୍ଚ ୩୧ ଯାଏଁ ବଢିଲା ଅବଧି। ଏହା ପରେ ଅର୍ଥାତ ୧ ଏପ୍ରିଲରୁ ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ଆକ୍ସନ ନେବେ ସରକାର୍। ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ସୂଚନା ଦେଲେ ପରିବହନ ମନ୍ତ୍ରୀ।

ଲୋକଙ୍କ ସମସ୍ୟା ଏବଂ ଅସୁବିଧାକୁ ଦୃଷ୍ଟିରେ ରଖି ପିୟୁସିସି ଯାଞ୍ଚ ଅବଧି ବଢ଼ାଇଛନ୍ତି ସରକାର୍। ଫେବୃଆରି ପରିବର୍ତ୍ତେ ମାର୍ଚ୍ଚ ୩୧ ଯାଏଁ ସମୟ ଦେଲେ ସରକାର୍। ମାର୍ଚ୍ଚ ୩୧ ସୁଦ୍ଧା ପ୍ରଦୂଷଣ ପ୍ରମାଣପତ୍ର କରାଇନେବାକୁ କହିଲେ ପରିବହନ ମନ୍ତ୍ରୀ। ଏପ୍ରିଲ ୧ରୁ ପ୍ରଦୂଷଣ ଯାଞ୍ଚ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଲେ ମନ୍ତ୍ରୀ। ଆଜି ପରିବହନ ମନ୍ତ୍ରୀଙ୍କ ବାସଭବନରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ହୋଇଛି। ପରିବହନ ମନ୍ତ୍ରୀ, ସଚିବ ଏବଂ ବରିଷ୍ଠ ଅଧିକାରୀଙ୍କୁ ନେଇ ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଘୋଷଣା ଯେ, ପ୍ରଦୂଷଣ ପ୍ରମାଣପତ୍ର ମିଳିଲେ ତୁରନ୍ତ ଲାଗିବ ଗ୍ରୀନ୍ ଷ୍ଟିକର। ପରିବହନ ବିଭାଗ ପକ୍ଷରୁ ଏହି ଷ୍ଟିକର ଯୋଗାଇ ଦିଆଯିବ। ଯାହାର ଗାଡ଼ିରେ ଉପରେ ପୂର୍ବରୁ ଜରିମାନା ରହିଛି, ସେହି ଜରିମାନା କ୍ଲିୟର ନକରିବା ଯାଏଁ ପଲ୍ୟୁସନ

- ପ୍ରଦୂଷଣ ପ୍ରମାଣପତ୍ର ନଥିଲେ କାର୍ଯ୍ୟାନୁଷ୍ଠାନ
- କଟିବ ୧୦ ହଜାର ଟଙ୍କାର ଫାଇନ

ସାର୍ଟିଫିକେଟ ମିଳୁନାହିଁ। ଯେଉଥିପାଇଁ ଏବେ ଫାଇନ ଦେବାକୁ ଟ୍ରାଫିକ ଥାନାରେ ଲୋକଙ୍କ ଲମ୍ବା ଲାଇନ ଲାଗିଛି। ନିୟମ ଖିଲାପ କରି, ପୂର୍ବରୁ ଯଦି ଗାଡ଼ିରେ କୌଣସି ଫାଇନ ଥିବ ଓ ତାକୁ ପୈଠ କରାଯାଇ ନଥିବ, ପାଲ୍ୟୁସନ ସାର୍ଟିଫିକେଟ ମିଳୁନାହିଁ। ପଲ୍ୟୁସନ ସାର୍ଟିଫିକେଟ ନଥିଲେ କଟିବ ୧୦ ହାଜର ଫାଇନ। ତେଣୁ ଚାଲାଣ ଭୟରେ ପୂର୍ବ ଫାଇନଗୁଡିକ କ୍ଲିୟର କରି ପଲ୍ୟୁସନ ସାର୍ଟିଫିକେଟ ବାହାର କରୁଛନ୍ତି ଲୋକ।

















ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ଗୁରୁବାର ୧ ଜାନୁଆରୀ ୨୦୨୬






# ବିହାରରେ ମୋଦି ମ୍ୟାଜିକ

ବିହାର ବିଧାନସଭା ନିର୍ବାଚନରେ ଏନଡିଏ ବିପୁଳ ବିଜୟ ହାସଲ କରିଛି। ଏଠାରେ ମୋଦି ମ୍ୟାଜିକ ଲୋକଙ୍କ ମନକୁ ଛୁଇଁଛି। କଂଗ୍ରେସ-ଆରଜେଡି ନେତୃତ୍ୱାଧୀନ ମହାମେଣ୍ଟକୁ ପରାସ୍ତ କରି ଏଠାରେ ଦଶମ ଥର ଲାଗି ମୋଦି ସହଯୋଗୀ ନୀତୀଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବାରେ ସଫଳ ହୋଇଛନ୍ତି। ବିଜେପି-ଜେଡିୟୁ ମେଣ୍ଟ ଏଠାରେ ୨୪୩ ଆସନରୁ ୨୦୦ ଆସନ ଜିତିବାରେ ସଫଳ ହୋଇଥିଲେ। ବିଜେପି ସବୁଠାରୁ ବଡ଼ ଦଳ ଭାବେ ଏଠାରେ ଉଭାହୋଇ ଏକାକୀ ୮୯ ଆସନ ଦଖଲ କରିପାରିଛି। ସହଯୋଗୀ ଜେଡିୟୁକୁ ୮୫ ଆସନ ମିଳିଛି। ଯୁପି ପରେ ବିହାରରେ ଏନଡିଏ ଏଭଳି ଅପୂର୍ବ ସଫଳତା ପାଇବା ପଛରେ ପ୍ରଧାନମନ୍ତ୍ରୀଙ୍କ ସଫଳ ନେତୃତ୍ୱ ଓ ସ୍ଥିର ସରକାର ରହିଛି। ମୋଦିଙ୍କ ସୁଶାସନକୁ ବିଭିନ୍ନ ରାଜ୍ୟରେ ଲୋକ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି। ମୋଦିଙ୍କ ଅଭିଜ୍ଞତା, ଦୂରଦର୍ଶିତା ଓ ସଫଳ ରାଜନୈତିକ ଗୋଟିଚାଳନା ଦଳ ତଥା ଏନଡିଏ ମେଣ୍ଟକୁ ଏଭଳି ଅପୂର୍ବ ସଫଳତା ଆଣିଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ।



## ପହଲଗାମ ଆତଙ୍କବାଦୀ ଆକ୍ରମଣ

ଗତ ଏପ୍ରିଲ ମାସ ୨୨ ତାରିଖରେ ପାକ୍ ସମର୍ଥିତ ଆତଙ୍କବାଦୀମାନେ ଜମ୍ମୁ କଶ୍ମୀରର ପହଲଗାମଠାରେ ଧର୍ମ ପଚାରି ୨୬ ଜଣ ହିନ୍ଦୁଙ୍କୁ ଗୁଳିକରି ହତ୍ୟା କରିଥିଲେ। ସେମାନେ ବୈସରନ ଘାଟିରେ ପର୍ଯ୍ୟଟକମାନଙ୍କୁ ଟାର୍ଗେଟ କରିଥିଲେ। ବିଶ୍ୱବ୍ୟାପୀ ଏଭଳି ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରାଯାଇଥିଲା। ଭାରତ 'ଅପରେଶନ ସିନ୍ଦୂର' ମାଧ୍ୟମରେ ଏହାର ପ୍ରତିଶୋଧ ନେଇଛି। ପିଓକେ ଓ ପାକ୍ ଭିତରେ ପଶି ଆତଙ୍କବାଦୀ ଶିବିର ଧ୍ୱଂସକରିବା ସହ ଏଭଳି ହିଂସ୍ର କାର୍ଯ୍ୟରେ ଲିପ୍ତ ଥିବା ଆତଙ୍କବାଦୀଙ୍କୁ ମାରିବାରେ ସଫଳ ହୋଇଛି। ଜୈସ ଓ ଲସ୍କର ଆତଙ୍କବାଦୀଙ୍କ ୯ ଆଡ୍ଡାକୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯାଇଥିଲା। ଏନଆଇଏ ତଦନ୍ତରେ ପାକ୍ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବାର ଆତଙ୍କବାଦୀ ଏଥିରେ ସାମିଲ ଥିବା ସ୍ପଷ୍ଟ ହୋଇଛି। ଅପରେଶନ ସିନ୍ଦୂର ଦ୍ୱାରା ପାକିସ୍ତାନର ପ୍ରାୟ ୫୦୦ ଜଣ ନିହତ ହେବା ସହ ଅନେକ କ୍ଷୟକ୍ଷତି ହୋଇଥିଲା।

# ବିଦାୟୀ ବର୍ଷର ଜାତୀୟ ଦୃଶ୍ୟପଟ

ନୂଆବର୍ଷ ଆଣିଦେଇଛି ନୂଆ ଆଶା ଓ ଅପାର ସମ୍ଭାବନା। ଏହାକୁ ନେଇ ଚାରିଆଡ଼େ ଖୁସିର ମାହୋଲ। ହେଲେ ବିଗତ ବର୍ଷର କେତେକ ଅଭୁଲା ସ୍ମୃତି ଓ ଅନୁଭୂତି ଏବେ ବି ସମସ୍ତଙ୍କ ମନକୁ ରୋମନ୍ଥନ କରୁଛି। ଜାତୀୟ ଓ ପ୍ରାଦେଶିକ ରାଜନୀତିରେ ବିଜେପିର ଶକ୍ତିବୃଦ୍ଧି, ଜାତୀୟ ସ୍ତରର ବିଭିନ୍ନ ଘଟଣା ଓ ଅଘଟଣା ଲୋକଙ୍କ ମନକୁ ଏବେ ବି ଆନ୍ଦୋଳିତ କରୁଛି। ଏ ସମସ୍ତ ଘଟଣାକୁ ନେଇ ଆଜିର ସ୍ୱତନ୍ତ୍ର ଉପସ୍ଥାପନା।

## ୨୭ ବର୍ଷ ପରେ ଦିଲ୍ଲୀରେ ବିଜେପି



ଦୀର୍ଘ ୨୭ ବର୍ଷ ପରେ ରାଜଧାନୀ ଦିଲ୍ଲୀରେ ବିଜେପି ପୁଣି କ୍ଷମତାକୁ ଫେରିବାରେ ସଫଳ ହୋଇଛି। ମୋଟ ୭୦ ଆସନରୁ ବିଜେପି ଏକାକୀ ୪୮ ଆସନ ଜିଣି ସରକାର ଗଠନ କରିଛି। ଆମ ଆଦମୀ ପାର୍ଟି ବହୁ ପ୍ରୟାସ କରି ମଧ୍ୟ କ୍ଷମତା ସୁରକ୍ଷିତ ରଖିପାରିଲା ନାହିଁ। ପୂର୍ବଥର ୭୦ରୁ ୬୨ ଆସନ ଜିଣି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିପକାଇଥିବା ଏହି ଦଳ ଏଥର ମାତ୍ର ୨୨ ଆସନ ଜିତି ସେତିକିରେ ସନ୍ତୁଷ୍ଟ ହୋଇଛି। ବିଜେପି ସପକ୍ଷରେ ବିପୁଳ ଜନମତ ଏଠାରେ ଦେଖିବାକୁ ମିଳିଥିଲା। ବିଜେପି ରେଖା ଗୁପ୍ତାଙ୍କୁ ଏଠାରେ ମୁଖ୍ୟମନ୍ତ୍ରୀ ଭାବେ ଅଧିଷ୍ଠିତ କରିଛି। ସବୁଠାରୁ ବଡ଼ କଥା ହେଲା ଯେ, ଦିଲ୍ଲୀରେ କଂଗ୍ରେସ ଖାତା ଖୋଲିବାରେ ସଫଳ ହୋଇପାରିନାହିଁ।

## ଭାରତୀୟ ମହିଳା ଟିମ ବିଶ୍ୱବିଜୟୀ

ଭାରତୀୟ ମହିଳା କ୍ରିକେଟ ଟିମ୍ ବିଶ୍ୱବିଜୟୀ ହେବାର ସୌଭାଗ୍ୟ ଅର୍ଜନ କରିଛି। ମହିଳା ବିଶ୍ୱକପ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି ବିଶ୍ୱବାସୀଙ୍କ ହୃଦୟ ଜିଣିପାରିଛଇ। ଫାଇନାଲରେ ଦକ୍ଷିଣ ଆଫ୍ରିକା ଦଳକୁ ୫୨ ରନ୍‌ରେ ପରାସ୍ତ କରି ଟିମ ଇଣ୍ଡିଆ ଏହି ସଫଳତା ହାସଲ କରିପାରିଛି। ସେମାଫାଇନାଲରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ପରାସ୍ତ କରି ଦଳ ୩୩୯ ରନ ଚେସ୍ କରିବାରେ ସଫଳ ହୋଇଥିଲା। ଫାଇନାଲରେ ଚାମ୍ପିଅନ ହୋଇ ଭାରତୀୟ ମହିଳା ଦଳ ବିଶ୍ୱବିଜୟୀ ହେବାର ସୌଭାଗ୍ୟ ଅର୍ଜନ କରିଛି।

## ନୂଆ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ



ଭାରତର ନୂଆ ଉପରାଷ୍ଟ୍ରପତିଭାବେ ସିପି ରାଧାକ୍ରିଷ୍ଣନ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ସାଂସଦ ରହିବା ସହ ବିଭିନ୍ନ ରାଜ୍ୟର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାମିଲନାଡୁରେ ଜନ୍ମଗ୍ରହଣ କରିଥିବା ରାଧାକ୍ରିଷ୍ଣନ ଯୁବାବସ୍ଥାରୁ ଆରଏସ୍‌ଏସ୍ ଓ ଜନସଂଘ ସହ ଜଡ଼ିତ। ତାମିଲନାଡୁ ବିଜେପି ସଭାପତି ପଦ ମଧ୍ୟ ପୂର୍ବରୁ ଅଲଙ୍କୃତ କରିଥିଲେ। ଜଗଦୀନ ଧନଖଡଙ୍କ ପରେ ତାଙ୍କୁ ଭାରତର ଉପରାଷ୍ଟ୍ରପତିଭାବେ ନିର୍ବାଚିତ କରାଯାଇଛି। ଜଣେ ସଚ୍ଚୋଟ ଓ ନିର୍ଭିକ ରାଜନେତା ଭାବେ ସେ ବେଶ ଜଣାଶୁଣା। ବିଜେପିର କାର୍ଯ୍ୟଧାରା ଓ ଆଦର୍ଶରେ ସେ ଅନୁପ୍ରାଣିତ ହୋଇ ରାଜନୀତିକୁ ଆସିଥିଲେ।

## ସର୍ବୋଚ୍ଚ ନ୍ୟାୟାଳୟରରେ ଜଷ୍ଟିସ ସୂର୍ଯ୍ୟକାନ୍ତ



ସୁପ୍ରିକୋର୍ଟର ୫୩ତମ ପ୍ରଧାନ ବିଚାରପତିଭାବେ ଜଷ୍ଟିସ ସୂର୍ଯ୍ୟକାନ୍ତ ନିଯୁକ୍ତ ହୋଇଛନ୍ତି। ହରିଆନାର ହିସାରରେ ଜନ୍ମଗ୍ରହଣ କରିଥିବା ଜଷ୍ଟିସ ସୂର୍ଯ୍ୟକାନ୍ତ ପୂର୍ବରୁ ହିମାଚଳ ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ହରିଆନା ଓ ପଞ୍ଜାବ ହାଇକୋର୍ଟରେ ସେ ବିଚାରପତି ରହିଥିଲେ। ସିଜେଆଇ ରଞ୍ଜନ ଗୋଗୋଇଙ୍କ

## ଦିଲ୍ଲୀ କାରବୋମା ବିସ୍ଫୋରଣ

ଗତ ନଭେମ୍ବର ମାସ ୧୦ ତାରିଖରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଆତଙ୍କବାଦୀମାନେ କାର ବୋମା ବିସ୍ଫୋରଣ କରି ନିରୀହ ଲୋକଙ୍କୁ ଟାର୍ଗେଟ କରିଥିଲେ। ଏଥିରେ ୧୩ଜଣଙ୍କ ପ୍ରାଣହାନୀ ଘଟିଥିଲା ବେଳେ ୨୦ ଜଣ ଆହତ ହୋଇଥିଲେ। ପୁଲୱାମାର ଡାକ୍ତର ଗୁଲାମ ନବୀ ଏହାର ମାଷ୍ଟରମାଇଣ୍ଡ ଥିଲା। ଅଲ ଫଲାହ ବିଶ୍ୱବିଦ୍ୟାଳୟର ଡଶକ୍ତର ଗୋଷ୍ଠୀ ଏହା ପଛରେ ରହିଥିବା ପରେ ଜଣାପଡ଼ିଥିଲା। ଏଥିଲାଗି ଦେଶବ୍ୟାପୀ ହାଇଆଲର୍ଟ ଜାରି କରାଯାଇଥିଲା। ମାମଲାର ତଦନ୍ତ ଏନଆଇଏ ନେଇ ଖୋଳତାଡ କରୁଛି।





## ଭୟଙ୍କର ବିମାନ ଦୁର୍ଘଟଣା



ଗତ ଜୁନ ମାସ ୧୨ ତାରିଖରେ ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ ଲାଇନର ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଥିବା ୨୪୧ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ବିମାନଟି ଅହମଦାବାଦରୁ ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିଲା। ସେଥିରେ ଇଂଲଣ୍ଡ, ପର୍ତ୍ତୁଗାଲ, କାନାଡାର ଲୋକମାନେ ବି ରହିଥିଲେ। ବିମାନଟି ଟେକ୍ ଅପ୍‌ର କିଛି ସମୟ ପରେ ଏଭଳି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ମଧ୍ୟ ଏଥିରେ ପ୍ରାଣ ହରାଇଥିଲେ। ବିମାନଟି ଏକ ମେଡିକାଲ କଲେଜରେ ମାଡ଼ହୋଇ କ୍ରାସ୍ ହୋଇଥିଲା।

## ମହାକୁମ୍ଭ ଦଳାଚକଟା



ଗତ ଜାନୁଆରୀ ୨୯ ତାରିଖରେ ଉତ୍ତରପ୍ରଦେଶର ପ୍ରୟାଗରାଜସ୍ଥ ମହାକୁମ୍ଭ ମେଳାରେ ଦଳାଚକଟା ହେବାରୁ ୩୮ ଜଣ ଶ୍ରଦ୍ଧାଳୁଙ୍କ ପ୍ରାଣହାନୀ ଘଟିଥିଲା। ୬୦ରୁ ଅଧିକ ଆହତ ହୋଇଥିଲେ। ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ପରେ ବ୍ୟାରିକେଡ ହଠାତ ଭାଙ୍ଗିଯିବାରୁ ଏଭଳି ଘଟଣା ଘଟିଥିଲା। ମୁନି ଅମାବାସ୍ୟାରେ ବୁଡ଼ ପକାଇବା ଲାଗି ଥିବା ଶ୍ରଦ୍ଧାଳୁ ଏନେଇ ଦୌଡ଼ାଦୌଡ଼ି କରିବାରୁ ଦଳଚକଟାରେ ଅନେକ ପ୍ରାଣ ହରାଇଥିଲେ। ପ୍ରାୟ ୭ କୋଟି ଶ୍ରଦ୍ଧାଳୁଙ୍କ ସେଠାରେ ସମାଗମ ହୋଇଥିଲା। ଉତ୍ତରପ୍ରଦେଶ ସରକାର ଏହାର ତଦନ୍ତ ନେଇ ୩ଜଣିଆ ନ୍ୟାୟିକ କମିଟି ଗଠନ କରିଥିଲେ।

## ବିଜୟଙ୍କ ରାଲିରେ ଦଳାଚକଟା

ଗତ ସେପ୍ଟେମ୍ବର ମାସ ୨୭ ତାରିଖରେ ତାମିଲ ଅଭିନେତାରୁ ରାଜନେତା ସାଜିଥିବା ବିଜୟଙ୍କ କ୍ରୁରୁର ରାଲିରେ ଦଳାଚକଟା ହେବାରୁ ୪୧ଜଣଙ୍କ ପ୍ରାଣହାନୀ ଘଟିଥିଲା। ଏଥିରେ ଶତାଧିକ ଲୋକ ଆହତ ମଧ୍ୟ ହୋଇଥିଲେ। ମୃତକଙ୍କ ମଧ୍ୟରେ ଅଧିକାଂଶ ୧୮ ବର୍ଷରୁ ୩୦ ବର୍ଷ ମଧ୍ୟରେ ଥିଲେ। ବିଜୟ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଦୋଷାରୋପ କରିଥିବା ବେଳେ ବେଶ କିଛିଦିନ ରାଜନୀତି ଜୋର ଧରିଥିଲା। ଶେଷରେ ଏହି ଘଟଣାର ସିବିଆଇ ତଦନ୍ତ ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦିଆଯାଇଛି।

## ପରଲୋକରେ ବଲିଉଡ୍‌ର 'ହି ମ୍ୟାନ'



ଭେଟେରାନ ବଲିଉଡ୍ ଅଭିନେତା ଧର୍ମେନ୍ଦ୍ର ଓରଫ ହି ମ୍ୟାନଙ୍କ ୮୯ ବର୍ଷରେ ବୟସାଧିକ ଓ ସ୍ୱାସ୍ଥ୍ୟଗତ କାରଣରୁ ପରଲୋକ ହୋଇଛି। ଏଥିସହ ବଲିଉଡରେ ଏକ ଯୁଗର ଅବସାନ ଘଟିଛି। ଶୋଲେ, ୟାଦୋଁ କି ବାରାତ୍, ସତ୍ୟକାମ, ଫୁଲ ଔର ପଥର ଭଳି ଅନେକ ହିଟ୍ ଫିଲ୍ମ ଦେଇ ସେ ଭାରତର ଜନମାନସରେ ରହିଆସିଛନ୍ତି। ବଲିଉଡ୍‌ରେ ସେ ୩୦୦ରୁ ଊର୍ଦ୍ଧ୍ୱ ଫିଲ୍ମରେ ଅଭିନୟ କରିଛନ୍ତି। ପଞ୍ଜାବରେ ଜନ୍ମିତ ଧର୍ମେନ୍ଦ୍ରଙ୍କ ଦ୍ୱିତୀୟ ପତ୍ନୀ ହେମା ମାଲିନୀ ମଧ ଜଣେ ଆଗ ଧାଡ଼ିର ଅଭିନେତ୍ରୀ। ଧର୍ମେନ୍ଦ୍ର ୨୦୦୪ରେ ବିକାନେରରୁ ବିଜେପିର ସାଂସଦ ମଧ୍ୟ ଥିଲେ। ତାଙ୍କର ସଫଳତା ଲାଗି ପଦ୍ମ ବିଭୂଷଣ ଉପାଧିରେ ତାଙ୍କୁ ସମ୍ମାନିତ କରାଯାଇଥିଲା।

## ଜୁବିନ ଗର୍ଗ



ଆସାମର କଲଚରାଲ ଆଇକନ ଭାବେ ପରିଚିତ ଗୀତିକାର, ଅଭିନେତା, ଫିଲ୍ମ ନିର୍ମାତା ଜୁବିନ ଗର୍ଗଙ୍କ ସିଙ୍ଗାପୁରରେ ପରଲୋକ ହୋଇଯାଇଛି। ସେ ହିନ୍ଦୀ, ବଙ୍ଗଳା, ଆସାମୀ ଫିଲ୍ମରେ ଅନେକ ମ୍ୟୁଜିକ ଦେଇ ଲୋକପ୍ରିୟତା ହାସଲ କରିପାରିଛନ୍ତି। ପ୍ରାୟ ୪୦ ଭାଷାରେ ଗୀତ ଗାଇବାର ଦକ୍ଷତା ରଖିଥିଲେ। ଗୀତ ଗାଇବା ସହ ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇବାର କଳା ତାଙ୍କୁ ବେଶ ଜଣାଥିଲା। ମାତ୍ର ୩୩ ବର୍ଷ ମଧ୍ୟରେ ସେ ୪୦ ହଜାରରୁ ଅଧିକ ଗୀତ ରେକର୍ଡ କରିବାରେ ସକ୍ଷମ ହୋଇଥିଲେ। ଗଦ୍ଦର, ଡୋଲି ସଜା କେ ରଖନା, ମୁମ୍ବାଇ ସେ ଆୟା ମେରା ଦୋସ୍ତ, ଦିଲ୍ ସେ ଭଳି ଅନେକ ହିନ୍ଦୀ ଫିଲ୍ମରେ ସେ ନିଜ ମ୍ୟୁଜିକର ଛାପ ଛାଡ଼ିଯାଇଛନ୍ତି।

## ପଙ୍କଜ ଧୀର



ମହାଭାରି ସିରିୟଲରେ କର୍ଣ୍ଣ ଭୂମିକାରେ ଅଭିନୟ କରି ଲୋକଙ୍କ ସାବାସୀ ପାଇଥିବା ବଲିଉଡ୍ ଅଭିନେତା ପଙ୍କଜ ଧୀରଙ୍କ ପରଲୋକ ସିନେ ପ୍ରେମୀଙ୍କୁ ବେଶ ଆଘାତ ଦେଇଥିଲା। ଚନ୍ଦ୍ରକାନ୍ତାରେ ମଧ୍ୟ ତାଙ୍କର ନିଖୁଣ ଅଭିନୟ ଦେଖିବାକୁ ମିଳିଥିଲା। ହିନ୍ଦୀ ଫିଲ୍ମ ସଡ଼କ, ସୋଲଜର, ବାଦଶାହ, ଟାର୍ଜନରେ ସେ ଅଭିନୟ କରି ପେଶ ଲୋକପ୍ରିୟତା ହାସଲ କରିଥିଲେ। ମାଲାୟାଲମ, କନ୍ନଡ, ପଞ୍ଜାବୀ ଫିଲ୍ମ ଓ ସିରିୟଲରେ ତାଙ୍କର ବେଶ ଦଖଲ ରହିଥିଲା। ସେ ଗତ ଅକ୍ଟୋବର ମାସରେ କର୍କଟ ରୋଗରେ ପଡ଼ି ପ୍ରାଣ ହରାଇବା ସହ ସିନେ ପ୍ରେମୀଙ୍କୁ ଶକ୍ତ ଆଘାତ ଦେଇଥିଲେ।

## ସତୀଶ ଶାହ



କମିକ ରୋଲ ପାଇଁ ଜଣାଶୁଣା ଅଭିନେତା ସତୀଶ ଶାହଙ୍କ ପରଲୋକ ଭାରତୀୟ ସିନେ ଜଗତ ପାଇଁ ଦୁଃଖ ଆଣି ଦେଇଛି। ହିନ୍ଦୀ ଫିଲ୍ମ ଜାନେ ଭି ଦୋ ୟାରୋ, ମେଁ ହୁଁ ନା, କଲ ହୋ ନା ହୋ, ଫନା, ଓମ୍ ଶାନ୍ତି ଓମ୍ ଭଳି ଅନେକ ଫିଲ୍ମରେ ସେ ଅଭିନୟର ଯାଦୁ ଛାଡ଼ି ଦେଇ ଚାଲିଯାଇଛନ୍ତି। ମୁମ୍ବାଇ ଜନ୍ମିତ ସତୀଶ କୋଭିଡ୍ ଆକ୍ରାନ୍ତ ପରେ ଗତ ଅକ୍ଟୋବରରେ ହାର୍ଟ ଆଟାକ୍ ର ସମ୍ମୁଖୀନ ହୋଇ ପ୍ରାଣ ହରାଇଥିଲେ। ମରାଠି, କନ୍ନଡ ଆଦି ଭାଷାରେ ମଧ ସେ ନିଜର ଅଭିନୟ ଯାଦୁ ଦେଖାଇଛନ୍ତି।

## ଶିବରାଜ ପାଟିଲ



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଲୋକସଭାର ପୂର୍ବତନ ବାଚସ୍ପତି ଶିବରାଜ ପାଟିଲଙ୍କ ଗତ ଅକ୍ଟୋବରରେ ପରଲୋକ ହୋଇଛି। ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ପଦ ଭାର ସମ୍ଭାଳିଥିଲେ। ସାଂସଦ ଭାବେ ସେ ୭ ଥର ନିର୍ବାଚିତ ହୋଇଥିଲେ। ମହାରାଷ୍ଟ୍ର ରାଜନୀତିରେ ମଧ୍ୟ ତାଙ୍କର ବେଶ ଦବଦବା ରହିଥିଲା। ୨୦୦୮ ମୁମ୍ବାଇ ବିସ୍ଫୋରଣ ପରେ ସେ ଗୃହ ମନ୍ତ୍ରଣାଳୟ ପଦରୁ ଇସ୍ତଫା ଦେଇଥିଲେ। ୯୦ ବର୍ଷ ବୟସରେ ସେ ଡିସେମ୍ବରରେ ଲାଟୁରରେ ପ୍ରାଣ ହରାଇଥିଲେ।

# ଅଧିକାରୀ ଓ କର୍ମଚାରୀ ଶୂନ୍ୟ କାଶୀପୁର ବ୍ଲକ କାର୍ଯ୍ୟାଳୟ

**କାଶୀପୁର,୩୧।୧୨ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ କାର୍ଯ୍ୟାଳୟ ବର୍ତ୍ତମାନ ଗୁରୁତର ପ୍ରଶାସନିକ ଅବ୍ୟବସ୍ଥାର ଶିକାର ହୋଇଛି। ବିନା ଅଧିକାରୀ ଓ କର୍ମଚାରୀ ମଧ୍ୟରେ ବ୍ଲକ କାର୍ଯ୍ୟାଳୟ ଚାଲିଥିବା ଅଭିଯୋଗ ସାଧାରଣ ମହଲରେ ତୀବ୍ର ଆଲୋଚନା ସୃଷ୍ଟି କରିଛି। ବ୍ଲକ ର ୨୪ଟି ପଞ୍ଚାୟତର ଶତାଧିକ ହିତାଧିକାରୀ ଏହି ଅବ୍ୟବସ୍ଥାର ସିଧାସଳଖ ପ୍ରଭାବରେ ପୀଡ଼ିତ ହେଉଛନ୍ତି।



ସୋମବାର ଦିନ ୨୯ ତାରିଖ ବ୍ଲକ ଅଧିକାରୀଙ୍କ ନିକଟକୁ ବିଭିନ୍ନ ପଞ୍ଚାୟତରୁ ଆସିଥିବା ବୃଦ୍ଧାବସ୍ଥା ଭତ୍ତା, ବିକଳାଙ୍ଗ ଭତ୍ତା ଓ ବିଧବା ଭତ୍ତା ହିତାଧିକାରୀମାନେ ଗତ ତିନି ମାସ ଧରି ଟଙ୍କା ନ ପାଇବା ନେଇ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗ ଶୁଣିବାକୁ ବ୍ଲକ କାର୍ଯ୍ୟାଳୟରେ କେବଳ ଗୋଟିଏ କେସ୍ ରେକର୍ଡ କର୍ମଚାରୀ ବ୍ୟତୀତ କୌଣସି ଅଧିକାରୀ ବା ଦାୟିତ୍ୱପ୍ରାପ୍ତ କର୍ମଚାରୀ ଉପସ୍ଥିତ ନଥିବା ଦେଖି ଲୋକେ ହତାଶ ହୋଇ ଫେରିଥିଲେ।

କାର୍ଯ୍ୟାଳୟରେ କର୍ମଚାରୀମାନଙ୍କ ନିୟମିତ ଅନୁପସ୍ଥିତିକୁ ରୋକିବା ପାଇଁ

## ଭତ୍ତା ପାଇଁ ହଇରାଣ ହେଉଛନ୍ତି ହିତାଧିକାରୀ

ଉପସ୍ଥାନ ଯନ୍ତ୍ର ପଞ୍ଚିଂ ସିଷ୍ଟମ ଲଗାଯାଇଥିଲେ ମଧ ଏହାର ସଦୁପଯୋଗ ହେଉନଥିବା ନେଇ ସାଧାରଣ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏହି ଦେବାଳିଆ ପରିସ୍ଥିତିର ପ୍ରଭାବରେ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟ ଗେଣ୍ଡା ଗତିରେ ଚାଲିଛି। ବୁଦ୍ଧିଜୀବୀ ମହଲର ମତାନୁସାରେ, ପ୍ରଶାସନିକ ଅବହେଳା ଯୋଗୁଁ ସାଧାରଣ ଲୋକେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ବାରମ୍ବାର ଲିଖିତ ଅଭିଯୋଗ ଦିଆଯାଇଥିବା ସହ ବିଭିନ୍ନ ରାଜନୈତିକ ସ୍ତରରୁ ମଧ ଦୃଷ୍ଟି ଆକର୍ଷଣ କରାଯାଇଛି। ତଥାପି ଏହାର ସ୍ଥାୟୀ ସମାଧାନ ନ ହେବା ପ୍ରଶାସନର ଅନାଗ୍ରହକୁ ସ୍ପଷ୍ଟ କରୁଛି। କାଶୀପୁର ଭଳି ଏକ ବଡ଼ ବ୍ଲକରେ ଦୀର୍ଘଦିନ ଧରି ଅଧିକାରୀ ଓ କର୍ମଚାରୀ ଅଭାବ ଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ ନିରବ ରହିବା ନେଇ ଅଞ୍ଚଳବାସୀ ଗଭୀର ଅସନ୍ତୋଷ ପ୍ରକାଶ କରୁଛନ୍ତି।

# ଜାଡ଼ରେ ଥରୁଛି ଗ୍ରାମାଞ୍ଚଳ



**କଳାହାଣ୍ଡି,୩୧।୧୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାର ଗ୍ରାମାଞ୍ଚଳ ଜାଡ଼ରେ ଥରୁଛି। ଲୋକଙ୍କ ଭରସା ଏବେ ଅନଳ(ନିଆଁ)। ଲୋକେ ଜାଡ଼ରୁ ମୁକ୍ତି ପାଇବା ପାଇଁ ରାସ୍ତାର ବିଭିନ୍ନ ସ୍ଥାନରେ ନିଆଁ ଜାଳି ବସୁଛନ୍ତି। ରାସ୍ତାଦେଇ ଯିବା ଆସିବା କରୁଥିବା ଲୋକମାନେ ମଧ ନିଆଁ ପାଖ ପାଖରେ କିଛି ସମୟ ବସୁଥିବା ଦେଖିବାକୁ ମିଳୁଛି। ସହରାଞ୍ଚଳ ଅପେକ୍ଷା ଗାମାଞ୍ଚଳରେ ଅଧିକ ଶୀତ ଅନୁଭୂତ ହେଉଛି।ଧର୍ମଗଡ ଅଞ୍ଚଳ ସମେତ ଆଖ ପାଖ ପ୍ରମୁଖ ଗ୍ରାମାଞ୍ଚଳ ରାସ୍ତାରେ ଲୋକମାନେ ସକାଳେ ଓ ସନ୍ଧ୍ୟାରେ ନିଆଁ ଜାଳି ବସୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଏହି ପ୍ରଚଣ୍ଡ ଶୀତ

କୋପ ଛୋଟ ପିଲା ଓ ବରିଷ୍ଠ ନାଗରିକଙ୍କ ପାଇଁ ଅସହ୍ୟ ହୋଇପଡ଼ିଛି। କେତେକ ଗ୍ରାମରେ ଅନେକ ବରିଷ୍ଠ ନାଗରିକଙ୍କ ଶୀତ ଯୋଗୁଁ ମୃତ୍ୟୁ ଘଟୁଥିବାର ଖବର ମିଳିଛି। ଛୋଟ ଛୁଆଙ୍କ ବାରମ୍ବାର ଦେହ ଖରାପ ହେଉଛି। ଘନ କୁହୁଡ଼ି ଯୋଗୁଁ ରାସ୍ତା ଘାଟରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହେଉଛି। ଏହାସହ ଦୁର୍ଘଟଣା ମଧ ଘଟୁଛି। କାରଣ ଘନ କୁହୁଡିରେ କେଉଁ ଗାଡି ଆଗରୁ ଆସୁଛି ପଛ ଗାଡି ଦେଖି ପାରୁନାହିଁ। ଫଳରେ ଗାଡି ସହ ଏହି ଗାଡି ମାଡ ହୋଇ ଯାଉଛି। ଏହାଦ୍ୱାରା ଧନ ଜୀବନ ହାନି ଘଟୁଛି। ରାସ୍ତାରେ ଟର୍ଚ୍ଚ ଧରି ପୁଲିସ ବାହିନୀ ଘନ କୁହୁଡିରେ ପୂର୍ବରୁ ଡ୍ୟୁଟି କରୁଥିଲେ। ଫଳରେ କେତେ କାଂଶରେ ଦୁର୍ଘଟଣା ରୋକାଯାଇ ପାରୁଥିଲା। ଏବେ କିନ୍ତୁ ସେ ଦୃଶ୍ୟ ଦେଖିବାକୁ ମିଳୁନାହିଁ । ଫଳରେ ରେ ବଡ଼ ବଡ଼ ଗାଡି ଛୋଟ ଗାଡିକୁ ଧକ୍କା ଦେଉଥିବା ଦେଖିବାକୁ ମିଳୁଛି। ଶୀତ ଏପରି ହେଉଛି ଲୋକେ କେବଳ ଯେ ରାତିରେ ଶୀତ ପୋଷାକ ପିନ୍ଧୁଛନ୍ତି ତାହା ନୁହେଁ ଦିନରେ ମଧ୍ଯ ଶୀତ ପାଷାକ ଶରୀରରୁ କାଢୁ ନାହାନ୍ତି। ଶୀତ ପ୍ରକୋପ ଲାଗି ରହିଥିଲେ ମଧ ପର୍ଯ୍ୟଟନସ୍ଥଳୀରେ ଭିଡ଼ ଜମୁଛି। ବିଭିନ୍ନ ଜିଲାରୁ ପର୍ଯ୍ୟଟକମାନେ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନକୁ ପରିଭ୍ରମଣରେ ଆସି ଭୋଜି ଭାତ କରି ଶୀତର ମଜା ନେଉଥିବା ଦେଖିବାକୁ ମିଳୁଛି।

## ବହୁପୁରାତନ ଅନୁଷ୍ଠାନ କାନ୍ତ ସାହିତ୍ୟ ପରିଷଦର ନୂତନ କର୍ମକର୍ତ୍ତା ମନୋନୀତ



**ଧାମନଗର,୩୧।୧୨ (ସଂଚାର ବ୍ୟୁରୋ):** ଧାମନଗରର ସର୍ବପୁରାତନ ଅନୁଷ୍ଠାନ କାନ୍ତ ସାହିତ୍ୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ଶନିବାର ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କାନ୍ତ ସାହିତ୍ୟ ସଭାପତି ରସାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଏଥିରେ ବ୍ୟାପକ ଆଲୋଚନା ପରେ ନୂତନ କର୍ମକର୍ତ୍ତା ଶନିବାର ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ସଭାପତି ଭାବେ ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁ,ଉପସଭାପତି ଭାବେ ଅଭିମନ୍ୟୁ ମଲିକ,ହୃଦାନନ୍ଦ କର,ସଧାରଣ ସମ୍ପାଦକ ପ୍ରଧାନ ଶିକ୍ଷକ ମନୋଜ କୁମାର ସିଂହ,ସହସମ୍ପାଦନ ଭାବେ ସନ୍ତୋଷ କୁମାର ପାଢ଼ୀ, କୁଳମଣି ବେହେରା ଓ କୋଷାଧକ୍ଷ ଭାବେ ଭାବଗ୍ରାହୀ ଖୁଣ୍ଟିଆ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରଦୀପ କୁମାର ମହାପାତ୍ର,ସୁଶାନ୍ତ ରାଉତ,ସୁଧୀର ନାୟକ,ରଜତ ପଣ୍ଡା,ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ,ଅନିଲ କୁମାର ବାରିକ,ରସାନନ୍ଦ ମହାପାତ୍ର,ଶଶିକାନ୍ତ ପଣ୍ଡା,ନିରାକାର ଧଳ ଓ ସୁରେନ୍ଦ୍ର ସେଠୀଙ୍କୁ ଚୟନ କରାଯାଇଛି। ଏହି କର୍ମକର୍ତ୍ତା ଆଗାମୀ ତିନିବର୍ଷ ପାଇଁ କାର୍ଯ୍ୟ କରିବେ ସୂଚନା ମିଳିଛି। ବରିଷ୍ଠ ସଦସ୍ୟ ରାଧେଶ୍ୟାମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୋଗାଣ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବାଲିଆପାଳ, ୩୧।୧୨ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକର ପୂର୍ବତନ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥଙ୍କ ବଦଳି ଖବର ଅଞ୍ଚଳରେ ଗଭୀର ସହାନୁଭୂତି ଓ ଦୁଃଖର ପରିବେଶ ସୃଷ୍ଟି କରିଛି। ଗରିବ, ଭିନ୍ନକ୍ଷମ, ଅସହାୟ ଓ ଆଦିବାସୀ ହିତାଧିକାରୀମାନଙ୍କ ମଧ୍ୟରେ "ଅନ୍ନଦାତା ଅଧିକାରୀ" ଭାବେ ପରିଚିତ



ରଥ ବାବୁଙ୍କୁ ଛାଡ଼ିବାକୁ ଲୋକମାନେ ମନେ ମନେ ପ୍ରସ୍ତୁତ ନୁହେଁ। ଭୋଗରାଇ ବ୍ଲକକୁ ବଦଳି ପରେ ରଥ ବାବୁ ନିଜର ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର ପାଇଁ ଅଫିସ କାର୍ଯ୍ୟରେ ବାଲିଆପାଳ ବ୍ଲକକୁ ଆସିବାର ଖବର ଶୁଣି ଆଜି ବାଲିଆପାଳ ବ୍ଲକ ପରିସରରେ ଏକ ସହଜ, ଭାବୁକ ବିଦାୟ ସମାରୋହ ଦେଖାଯାଇଥିଲା। ଅନେକ ଭିନ୍ନକ୍ଷମ ଓ ଅସହାୟ ମହିଳା ଫୁଲତୋଡ଼ା ନେଇ ଆସି ଅଶ୍ରୁଭରା ନୟନରେ ତାଙ୍କୁ ବିଦାୟ ଜଣାଇବା ସହିତ ଗରିବ, ଅସହାୟ ଓ ଭିନ୍ନକ୍ଷମଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉଥିବା ବାଲିଆପାଳ ବ୍ଲକର ବିଡ଼ିଓ ଶ୍ରୀଯୁକ୍ତ ରାଧାରଞ୍ଜନ ଦାସ, ନୂତନ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା ଏବଂ ତହସିଲଦାର ଶ୍ରୀମତୀ ଜ୍ୟୋସ୍ନାରାଣୀ ଜେନାଙ୍କୁ ଭେଟି ଆଗାମୀ ୨୦୨୬ ନବବର୍ଷ ପାଇଁ ଶୁଭେଚ୍ଛା ମଧ ଜଣାଇଥିଲେ। ରଥ ବାବୁ ତାଙ୍କ କାର୍ଯ୍ୟକାଳରେ ଦୁର୍ନୀତି ଓ ଦଲାଲମୁକ୍ତ ବ୍ୟବସ୍ଥା ସ୍ଥାପନ ସହ ବର୍ଷରୁ ବର୍ଷ ରାସନରୁ ବଞ୍ଚିତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିଥିଲେ। ଆମ ଅଧିକାର ଫାଉଣ୍ଡେସନ ସାମାଜିକ ସଂଗଠନ ର କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ରଥ ବାବୁଙ୍କ ସେବାକୁ ସ୍ମରଣ କରି ତାଙ୍କ ଆଗାମୀ କର୍ମକ୍ଷେତ୍ର ସଫଳ ହେଉ ବୋଲି ଶୁଭେଚ୍ଛା ଜଣାଇବା ସହିତ ବାଲିଆପାଳ ବ୍ଲକର ବିଡିଓ, ତହସିଲଦାର ଏବଂ ନୂତନ ଯୋଗାଣ ଅଧିକାରୀଙ୍କ ମାନବିକତାର କାର୍ଯ୍ୟକୁ ପ୍ରସଂଶା କରିଛନ୍ତି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଦେହାନ୍ତ

**କଳିଙ୍ଗନଗର, ୩୧।୧୨ (ସଂଚାର ବ୍ୟୁରୋ):** ଦାନଗଦୀ ବ୍ଲକ ଧୂଳିଗଡ଼ ପଞ୍ଚାୟତ ମାନଗୋବିନ୍ଦପୁର ଗାଁ ର ଜଣେ ଆଦର୍ଶ ଅବସର ପ୍ରାପ୍ତ ଲୋକପ୍ରିୟ ପ୍ରଧାନ ଶିକ୍ଷକ ଦୈତାରୀ ସାହୁ (81) ବର୍ଷ ବୟସ ରେ ଦେହାନ୍ତ ହୋଇଯାଇଛି,ତାଙ୍କ ମୃତ୍ୟୁ ରେ ଅଖପାଖ ଅଞ୍ଚଳ ସ୍ତବ୍ଧ ହେବା ସହ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି, ଶ୍ରୀଯୁକ୍ତ ସାହୁ ଜଣେ ମେଳାପୀ, ଛାତ୍ର ବତ୍ସଳ ଓ ଅମାୟିକ, ସ୍ପଷ୍ଟବାଦୀ ବ୍ୟକ୍ତିତ୍ୱ ଥିଲେ, ମାନଗୋବିନ୍ଦପୁର ବିଦ୍ୟାଳୟ ରେ ସେ ପ୍ରଧାନ ଶିକ୍ଷକ ଥିଲା ବେଳେ ବହୁତ ଭଲ ଶିକ୍ଷା ପ୍ରଦାନ କରି ତାଙ୍କ ହାତରେ ସେ ଶହ ଶହ ଛାତ୍ର ଛାତ୍ରୀ ଙ୍କୁ ଭଲ ମଣିଷ କରି ଗଢି ତୋଳିଥିଲେ, ତାଙ୍କ ଶିକ୍ଷକତା ଜୀବନରେ ବହୁତ ଅନୁଷ୍ଠାନ ରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି,ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ, ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସା ଚାଲିଥିବା ବେଳେ ଗତକାଲି ତାଙ୍କର ଦେହାନ୍ତ ହୋଇଥିଲା। ଜନ୍ମମାଟି ମାନଗୋବିନ୍ଦପୁର ବାସଭବନରେ ତାଙ୍କର ମରଶରୀର ପହଞ୍ଚିବା ପରେ ହଜାର ହଜାର ମାନ୍ୟଗଣ୍ୟ ବ୍ୟକ୍ତି, ଗ୍ରାମବାସୀ, ଛାତ୍ର ଛାତ୍ରୀ ଶୋକାକୁଳ ପରିବେଶ ରେ ସଂକ୍ରିତନ ସହ ଗ୍ରାମ ପରିକ୍ରମା କରି ତାଙ୍କୁ ଶେଷ ବିଦାୟ ଦେଇଥିଲେ।

## ଶୁଲ ଶୁଲିଆ ପବନ ସାଙ୍ଗକୁ ହାଡ଼ଭଙ୍ଗା ଶୀତରେ ଥରୁଛି ଧାମନଗର, ଜନଜୀବନ ଅସ୍ତବ୍ୟସ୍ତ

**ଧାମନଗର,୩୧।୧୨ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଓ ଏନ ଏ ସି ଅଞ୍ଚଳରେ ଶୀତର ପ୍ରକୋପ ତୀବ୍ର ହେବାରେ ଲାଗିଛି। ସହରାଞ୍ଚଳରେ ଏବେ ଶୁଲ ଶୁଲିଆ ପବନ ସାଙ୍ଗକୁ ହାଡ଼ଭଙ୍ଗା ଶୀତରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ପ୍ରବଳ କୁହୁଡି ଅନୁଭୂତ ହେଉଛି। ବାୟୁମଣ୍ଡଳରେ କୁହୁଡି ଆଚ୍ଛାଦିତ ହେବା ଯୋଗୁଁ ଦିନ ତମାମ ସୂର୍ଯ୍ୟ ଦେବତାଙ୍କ ତାପ ମଧ ହ୍ରାସ ପାଉଛି। ଅପରାହ୍ନ ୩ଟା ପରେ ଧିରେ ଧିରେ ଶୀତ ଲହରୀ ଆରମ୍ଭ ହେଉଥିବାବେଳେ ରାତିରେ ଏହା ଅତ୍ୟଧିକ ଶୀତ ବୃଦ୍ଧି ପାଉଛି। ଭୋର ସମୟରେ ଅତ୍ୟଧିକ କୁହୁଡି ସାଙ୍ଗକୁ ଶୀତର ପ୍ରକୋପ ଲୋକଙ୍କୁ କୋଲୁଅ କରୁଛି। ପ୍ରବଳ ଶୀତ ଯୋଗୁଁ ସନ୍ଧ୍ୟା ୭ଟା ପରେ ବ୍ୟବସାୟ କ୍ଷେତ୍ରରେ ପୁରା ମାନ୍ଦାବସ୍ଥା ଦେଖାଦେଇଛି। ସହରାଞ୍ଚଳ ଅଧିନ ବିଜୁ ପଟ୍ଟନାୟକ ଓ ସାନ ଏବଂ ବଡ଼ ବଜାର ଛକ,ସେପଟେ ଜୟନଗର ଛକ,ଚୁନୁପଡା ଛକ,ବ୍ଲକ ବଜାର,ମେଡିକାଲ ବଜାର,ଶାମପୁର ନାୟକ ସାହି ଆଦି ବିଭିନ୍ନ ସ୍ଥାନ ଓ ଛକ ବଜାରରେ ଲୋକଙ୍କ ସମାଗମ ପରିଲକ୍ଷିତ ହେଉନାହିଁ। ସେହିପରି ସକାଳ ପ୍ରାୟ ନଅଟା ପରେ ଲୋକେ ମାନେ ବଜାରକୁ ଆସୁଛନ୍ତି। ଅସହ୍ୟ ଶୀତରୁ ସାମାନ୍ୟ ଆଶ୍ୱସ୍ତ ପାଇବା ପାଇଁ ଗାଁ ଗହଳି ଓ ବଜାର ଘାଟରେ ନିଆଁ ଜାଳି ପିଲାଠାରୁ ବୁଢ଼ା ବଢ଼ି ଯାଏଁ ସମସ୍ତେ ସେକନେଉଥିବା ଦେଖିବାକୁ ମିଳିଛି। ଆଗାମୀ ଜାନୁଆରୀ ୧୦ ରୁ ୧୫ ତାରିଖ ପର୍ଯ୍ୟନ୍ତ ଶୀତ ଲହରୀ ବ୍ୟାପକ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ବାଲି ଖାଦାନ ଉପରେ ଚଢ଼ାଉ, ୮ ଜେସିବି ଜବତ

**ବାଲିଆପାଳ, ୩୧।୧୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣରେଖା ନଦୀରୁ ଦିନ ରାତି ଶୁଣ୍ଢ ବୁଲାଇ ବାଲି ଉତ୍ତୋଳନ କରୁଛନ୍ତି ଜେସିବି। ସରକାରଙ୍କ ନିୟମକୁ ଖୋଲା ଖୋଲି ଉଲଙ୍ଘନ -ଆଜି ଅପରାହ୍ନ ରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ଚାଲନ୍ତି ବାଲି ସୈରାତ ଉପରେ ପ୍ରଶାସନର ଚଢ଼ାଉ। ଚଢ଼ାଉ ବେଳେ ୮ଟି ଜେସିବି (ପୋକଲେନ) ଜବତ କରିଛି ପ୍ରଶାସନ। ସରକାରୀ ନିୟମ କୁ ଫୁ କରି ବାଲି ଉତ୍ତୋଳନ କରୁଥିଲେ ବାଲି ମାଫିଆ।



ବାରମ୍ବାର ତାଗିଦ ପରେ ବି କୌଣସି ନିୟମ ମାନିବାକୁ ନାରାଜ ଥିଲେ ନିଲାମ ଧାରୀ, ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ଧିତିପୁରା ବାଲି ସୈରାତ୍ କୁ ସରକାରୀ ଭାବେ ନିଲାମ ଦିଆଯାଇଛି, ହେଲେ ବାଲି ମାଫିଆମାନେ ଚଞ୍ଚକତା କରି ଜଳେଶ୍ୱର ତହସିଲ ଅନ୍ତର୍ଗତ ଚାଲନ୍ତି ଦେଇ ରାସ୍ତା କରି ହାଇୱା ରେ ବାଲି ଲୋଡ କରି ବିକ୍ରି କରୁଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପରେ ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଏବଂ ଜଳେଶ୍ୱର ପୋଲିସର ଏକ ସ୍ୱତନ୍ତ୍ର ଟିମ ଏହି ବଆଇନ ସୈରାତ ରେ ଚଢ଼ାଉ କରିଥିଲେ। ଚଢ଼ାଉ ହେବାର ସୁରାକ ପାଇ ବାଲି ମାଫିଆମାନେ ଜେସିବି ଗୁଡିକୁ ଏକ ଖାଲ ଭିତରେ ଲୁଚାଇ ରଖିଥିଲେ। ମାତ୍ର ତହସିଲଦାର ସେଠାରେ ଚଢ଼ାଉ କରି ଆଠଟି ଜେସିବି ଜବତ କରିଛନ୍ତି। ଜେସିବିର ସମସ୍ତ ଅପରେଟର ଚମ୍ପଟ ମାରିଥିବା ସୂଚନା ପୋଲିସ ତଦନ୍ତ ଜାରି ରଖିଛି ।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ




**ବଲାଙ୍ଗିର, ୩୧।୧୨ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ଜିଲ୍ଲାପାଳ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ଡଃ. ବିଜୟାନନ୍ଦ ସେଠୀଙ୍କ ଅଧକ୍ଷ୍ୟତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତରଣି ସୁନା, ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହିମାଂଶୁ ବେହେରା, ବିଡ଼ିଓ ହୃଷୀକେଶ ଗଣ୍ଡ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ନିର୍ବାହୀ ଅଧିକାରୀ, ପୌରପରିଷଦ ସନ୍ତୋଷ କୁମାର ବେହେରା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝିଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ବିଭିନ୍ନ ବିଭାଗର ଅଧିକାରୀ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ ବୃନ୍ଦ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସେଠୀ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ମହାସମାରୋହରେ ପାଳନ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବୈଠକର ନିଷ୍ପତ୍ତି ପ୍ରକାରେ ତା.୨୬.୦୧.୨୦୨୬ ରିଖ ସାଧାରଣତନ୍ତ୍ର ଦିବସ ଦିନ ପ୍ରାତଃ ୫ ଘ. ସମୟରେ ରାମଧୁନ, ସକାଳ ୬ ରୁ ୭ ଘ. ମଧ୍ୟରେ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରି, ସକାଳ ୭ ରୁ ୭ .୩୦ ମଧ୍ୟରେ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ଗୁଡିକରେ ଜାତୀୟ ପତାକା ଉତ୍ତୋଳନ, ସକାଳ ୭.୧୫ ରୁ ୭.୪୫ ମଧ୍ୟରେ ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ମନୋହରପୁର ରିଜର୍ଭ ପୋଲିସ ପଡିଆରେ ଆନୁଷ୍ଠାନିକ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ । ଦିବସର ମୁଖ୍ୟ ଅତିଥି ସକାଳ ୮.୩୦ ସମୟରେ ଆନୁଷ୍ଠାନିକ ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରିବେ। ସମ୍ମିଳିତ ପ୍ୟାରେଡରେ ହୋମଗାର୍ଡ, ଏନସିସି, ସ୍କାଉଟ, ଗାଇଡ, ରେଡକ୍ରସ ଓ ସିଭିଲିଆନ ଦଳ ଅଂଶ ଗ୍ରହଣ କରିବେ।

## ବିଶ୍ୱସ୍ତରୀୟ ମତ୍ସ୍ୟ ଚାଷ ସମ୍ପର୍କିତ ବୈଷୟିକ ଶିକ୍ଷାପାଇଁ କୈଳାସ ହଚେରୀର ଅବଦାନ ଅନେକ

**ବୈଶିଙ୍ଗା,୩୧।୧୨ (ସଂଚାର ବ୍ୟୁରୋ):** ବୈଶିଙ୍ଗା ସ୍ଥିତ "କୈଳାସ ଫିସାରୀ ଏଣ୍ଡ ଆକ୍ୱାଟିକ୍ " ଦୀର୍ଘ ୩୦ ବର୍ଷ ଧରି ଆଧୁନିକ ବୈଜ୍ଞାନିକ ଜ୍ଞାନ କୌଶଳ ସହିତ ମାଛ ଚାଷ କରିବା, ମାଛ ଚାଷ ସମ୍ପର୍କରେ ଅନ୍ୟମାନଙ୍କୁ ଶିକ୍ଷାଦେବା ଏବଂ ଉନ୍ନତ୍ତମାନର ପ୍ରାୟ ୩୦ ପ୍ରଜାତିର ମାଛ ଜାଆଁଳ ଉତ୍ପାଦନ କରି ସାରା ଭାରତ ବର୍ଷର ବିଭିନ୍ନ ସ୍ଥାନକୁ ମାଛ ଜାଆଁଳ ପଠାଇବା ଏବଂ ସେଥିରେ ସଫଳ ହେବା କାରଣରୁ କୈଳାସ ହଚେରୀ ୧ନଂ ମାଛ ଚାଷୀ ଭାବେ ଭାରତ ସରକାର ଙ୍କ ଠାରୁ ମାନ୍ୟତା ପାଇ ପାରିଛି। ଏଥିପାଇଁ ଗତ ୩ ବର୍ଷ ପୂର୍ବରୁ ଏଠାରେ ଏକ ମସ୍ୟ ଚାଷ ସମ୍ପର୍କିତ ବୈଷୟିକ ଜ୍ଞାନ କୌଶଳ ଶିକ୍ଷାଦାନ ପାଇଁ ସରକାରଙ୍କ ତରଫରୁ " ଫିସରୀ କଲେଜ " ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତି ବର୍ଷ ଦେଶର ବିଭିନ୍ନ ରାଜ୍ୟରୁ ଯୁବ ଉଦ୍ୟୋଗୀ ଏଠାରୁ ଶିକ୍ଷା ଲାଭ କରିବା ସହିତ ଉନ୍ନତ ମାନର ମାଛ ଚାଷ କରି ସ୍ୱାବଲମ୍ବି ହୋଇ ପାରିଛନ୍ତି ।

ବର୍ଷା ଋତୁ ଆସିବାର ବହୁ ପୂର୍ବରୁ ଯେତେବେଳେ କି ଦେଶର କୌଣସି ପ୍ରାନ୍ତରେ ଜାଆଁଳ ଉତ୍ପାଦନ ହୋଇନଥାଏ ଠିକ୍ ଫେବୃଆରୀ ମାସ ଶେଷ କିମ୍ବା ମାର୍ଚ୍ଚ ମାସ ପ୍ରଥମ ଭାଗରେ କୈଳାସ ହଚେରୀରେ ଜାଆଁଳ ଉତ୍ପାଦନ ହୋଇ ବିଭିନ୍ନ ପ୍ରାନ୍ତକୁ ଯିବା ପାଇଁ ପ୍ରସ୍ତୁତ ହୋଇ ଯାଇଥାଏ। ମତ୍ସ୍ୟ ଚାଷ ସହିତ କୃଷି, ପନିପରିବା, ଫୁଲ, ଡାଏରୀ ଭଳି ଯୌଗିକ କୃଷିକୁ ପ୍ରଶଂସନୀୟ ପଦକ୍ଷେପ ମାନ୍ୟତା ମିଳିଥିଲା। ଏହି ଉଦ୍ୟମ ପାଇଁ କୈଳାସ ହଚେରୀର ମାଲିକ ଅକ୍ଷୟ କୁମାର ସାହୁଙ୍କୁ ଗୁଜୁରାଟର ସାଇନସ୍ ସିଟି ଅହମଦାବାଦ ଠାରେ ଅନୁଷ୍ଠିତ ବିଶ୍ୱ ସ୍ତରୀୟ ମତ୍ସ୍ୟଚାଷ ସମ୍ପର୍କିତ କର୍ମଶାଳାରେ ଶ୍ରେଷ୍ଠ ଉଦ୍ୟୋଗୀ ଭାବେ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଚାଷୀ ଅକ୍ଷୟ କୁମାର ସାହୁ ନିଜର ଅଭିଜ୍ଞତାକୁ ଅତିଥିମାନଙ୍କୁ ବଖାଣିବା ସହିତ ସାରା ବିଶ୍ୱରୁ ଆସିଥିବା ମତ୍ସ୍ୟ ଚାଷୀ ମାନଙ୍କୁ ନିଜର କର୍ମ କୁଶଳତା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ବିଶ୍ୱସ୍ତରରେ ଗବେଷଣାତ୍ମକ ଉନ୍ନତ୍ତ ମାନର ମତ୍ସ୍ୟ ଚାଷ ଦ୍ୱାରା ସାରା ବିଶ୍ୱ ଆଲୋକିତ ହୋଇ ପାରିବ ବୋଲି ଏହି କର୍ମଶାଳାରେ ମତ ପ୍ରକାଶ ପାଇଥିଲା।

# ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମୟୂରଭଞ୍ଜର ସଫଳତା

## ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ହାସଲ

**ବାରିପଦା,୩୧।୧୨ (ସଂଚାର ବ୍ୟୁରୋ):** କଟକ ଠାରେ ଅନୁଷ୍ଠିତ ୭୧ତମ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମୟୁରଭଞ୍ଜର ଖେଳାଳି ମାନେ ଉନ୍ନତମାନର ଖେଳ ପ୍ରଦର୍ଶନ କରି ୪ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୬ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଟିମ ମ୍ୟାନେଜର ଶାନ୍ତିଲତା ରାଜ ଓ ନରେଶ ଚନ୍ଦ୍ର ହେମ୍ବ୍ରମଙ୍କ ନେତୃତ୍ୱରେ ଅଂଶଗ୍ରହଣ କରିଥିବା ଦଳର ବିନ୍ଦି ସିଂ (୧୮ ବର୍ଷରୁ କମ) ଡିସ୍କସ ଥ୍ରୋ ରେ, ବାଲହି ମୁର୍ମୁ (୧୮ ବର୍ଷରୁ କମ) ୧୦୦୦ମି ଦୌଡରେ, ସନ୍ଧ୍ୟା ମୁର୍ମୁ (ମହିଳା ବର୍ଗ) ୧୦ ହଜାର ମିଟର ଦୌଡରେ ଓ ପୂର୍ଣ୍ଣିମା ହେମ୍ବ୍ରମ (ମହିଳା ବର୍ଗ) ହେପଟାଥଲୋନରେ ୧ମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ରାଜେଶ୍ୱରୀ ସିଂ (୨୩ ବର୍ଷରୁ କମ) ୪୦୦ ମି ଦୌଡରେ, ନାମସି ସମାଦ (୨୩ ବର୍ଷରୁ କମ) ୫ ହଜାର ଓ ୧୦ ହଜାର ମିଟର ଦୌଡରେ ୨ୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ଏବଂ ସନ୍ଧ୍ୟା ମୁର୍ମୁ (ମହିଳା ବର୍ଗ) ୫ ହଜାର



ମିଟର ଦୌଡରେ, କମଳିନୀ ମାର୍ଣ୍ଡି (୧୪ ବର୍ଷରୁ କମ) ଟ୍ରାଇଥୋଲନରେ, ପପାଲୀ ସିଂ (୧୬ ବର୍ଷରୁ କମ) ଓ ବିନ୍ଦି ସିଂ (୧୮ ବର୍ଷରୁ କମ) ସଟପୁଟ ଥ୍ରୋ ରେ, ମାଣ୍ଡୁଇ ପୂର୍ତ୍ତି (ମହିଳା ବର୍ଗ) ହେପଟାଥାଲୋନରେ, ସଳକ ସୟ (୨୦ ବର୍ଷରୁ କମ) ୫ ହଜାର ମିଟର ୱାକିଙ୍ଗରେ ୩ୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରି ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି।

ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ ନିଜ କାର୍ଯ୍ୟାଳୟରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ହରପ୍ରସାଦ ପାତ୍ର, ଅମ୍ବିକା ରାଉତ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ରାଜ୍ୟ ଭଲିବଲ ଉପ ସଭାପତି ମନୋରଞ୍ଜନ ଜୀଉ, ବରିଷ୍ଠ କ୍ରୀଡ଼ାବିତ ଭାନୁପ୍ରତାପ ଭଞ୍ଜଦେଓ, ଦଳନ ଚନ୍ଦ୍ର କୁଁଅର ଦେଓ, ସୋମନାଥ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଟିମ ମ୍ୟାନେଜର ଶ୍ରୀ ହେମ୍ବ୍ରମ ଜିଲ୍ଲାପାଳ ତଥା ଏସୋସିଏସନର ସଭାପତି ହେମକାନ୍ତ ସୟଙ୍କୁ ମୟୁରଭଞ୍ଜର ପତାକା ହସ୍ତାନ୍ତର କରିଥିଲେ ।

# ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ପ୍ରଧାନମନ୍ତ୍ରୀ ସଡ଼କ ମରଣଯନ୍ତା



**ବୈଶିଙ୍ଗା,୩୧।୧୨ (ସଂଚାର ବ୍ୟୁରୋ):** ଯେଉଁ ଦେଶର ରାସ୍ତା ସୁନ୍ଦର ସେ ଦେଶ ସେତେ ଉନ୍ନତ୍ତ।ଆମ ଭାରତର କେନ୍ଦ୍ର ତଥା ରାଜ୍ୟ ସରକାର ସହର ସହିତ ଗ୍ରାମ ସଂଯୋଗ ପାଇଁ କୋଟି କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ସଡ଼କ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ଯୋଜନା କରୁଛନ୍ତି ସତ ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ନିମ୍ନମାନର କାର୍ଯ୍ୟ ପାଇଁ ବର୍ଷେ ଦୁଇ ବର୍ଷ ମଧ୍ୟରେ ଖରାପ ହୋଇଯାଉଛି। ଜିଲ୍ଲା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନ ୧୮ନଂଜାତୀୟ ରାଜପଥର ଜରକା ଠାରୁ ବୈଦିପୁର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲେ ମଧ ବିଭାଗ ଏହି ରାସ୍ତାର ମରାମତି କରିବାର ନାମ ଧରୁନଥିବାରୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଯାନ ବାହାନ ଚଳା ଚଳରେ ବାଧା ଉପୁଜିଛି।

ଏହି ରାସ୍ତାର ୭.୩୭୦କି ମି ରାସ୍ତା ତିଆରି ନିମନ୍ତେ ୨ କୋଟି୪୮ ଲକ୍ଷ ୮୮. ୯୬୪ ଲକ୍ଷ ଅର୍ଥ ମଞ୍ଜୁରୀ କରାଯାଇ ତା ୨୮.୧୧.୨୧ରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏବଂ ବିଧାୟକ ସନାତନ ବିଜୁଳି ଙ୍କ ଦ୍ୱାରା ଶୁଭ ଦିଆଯାଇଥିବା ବେଳେ ୨୦୨୨ ମସିହା ଜୁଲାଇ ମାସ ରେ ଶେଷ ହେବା ସହିତ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ ହେବାର ଚୁକ୍ତି ରହିଛି।ମାତ୍ର ଏହି ରାସ୍ତା ମରାମତି ନହେବାରୁ ଏହା ସିଧା ସଳଖ ବିଭାଗ ର ଅପାରଗତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।, ଅର୍ଥ ଥାଇ ମଧ ଅବଧି ଶେଷ ହେବାକୁ ଆହୁରି ଦେଢ଼ ବର୍ଷ ରହିଥିବାବେଳେ ମରାମତି ନହେବା କାରଣ କଣ ବୋଲି ସାଧାରଣ ରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ତାହା ନଦେଖିଲେ ବିଶ୍ୱାସ ହେବ ନାହିଁ। ଏହି ରାସ୍ତା ମରାମତି ହେବା ଠାରୁ ରକ୍ଷଣା ବେକ୍ଷଣର ଅବଧି ଶେଷ ହେଉଥିବା ବେଳେ ବଡ଼ସାହି ବିଧାୟକ ତାଙ୍କର ୫ ବର୍ଷ ଅବଧି ଶେଷ କରି ଦ୍ୱିତୀୟ ଥର ବିଧାୟକ ହୋଇଥିଲେ ମଧ ଏହି ଅଞ୍ଚଳ ଗସ୍ତ କରି ନାହାନ୍ତି କି ଏହି ରାସ୍ତାର ଅବସ୍ଥା ଦେଖି ନାହାନ୍ତି। ଉକ୍ତ ରାସ୍ତା ଦେଇ ସୁବର୍ଣ୍ଣ ରେଖା କେନାଲ ଯାଉ ଥିବା ବେଳେ ଓ ଏହି ରାସ୍ତା ଉପରେ କେନାଲ ନିମନ୍ତେ ଏକ ପୋଲ ନିର୍ମାଣ ରାସ୍ତା ଉପରେ ନିର୍ମିତ ହେବାକୁ ଥିବାରୁ ଏଥିପାଇଁ ଲୋକଙ୍କ ନିମନ୍ତେ ଓ ଯାନ ବାହାନ ଚଳା ଚଳର ସୁବ୍ୟବସ୍ଥା ନିମନ୍ତେ କେନାଲ ବିଭାଗ ମଧ ଯତ୍ନବାନ ହେବା ଜରୁରୀ ଅଟେ।

ଏତଦ ବ୍ୟତିତ ଏହି ରାସ୍ତା ଜାରକା ରୁ ମେର୍ଦା ମଧ୍ୟରେ ମରାମତି ନସାରିବା ପୂର୍ବରୁ ଅବସ୍ଥା ଶୋଚନୀୟ ହୋଇ ପଡ଼ିଲାଣି, କଂକ୍ରିଟ ରାସ୍ତା ଉପରୁ ଲୋକଙ୍କ ଭରସା ତୁଟି ଗଲାଣି, କଂକ୍ରିଟ ଉଠି ରାସ୍ତା ଯାକ ଖାଲରେ ଭର୍ତ୍ତି ହେବାସହ ରାସ୍ତା ଉପରେ ହମ୍ପସ ନିର୍ମାଣ ଯୋଗୁ ଜରୁରୀକାଳୀନ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି, ବିଶେଷ ଭାବେ ୧୦୮ ଆମ୍ବୁଲାନ୍ସ ଓ ଦମକଳ ପାଇଁ ବିପଦ ସୃଷ୍ଟି କରୁଛି। ବିଭାଗୀୟ ଅଧିକାରୀଙ୍କ ନଜର ପଡ଼ୁ ନାହିଁ କି ରାଜନେତା ଙ୍କ ଦୃଷ୍ଟି ମଧ ନପଡିବାରୁ ୫ ଗୋଟି ପଞ୍ଚାୟତ ର ୫୦୦୦ ହଜାର ରୁ ଉର୍ଦ୍ଧ ଗ୍ରାମବାସୀ ଓ ଏହି ରାସ୍ତା ଦେଇ ଚଳା ଚଳ କରୁଥିବା ଯାତ୍ରୀବାହୀ ବସ ମଧ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଏତଦ ବ୍ୟତିତ ସାଇକେଲ ଯୋଗେ ଯିବା ଆସିବା କରୁଥିବା ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ ମାନେ ଦୁର୍ଘଟଣା ର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଯଥା ଶୀଘ୍ର ମରାମତି କରିବାକୁ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଦାବି ହେଉଛି।

## ଜାତୀୟ ଯୋଗାସନ ପ୍ରତିଯୋଗିତାରେ ମୟୂରଭଞ୍ଜର ନିହାରଙ୍କ କୃତିତ୍ୱ

**ବାରିପଦା,୩୧।୧୨ (ସଂଚାର ବ୍ୟୁରୋ):** ରାଞ୍ଚିଠାରେ ଅନୁଷ୍ଠିତ ୫୦ ତମ ଜାତୀୟ ଯୋଗ ସ୍ପୋର୍ଟସ ଚାମ୍ପିୟାନସିପରେ ମୟୁରଭଞ୍ଜର ନିହାର ରଞ୍ଜନ ସାହୁ ୮ ରୁ ୧୦ ବର୍ଷ ବାଳକ ବିଭାଗରେ ୨ୟ ସ୍ଥାନ ଅଧିକାର କରି ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପ୍ରକାଶ ଥାଉକି କଟକ ଠାରେ ଅନୁଷ୍ଠିତ ୩୧ ତମ ରାଜ୍ୟ ସ୍ତରୀୟ ଯୋଗ ପ୍ରତିଯୋଗିତାରେ ବାରିପଦାର ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ପ୍ରସାଦ ବାରିକ, ନିହାର ରଞ୍ଜନ ସାହୁ, କ୍ରିଷ୍ଣା ଦାସ, କ୍ରିଷ୍ଣା ନାୟକ ବାଳକ ବିଭାଗରେ ଏବଂ ବାଳିକା ବିଭାଗ ରେ ଜିଜ୍ଞାସା ମହାନ୍ତ କୃତିତ୍ୱ ହାସଲ କରି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ



କରିବାର ସୌଭାଗ୍ୟ ଅର୍ଜନ କରିଥିଲେ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଜ୍ୟୋତିରଞ୍ଜନ ଦାସ ଜଣାଇଛନ୍ତି । ସେମାନଙ୍କ ମଧ୍ୟରୁ ବାରିପଦାର ୩ନଂ ୱାର୍ଡ ସ୍ଥିତ ମାଇନିଂ କଲୋନୀ ନିବାସୀ ପ୍ରବୀର କୁମାର ସାହୁ ଓ ସସ୍ମିତା ସାହୁଙ୍କ ପୁତ୍ର ନିହାର ଜାତୀୟ ସ୍ତରରେ ଏହି କୃତିତ୍ୱ ହାସଲ କରିଛନ୍ତି । ନିହାର ସ୍ଥାନୀୟ ଭଂଜପୁର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ୫ମ ଶ୍ରେଣୀର ରେ ଅଧ୍ୟୟନ କରୁଛନ୍ତି ।

### ଆଜି ନୂତନ ବର୍ଷର ପ୍ରଥମ ଦିନ

# ଖୋଲିଛି ଫୁଲ ପସରା, କିଣିବାକୁ ଲୋକଙ୍କ ଭିଡ଼

**କେନ୍ଦ୍ରାପଡ଼ା,୩୧।୧୨(ସଂଚାର ବ୍ୟୁରୋ):** ପୁରୁଣା ବର୍ଷ ଶେଷ ହୋଇଛି ନୂତନ ବର୍ଷର ଆଗମନ ହୋଇଛି। ୨୦୨୪ ମସିହା ଶେଷ ହେବା ପରେ ନୂଆ ଆଶା ଏବଂ ଚିନ୍ତାଧାରା ନେଇ ନୂଆ ବର୍ଷର ଆଗମନ ପାଇଁ ଗାଁଠୁ ସହର ସମସ୍ତଙ୍କ ଭିତରେ ଆଗ୍ରହ ଦେଖିବାକୁ ମିଳିଛି। ନୂତନ ବର୍ଷରେ ଫୁଲ ଦେଇ ଶୁଭେଚ୍ଛା ଜଣାଇବାର ଗୋଟିଏ ପ୍ରଥା ରହିଥିବାରୁ କିଏ ଗୋଲାପଟିଏ ଦେଇ ଶୁଭେଚ୍ଛା ଜଣାଇଥାଏ ତ ଆଉ କେହି ଫୁଲତୋଡ଼ା ଦେଇଥାନ୍ତି। ଏଥିପାଇଁ କେନ୍ଦ୍ରାପଡା ସହର ସମେତ ଗ୍ରାମାଞ୍ଚଳର ମୁଖ୍ୟ ବଜାରରେ ୩/୪ ଦିନ ପୂର୍ବରୁ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଫୁଲ ବଜାର ଚଳଚଞ୍ଚଳ ହୋଇଯାଇଛି । ଦୋକାନୀମାନେ ମଧ ପ୍ରସ୍ତୁତି କରିଦେଇଛନ୍ତି। ସହରର ସ୍ଥାନେ ସ୍ଥାନେ ଫୁଲ ଷ୍ଟଲ ଖୋଲା ହୋଇଛି। ରାସ୍ତା କଡ଼ରେ ଦେଖିବାକୁ ମିଳୁଛି ରଙ୍ଗବେରଙ୍ଗର ଫୁଲ ପସରା। ଏଥିପାଇଁ ରାଜ୍ୟ ବାହାରୁ ରଙ୍ଗବେରଙ୍ଗ ଫୁଲ ଆମଦାନୀ ହେଲାଣି।



ସାଧାରଣତଃ ପ୍ରତିଦିନ ବିଭିନ୍ନ ଫୁଲ ରାଜ୍ୟ ବାହାରୁ ଆମଦାନୀ ହେଉଥିବାବେଳେ ନୂଆବର୍ଷରେ ବିଦେଶୀ ଫୁଲର ଅଧିକ ଚାହିଦା ରହିଥିବାରୁ ଭେରାଇଟି ବିଦେଶୀ ଫୁଲ ଆସିଛି। କେନ୍ଦ୍ରାପଡା ସହରରେ ପାଖାପାଖି ୩୦ଟି ସ୍ଥାୟୀ ଫୁଲ ଦୋକାନ ଥିବାବେଳେ ଅନ୍ୟ ସ୍ଥାନରେ ଥିବା ମୁଖ୍ୟ ମୁଖ୍ୟ ବଜାରରେ ମଧ ନୂଆବର୍ଷ ଉପଲକ୍ଷେ ୩୦୦ ରୁ ଅଧିକ ଫୁଲ ଦୋକାନ ଖୋଲା ହୋଇଛି। ତେଣୁ ସକାଳରୁ ସନ୍ଧ୍ୟା ବ୍ୟବସାୟୀମାନେ ବସ୍, ମିନି ଟ୍ରକ୍ ଏବଂ ବିଭିନ୍ନ ଗାଡ଼ି ଯୋଗେ ରଙ୍ଗବେରଙ୍ଗର ଆକର୍ଷଣୀୟ ଫୁଲ ଆଣୁଛନ୍ତି। ଗ୍ରାହକମାନେ ମଧ ଫୁଲତୋଡ଼ା ପାଇଁ ଆଗୁଆ ବରାଦ ଦେଇ ସାରିଲେଣି। ବୁଧବାର ଅପରାହ୍ନ ସୁଦ୍ଧା ସମସ୍ତ ବିଦେଶୀ ଫୁଲ ଆମଦାନୀ ହୋଇଥିବା ବେଳେ ସନ୍ଧ୍ୟା ସୁଦ୍ଧା ସମସ୍ତ ଫୁଲ ତୋଡ଼ା ତିଆରି ଶେଷ ହୋଇଥିବା ବ୍ୟବସାୟୀମାନେ କହିଛନ୍ତି । କେନ୍ଦ୍ରାପଡା ସହର ସମେତ ଅନ୍ୟ ମୁଖ୍ୟ ମୁଖ୍ୟ ବଜାରରେ ବିକ୍ରି ହେଉଥିବା ଫୁଲଗୁଡ଼ିକ ଭୁବନେଶ୍ୱର, କୋଲକାତା ଓ ବେଙ୍ଗାଲୁରୁ ଆସୁଛି। ଗୋଲାପ, ରଜନୀଗନ୍ଧା, ରଜନୀ ଷ୍ଟିକ୍, ଜାରବେଲା, ଜିପ୍ସି, ସେବତୀ, ଗେଣ୍ଡୁ ଆଦି ଫୁଲ କୋଲକାତାରୁ ଆସୁଥିବା ବେଳେ ଅର୍କିଡ୍, ନାଲି, ଗୋଲାପି, ଧଳା, ହଳଦିଆ ଗୋଲାପ, ଲିଲି, ଏନିୟମ୍ ଭଳି ଅନେକ ବିଦେଶୀ ଫୁଲ ବେଙ୍ଗାଲୁରୁରୁ ଆସୁଛି। ଫୁଲତୋଡ଼ାକୁ ସଜାଇବା ପାଇଁ ବ୍ୟବହାର କରାଯାଉଥିବା ଏରିକା, ପାରକ ପତ୍ରଗୁଡ଼ିକ ମଧ ବାହାରୁ ଆମଦାନୀ ହେଉଛି।

କିଛି ପତ୍ର ବେଙ୍ଗାଲୁରୁରୁ ଆସୁଥିବା ବେଳେ ଆଉ କିଛି ପତ୍ର ଥାଇଲାଣ୍ଡରୁ ଆସୁଛି। କୋଲକାତା ଗୋଲାପ ଗୋଗ ୧୦ ଟଙ୍କା ରହିଥିବା ବେଳେ ବେଙ୍ଗାଲୁରୁ ଗୋଲାପ ଗୋଟି ୩୦ଟଙ୍କା ଉପରେ ରହିବା। କୋଲକାତା ଗୋଲାପ ୨/୪ ଦିନ ସତେଜ ରହୁଥିବା ବେଳେ ବେଙ୍ଗଲୁରୁ ଗୋଲାପ ୮/୧୦ ଦିନ ସତେଜ ରହୁଛି। ସେଥିପାଇଁ ଦାମ୍ ଅଧିକ ହେଉଥିଲେ ବି ଗ୍ରାହକ ଏହାକୁ କିଣିବା ପାଇଁ ଅଧିକ ପସନ୍ଦ କରୁଛନ୍ତି। ଏଥି ସହିତ ଅର୍କିଡ, ଆନ୍‌ଥୋରିୟମ୍, କାନେଶାନ୍, କିସାନ୍ଥିବାର, ଆଷ୍ଟ୍ରାଣ୍ଟିଆ, ଅଲିୟମ୍, ଆଷ୍ଟର, ଜୋନ୍ ଫ୍ଲାୱାର ଆଦି ବିଦେଶୀ ଫୁଲର ଚାହିଦା ଅଧିକ ରହିଛି।

ନୂଆବର୍ଷରେ ଶୁଭେଚ୍ଛା ଜଣାଇବା ପାଇଁ ହେଉ କି ଘର ସଜାଇବା ହେଉ; ବିଭିନ୍ନ ଅଫିସ୍, କର୍ପୋରେଟ୍ କାର୍ଯ୍ୟାଳୟଗୁଡ଼ିକ ସଜାଇବା ପାଇଁ ଯେଉଁ ବରାଦ ଆସୁଛି, ସେଥିରେ ଏହି ଫୁଲ ବ୍ୟବହାର କରିବା ପାଇଁ କହୁଛତି ଗ୍ରାହକ। ଏହାସହିତ ଲିଲିୟମ୍, ଅର୍କିଡ୍, କ୍ୟାକ୍ସନ୍, ଡେଜି, ଗ୍ଲାଡି ଆଦି ଫୁଲ ମଧ ନୂଆବର୍ଷରେ ଭଲ ବିକ୍ରି ହେବ ବୋଲି ବ୍ୟବସାୟୀ ପ୍ରକାଶ ମହାନ୍ତି କହିଛନ୍ତି। ଲିଲିୟମ୍ ୨୦୦ ଟଙ୍କା, ଅର୍କିଡ୍ ୫୦ ଟଙ୍କା, କ୍ୟାକ୍ସନ୍ ୩୦ ଟଙ୍କା, ଡେଜି ୨୫ ଟଙ୍କା ରହିଛି। ସେହିପରି ଫୁଲତୋଡ଼ାର ଦାମ୍ ୧୫୦ ଟଙ୍କାରୁ ଆରମ୍ଭ ହୋଇ ଅଢ଼େଇ ହଜାର, ୩ ହଜାର ପର୍ଯ୍ୟନ୍ତ ରହିଛି। ଗୋଲାପକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସେଥିରେ ପତ୍ର ଏବଂ ଷ୍ଟିକର ବ୍ୟବହାର କରି ୫୦ଟଙ୍କାରେ ମଧ ବିକ୍ରି କରୁଛନ୍ତି।

## ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




**କଟକ,୩୧।୧୨(ସଂଚାର ବ୍ୟୁରୋ):** କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ଼. ଶାଶ୍ୱତୀ ସୌମ୍ୟା ସାହୁଙ୍କ ପୌରୋହିତ୍ୟରେ +୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କର ୮ ଦିନ ଧରି ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ସେ ତାଙ୍କ ବକ୍ତବ୍ୟରେ ନାରୀ ଶିକ୍ଷା ଓ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ଛାତ୍ରୀମାନଙ୍କୁ ବାର୍ତ୍ତା ଦେଇଥିଲେ। ଆତ୍ମରକ୍ଷାର ନୋଡ଼ାଲ ଅଫିସର ଡ଼. ଦୀପ୍ତିରେଖା ପାଢ଼ୀଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ପାଇଁ ଉତ୍ସାହବର୍ଦ୍ଧକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବରେ ପୁରୀଘାଟ ଥାନାର ଇନ୍‌ସପେକ୍ଟର ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ନାୟକ ଯୋଗ ଦେଇ ଆତ୍ମବିଶ୍ୱାସ ନାରୀକୁ ଦୃଢ଼ମନା କରିବା ସହିତ କିପରି ନିର୍ଭିକ ଏବଂ ଦାମ୍ଭିକ କରି ମାନସିକ ଓ ସାମାଜିକ ସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ମାଷ୍ଟର ଟ୍ରେନର ବିଷ୍ଣୁପ୍ରିୟା ବେହେରା ଓ କ୍ଷୀରୋଦ୍ରା ହାତୀଙ୍କ ଦ୍ୱାରା ପ୍ରଶିକ୍ଷିତ ଛାତ୍ରୀମାନେ ଆତ୍ମରକ୍ଷାର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଆତ୍ମରକ୍ଷା ଦାୟିତ୍ୱରେ ଥିବା ଅନ୍ୟ ସଦସ୍ୟା ଅଧାପିକା ସବାନା ତରାନୁମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାରୀରିକ ଶିକ୍ଷା ବିଭାଗର ଅଧାପିକା ମଞ୍ଜୁସ୍ମିତା ବିଶ୍ୱାଳ ଧନ୍ୟବାଦ

## ବିଶିଷ୍ଟ ସାନ୍ତାଳୀ ଲେଖିକା ମାଳତୀ ମୁର୍ମୁଙ୍କ ଦେହାନ୍ତ



**ବାରିପଦା,୩୧।୧୨(ସଂଚାର ବ୍ୟୁରୋ):** ଅଲଚିକି ଲିପି, ସାନ୍ତାଳୀ ଭାଷା ସାହିତ୍ୟର ବରିଷ୍ଠ ପ୍ରଚାରକ, ମିସନ ଅଲଚିକିର ଦୃଢ଼ ସଂଗଠକ ମାସିକ ସାନ୍ତାଳୀ ସମ୍ବାଦ ପତ୍ରିକା ଫାଗୁନର ପରିଚାଳିକା ଏବଂ ସମ୍ପାଦିକା, ଅଖିଳ ଭାରତୀୟ ସାନ୍ତାଳୀ ଲେଖକ ସଂଘ , ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଗଠନ (ଆସେକା) ର ଆଜୀବନ ସଦସ୍ୟା, ସାଓହେଁଦ ଆଖଡାର ସଭାନେତ୍ରୀ ମାଳତୀ ମୁର୍ମୁ ଆଉ ଆମ ଗହଣରେ ନାହାନ୍ତି। ଆଜି ୩୧.୧୨.୨୦୨୫ ରାତ୍ରି ୧ ଘଟିକା ରେ ତାଙ୍କ ଭୁବନେଶ୍ୱର ୬ ନଂ ସ୍ଥିତ ସରକାରୀ ବାସ ଭବନରେ ୫୧ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କଲେ।

ଭୁବନେଶ୍ୱରରେ ତାଙ୍କ ସ୍ୱାମୀ ବିଶିଷ୍ଟ ସାନ୍ତାଳୀ ସାହିତ୍ୟିକ ଅଚିକି ପ୍ରଚାରକ ମାଙ୍ଗାତ୍ ମୁର୍ମୁ ଓ ତାଙ୍କର ଦୁଇ ଝିଅ ତାଙ୍କ ସହ ଥିଲେ । ଆଜି ଅପରାହ୍ନରେ ମୟୂରଭଞ୍ଜ ଜିଲ୍ଲା ସ୍ଥିତ ନିଜ ଗ୍ରାମ ଚାନ୍ଦୁଆ ଠାରେ ତାଙ୍କର ଅନ୍ତେଷ୍ଟିକ୍ରିୟା କରାଯାଇଅଛି । ମାଳତୀ ମୁର୍ମୁଙ୍କ ଜନ୍ମ ୧୧ ଫେବ୍ରୁଆରୀ ୧୯୭୫ କୁଳିଅଣା ବ୍ଲକ ଗୟଳଟା ଠାରେ ପିତା ମଙ୍ଗଲ ମୁର୍ମୁ ମାତା ଶର୍ମୀ ମୁର୍ମୁଙ୍କ କୋଳରେ ହେଇଥିଲା। ତାଙ୍କର ତିନି ଭାଇ ଏବଂ ତିନି ଭଉଣୀଙ୍କ ମଧରେ ସେ ସମସ୍ତଙ୍କଠାରୁ ବଡ଼ ଥିଲେ ।ସେ ଆସେକା ବୋର୍ଡରୁ ସାନ୍ତାଳୀ ଭାଷାରେ ମେଟ୍ରିକ ପାସ କରିଥିଲେ, ୨୧ ଜୁନ ୧୯୯୧ରେ ମାଙ୍ଗାତ୍ ମୁର୍ମୁଙ୍କ ସହ ତାଙ୍କର ବିବାହ ହୋଇଥିଲା। ଶ୍ରୀମତୀ ମୁର୍ମୁ ବିବାହ ପରେ ସେ ନିଜର ଜୀବନକୁ ସାନ୍ତାଳୀ ଭାଷା ଅଲଚିକି ଲିପିର ପ୍ରଚାର ପ୍ରସାରରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ତାଙ୍କ ସ୍ୱାମୀ ମାଙ୍ଗାତ ମୁର୍ମୁ ବର୍ତ୍ତମାନ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ଜୟେଣ୍ଟ ସେକ୍ରେଟାରୀ ଭାବରେ କାର୍ଯ୍ୟରତ । ସୂଚନା ଯୋଗ୍ୟକି ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ରାଇରଙ୍ଗପୁର ଠାରେ ଅନୁଷ୍ଠିତ ହୋଇଥିବା ଅଲଚିକି ଲିପିର ଶତବାର୍ଷିକ ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ଙ୍କ ଜୟନ୍ତୀରେ ମହାମହିମ ରାଷ୍ଟ୍ରପତି ମୁଖ୍ୟ ଅତିଥି ଥିବା ଅଖିଳ ଭାରତୀୟ ସାନ୍ତାଳୀ ଲେଖକ ସଂଘ ଦ୍ୱାରା ଆୟୋଜିତ ଅଲଚିକି ଲିପିର ଶତବାର୍ଷିକ ପାଳନ ଉତ୍ସବରେ ସାନ୍ତାଳୀ ଭାଷାରେ ଜୀବନ ବ୍ୟାପି ଅବଦାନ ନିମନ୍ତେ ମାଳତୀ ମୁର୍ମୁ ଙ୍କୁ ସମ୍ମାନିତ କରାଯାଇଥିଲା।

### ଚାଷୀଙ୍କୁ ମିଳୁନି ୟୁରିଆ ସାର

# ବେଆଇନ୍ ଇଟା ଭାଟିରେ ହେଉଛି ବ୍ୟାପକ ଅପବ୍ୟବହାର

**ବାଲିଆପାଳ, ୩୧।୧୨ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକରେ ରହିଛି୫୦ ରୁ ବେଆଇନ ଇଟାଭାଟି। ପ୍ରଚଳିତ ସରକାରୀ ନିୟମ ଓ ଅଦାଲତ ନିର୍ଦ୍ଦେଶକୁ ମଧ ଅଣଦେଖା କରି ପ୍ରଶାସନ ଏହିସବୁ ଭାଟି ଚାଲିବାକୁ ଦେଇଛି ଅନୁମତି। ରାଜସ୍ୱ ନିରକ୍ଷକମାନେ ମାସିକିଆ ପାଉଣା ପାଇଥିବାରୁ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନନେଇ ନଦେଖିଲା ପରି ନିଜର ରହୁଛନ୍ତି। ଏମିତି ବି ଜଳବାୟୁ ପରିବର୍ତନ ଯୋଗୁଁ ତାପମାତ୍ରା ବୃଦ୍ଧି ପାଇଥିବା ବେଳେ ଏ ସମସ୍ତ ଇଟାଭାଟିରୁ ନିର୍ଗତ ତାପମାତ୍ରା ପରିବେଶକୁ ଅଧିକ ଉତ୍ତପ୍ତ ତତ୍ସହିତ ଇଟାଭାଟିରୁ ନିର୍ଗତ ଧୂଆଁ, ପାଉଁଶଗୁଣ୍ଡ ଓ କଞ୍ଚାମାଲ ପରିବହନ ଯୋଗୁଁ ଉଡ଼ୁଥିବା ଧୂଆଁ ପରିବେଶକୁ ଆହୁରି ପ୍ରଦୂଷିତ କରୁଛି।

ଏଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ରାଜସ୍ୱ ବିଭାଗକୁ ସ୍ୱତନ୍ତ୍ର ଦାୟିତ୍ୱ ସହ କ୍ଷମତା ଅର୍ପଣ କରିଥିଲେ ମଧ ଏଗୁଡିକ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ ସନ୍ଦେହ ସୃଷ୍ଟି କରିଛି। ଆଇନରେ ଥିବା ଗଳାବାଟ ଦେଇ ରାଜସ୍ୱ ବିଭାଗର ଅଧିକାରୀମାନେ ଭାଟି ମାଲିକମାନଙ୍କୁ ବ୍ୟବସାୟ କରିବାର ସୁଯୋଗ ଦେଇ ହାତ ନିକ୍କଣ କରୁଥିବା ଆଲୋଚନା ହେଉଛି। ଯେଉଁ ପରିମାଣରେ ଲଟା ପ୍ରସ୍ତୁତ ହେଉଛି ସେଭଳି ଇୟାଲଟି ମଧ ଆଦାୟ ହେଉନି। ବାଲିଆପାଳ ବ୍ଲକର ନାଲିଆପାଳ, ବିଷ୍ଣୁପୁର, ବଡ଼ାପାଳ, କାମକୁଣ୍ଡା, ନିଖିରା ପ୍ରଭୃତି ନଦୀପଠା ଇଲାକାରେ ଏବେ ୫୦ରୁ ଉର୍ଦ୍ଧ୍ୱ ଇଟାଭାଟିରେ ଇଟା ପୋଡା ଯାଇଥିବା ଦେଖାଯାଇଛି। ନାଲି ଇଟାର ଚାହିଦା ଅଧିକ ଥିବାରୁ ଇଡାକୁ -ନାଲି ଅଧିକ ନାଲି ରଙ୍ଗ କରିବାକୁ ଭାଟିଗୁଡିକର କୁଇଣ୍ଟାଲ କୁଇଣ୍ଟାଲ ୟୁରିଆ ସାର ଓ ଲୁଣ ବ୍ୟବହାର ହେଉଛି। ରଙ୍ଗ ଭଲ ହେଇଥିଲେ ମଧ ଇଟାର ମାନ ଖରାପ ହେଉଛି। କଟା ଭାଟିଗୁଡିକରେ ବହୁଳ ୟୁରିଆ ସାର ବ୍ୟବାହାର ହେଉଥିବାରୁ ଚାଷୀଙ୍କୁ ୟୁରିଆ ସାର ମିଳୁ ମିଳୁନାହିଁ। କୃଷି ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ନେଉନାହିଁ।

**ବଢୁଛି ତାପମାତ୍ର**
**ବିଗୁଡୁଛି ପରିବେଶ**
**ଶୋଇଛି ପ୍ରଶାସନ**

ବେଆଇନ ଇଟା ବେପାର ଯୋଗୁଁ ସରକାର ବହୁ ରାଜସ୍ୱ ହରାଇଛନ୍ତି। ଅନ୍ୟପକ୍ଷରେ ଇଟା ପୋଡିବା ଲାଗି ଏହି ଅଞ୍ଚଳରେ ଚୋରା କୋଇଲା ବେପାର ବଢ଼ିବା ସାଙ୍ଗକୁ ଜଙ୍ଗଲ କ୍ଷୟ ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପରିବେଶ ବିଭାଗ ଅନୁମତି ନଥାଇ ଲୋକଙ୍କ ଧନଜିବନ ମଧ ଶଙ୍କଷ୍ଟାପନ ଦିଗରେ ନିଷେଧାଦେଶ ଜାରି କରିବା ପାଇଁ ସର୍ବୋଳ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ ବାଲିଆପାଳ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ବାଲିଆପାଳ, କାମକୁଣ୍ଡା ଓ ଶ୍ରୀରାମପୁର




ଆରଆଇ ସର୍କଲରେ ଅନେକ ଇଟାଭାଟି ଜନବସ୍ତୁତି, ସ୍କୁଲ, କଲେଜଗୁଡିକ ନିକଟରେ ରହିଛି। ଏହି ଭାଟିଗୁଡିକରେ ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟର ପୁରୁଷ, ମହିଳା ଓ ନାବାଳକମାନେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଶ୍ରମିକ କଲ୍ୟାଣ ଆଇନ ଅନୁଯାୟୀ ସେମାନଙ୍କୁ ସମସ୍ତ ସୁବିଧା ଓ ସୁରକ୍ଷା ଯୋଗାଇ ଦିଆଯାଇନଥିବା ବେଳେ ଇଟାଭାଟି ମାଲିକମା ମାନେ ସେମାନଙ୍କୁ ସ୍ୱପ୍ନ ମଜୁରୀରେ ଖଟାଇ କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ବାଲିଆପାଳ ତହସିଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେ କହିଥିଲେ ଯେ ବ୍ଲକର କାଲିଆପାଳ ଆରଆଇ ସର୍କଲରେ ୧୫ଟି, ଶ୍ରୀରାମପୁର ଆରଆଇ ସର୍କଲ ୭ଟି ଓ ଜାମକୁଣ୍ଡା ଆରଆଇ ସର୍କଲରେ ୬ଟି ଏହିପରି ୨୮ଟି ଇଟାଭାଟି ରହିଛି। କିନ୍ତୁ ପ୍ରକୃତ ପକ୍ଷେ ଏହା ଠାରୁ ଅଧିକ ଇଟାଭାଟି ରହିଥିବା ଅନୁସନ୍ଧାନରୁ ଜଣାଯାଇଛି।

ବାଲିଆପାଳ ବ୍ଲକରେ କେତୋଟି ବେଆଇନ ଇଟାଭାଟି ଉପରେ ଗତବର୍ଷ ପ୍ରଦୂଷଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା କିନ୍ତୁ ଭାଟି ମାଲିକମାନେ ଭାଟିରେ କାମ କରୁଥିବା ଶ୍ରମିକ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ଲଗାଇ ଏହାର ବିରୋଧ କରିବାରୁ ପ୍ରଦୂଷଣ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନପାରି ପଛଘୁଞ୍ଚା ଦେଇଥିଲା। ଏହାର ଫାଇଦା ନେଇ ଚଳିତ ବର୍ଷ ଛତୁ ଫୁଟିଲାଭଳି ଗୋଲ ଇଟାଭାଟି ସବୁ ଗଢ଼ି ଉଠିଛି। ବାଲିଆପାଳ ବ୍ଲକର ଇଟାଭାଟି ଗୁଡିକରେ ଚାଲିଥିବା ବେଆଇନ କାର୍ଯ୍ୟ ରୋକିବା ଦିଗରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଶ୍ରମ ବିଭାଗ ଓ ରାଜସ୍ତ ବିଭାଗ ଦୃଷ୍ଟି ଦେବ ନିମନ୍ତେ ସାଧାରଣରେ ଦାବି ହେଉଛି।

## ବର୍ଷର ଶେଷ ଦିନରେ ପୀରଜାହାନିଆ ଓ ଗଙ୍ଗାଦେବୀରେ ଭୋଜିର ଆସର

**କାକଟପୁର/ଅସ୍ତରଙ୍ଗ,୩୧।୧୨ (ସଂଚାର ବ୍ୟୁରୋ):** ୨୦୨୬ ଇଂରାଜୀ ନବବର୍ଷ ଗୁରୁବାର ପଡୁଥିବାରୁ ଆମିଷ ପ୍ରେମୀମାନେ ବୁଧବାର ଅଥବା ୨୦୨୫ମସିହା ବର୍ଷର ଶେଷ ଦିନରେ ମଟନ, ଚିକେନ ଓ ମାଛ ମାର୍କେଟରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ଲୋକ କ୍ୟାଲେଣ୍ଡର ପରିବର୍ତ୍ତନ ନବବର୍ଷକୁ ଧୂମଧାମରେ ପାଳନ କରୁଥିବା ବେଳେ ବର୍ଷର ଶେଷ ଦିନଟିକୁ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଭିଡ଼ ଦେଖିବାକୁ ମିଳିଥିଲା।



୨୦୨୫କୁ ଖୁସିରେ ବିଦାୟ ଦେବାକୁ ଘରେ ହେଉ ଅବା ପିକନିକ ଅଂଚଳରେ ସାଙ୍ଗସାଥୀ ମେଳରେ ଭୋଜିରେ ଆମିଷ ଚାହିଦା ଅଧିକ ରହିଥିଲା। ପୁରୀ ଜିଲ୍ଲା ଅସ୍ତରଙ୍ଗ ମାଛ ମାର୍କେଟ ସମେତ ବିଭିନ୍ନ ଆମିଷ ଦୋକାନରେ ଭିଡ଼ ସକାଳୁ ଦେଖିବାକୁ ମିଳିଥିଲା। ଲୋକଙ୍କ ଚାହିଦାକୁ ନଜରରେ ରଖି ବ୍ୟବସାୟୀମାନେ ବ୍ରୟଲର କୁକୁଡ଼ା, ଖାସି ମାଂସ, ଦେଶୀ କୁକୁଡ଼ା, ମାଛ, ଚିଙ୍ଗୁଡ଼ି, କଙ୍କଡା ଇଲିସି ବିଭିନ୍ନ ପ୍ରକାର ଆମିଷ ବଜାର ମିଳୁଥିବା ବେଳେ ମାଂସ ସହ ଖଇଂଗା ମାଛର ଚାହିଦା ଅଧିକ ରହିଥିଲା। ବର୍ଷର ଶେଷ ଦିନ ବୁଧବାର ହୋଇଥିବାରୁ ଆମିଷ ଦର ପୂର୍ବ ଅପେକ୍ଷା ଉଚ୍ଚା ରହିଥିଲା। ପାମ୍ପଲେଟ ୯ଶହ, ଚିଙ୍ଗୁଡ଼ି ୩ଶହ ରୁ ୭ଶହ, କଣ୍ଟାଳ ଚିଙ୍ଗୁଡ଼ି ୫ଶହ, ବାଗଦା ଚିଙ୍ଗୁଡ଼ି ୭ଶହ, ଇଲିସି ୧୮ଶହ ରୁ ୩୫ଶହ, ଖାସି ମାଂସ ୭ଶହରୁ ୮ଶହ, ଦେଶୀ କୁକୁଡ଼ା ୫ଶହ, କଲର ବାର୍ଡ଼ ୩ଶହ ଓ ବ୍ରୟଲର ୨ଶହ ରହିଥିଲା। ବର୍ଷର ଶେଷ ଦିନକୁ ସଭିଏଁ ଉତ୍ସବ ରୂପେ ପାଳନ କରିଛନ୍ତି।

ତେବେ ସାଧାରଣ ଦିନଠୁ ବୁଧବାର ଆମିଷର ଦର ଉଚ୍ଚା ରହିଥିଲେ ବି ପାଟିରେ ଟିକିଏ ଆମିଷର ସ୍ୱାଦ ଆସ୍ୱାଦନକୁ ନେଇ ମନପସନ୍ଦର ଆମିଷ କିଣି ନେଉଛନ୍ତି ଗ୍ରାହକ । ଉଚ୍ଚା ଦରକୁ ଖାତିର ନ କରି ମନ ପସନ୍ଦର ଆମିଷ ସାମଗ୍ରୀ ଘରକୁ କିଣି ଫେରୁଥିବା ବେଳେ ବେଶ ଖୁସି ବ୍ୟକ୍ତ କରିଛନ୍ତି ଗ୍ରାହକ ।ସେପଟେ ଆଜିର ଦିନକୁ ନେଇ ଅସ୍ତରଙ୍ଗ ଅଂଚଳ ର ଛୋଟ ହୋଟେଲ ଠାରୁ ଆରମ୍ଭ କରି ବଡ ହୋଟେଲ, ସବୁଠି ବିଦାୟ ବର୍ଷର ର କ୍ରେଜ ଦେଖିବାକୁ ମିଳିଥିଲା । ସମସ୍ତେ ଲୋକଙ୍କ ମନ ପସନ୍ଦର ଆମିଷକୁ ନିଜ ମେନ୍ୟୁରେ ପରଶି ଦେଇଥିବା ଦେଖିବାକୁ ମିଳିଛି । ହୋଟେଲମାନଙ୍କରେ ଚିକେନ, ମଟନ, କଙ୍କଡା ଚିଙ୍ଗୁଡ଼ି ତରକାରୀ ସହ ସ୍ୱତନ୍ତ୍ର ମଟନ ସ୍ପେଶାଲ ଥାଳି ଖାଦ୍ୟ ଗ୍ରାହକ ଖାଇଛନ୍ତି। ସବୁଠି ଆଜିର ସ୍ୱତନ୍ତ୍ର ଖାଦ୍ୟକୁ ନେଇ ଖାଇବାର ଏକ ପ୍ରକାର ଉତ୍ସବ ଦେଖିବାକୁ ମିଳିଥିଲା। ବିଦାୟ ବର୍ଷର ଶେଷ ଦିନ କୁ ନେଇ ଅସ୍ତରଙ୍ଗ ବାସୀ ବେଶ ଉତ୍ସାହର ସହ ପାଳିଥିବା ବେଳେ ବ୍ୟବସାୟୀଙ୍କର ବି ବେଶ ଭଲ ବ୍ୟବସାୟ ହୋଇଛି ।

### ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ସମ୍ପର୍କିତ ପ୍ରସ୍ତୁତି ବୈଠକ

## ଆକସ୍ମିକ ସଡ଼କ ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁ ଲକ୍ଷ୍ୟ ହାସଲ ପ୍ରତି ସତର୍କତା




**ବାରିପଦା,୩୧।୧୨(ସଂଚାର ବ୍ୟୁରୋ):** ଆଜି ବୁଧବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମକାନ୍ତ ସୟ ଙ୍କ ଅଧକ୍ଷତା ରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ରେ ଅନ୍ୟମାନଙ୍କ ମଧରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ବାରିପଦା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ବୈଠକରେ ଉପସ୍ଥିତଥିବା ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ଜାତୀୟ ସଡ଼କ ସୁରକ୍ଷା ମାସ ୧ ଜାନୁଆରୀ ୨୦୨୬ ରୁ ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ପାଳନ ହେବ ବୋଲି ଅବଗତ କରିବା ସହ ଏହି ମାସ ପାଳନର ଆଭିମୁଖ୍ୟ ଓ ଏହାର ସବିଶେଷ କାର୍ଯ୍ୟ ଧାରା ଉପସ୍ଥାପନ କରିଥିଲେ।

ଆଜିର ଅନୁଷ୍ଠିତ ବୈଠକ ରେ ମୁଖ୍ୟତଃ ଆକସ୍ମିକ ସଡ଼କ ଦୁର୍ଘଟଣା ଜନିତ ଶୂନ୍ୟ ମୃତ୍ୟୁ ଲକ୍ଷ୍ୟକୁ ପୂରଣ ଦିଗରେ ଗୁରୁତ୍ୱାରୋପ ଦିଆଯାଇଛି। ଏହାକୁ ସୁନିଶ୍ଚିତ କରିବା ପାଇଁ ରାସ୍ତାରେ ଯାନବାହାନ ଚଳାଇବା ସମୟରେ ଟ୍ରାଫିକ ନିୟମକୁ କଡାକଡି ପାଳନ ନିମନ୍ତେ ଲୋକମାନଙ୍କ ମଧରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ପ୍ରାଥମିକତା ଦିଆଯିବା ନେଇ ଆଲୋଚନା ହୋଇଥିଲା। ବିଶେଷ କରି ଗାଡି ଚଳାଇବା ସମୟରେ ଟ୍ରାଫିକ ସିଗନାଲ ଏବଂ ନିୟମ କୁ କଡାକଡ଼ି ମାନି ସୁରକ୍ଷିତ ଢଙ୍ଗରେ ଗାଡି ଚାଳନା କରି ନିଜ ଜୀବନ କୁ ସୁରକ୍ଷିତ ରଖିବା ସହିତ ନିଜ ପରିବାର କୁ ସୁରକ୍ଷା ଓ ଅନ୍ୟମାନଙ୍କ ଜୀବନ କୁ ସୁରକ୍ଷିତ ରଖିବା ନେଇ ଜନସାଧାରଣଙ୍କ ମଧରେ ବିଭିନ୍ନ ସଚେତନତା ବାର୍ତ୍ତା ଦିଆଯିବ। ଏଗୁଡିକ ମଧରେ ବିନା ଡ୍ରାଇଭିଂ ଲାଇସେନ୍ସ ରେ ଗାଡି ଚାଳନା ନକରିବା, ପିତାମାତା ମାନେ ସେମାନଙ୍କର କିଶୋର କିଶୋରୀ ବୟସର ପିଲାମାନଙ୍କୁ ଗାଡି ଚାଳନାରୁ ନିବୃତ୍ତ କରାଇବା,ଦୁଇ ଚକିଆ ଯାନ ଚାଳନା ସମୟରେ ଚାଳନାକାରି ସହିତ ଗାଡି ପଛରେ ବସିଥିବା ଲୋକ ଉଭୟ ହେଲମେଟ ପିନ୍ଧିବା ତଥା ଦୁଇ ଚକିଆ ଯାନ ରେ ତିନି ଜଣ ବସି ଗାଡି ଚାଳନା ନକରିବା, ଚାରିଚକିଆ ଯାନ ରେ ଗାଡି ଚାଳନା ସମୟ ରେ ଡ୍ରାଇଭର ସମେତ ସମ୍ମୁଖ ରେ ବସିଥିବା ଲୋକ ସିଟବେଲ୍ଟ ବ୍ୟବହାର କରିବା, ମଦ୍ୟ ପାନ କରି ନିଶାଶକ୍ତ ହୋଇ ଗାଡି ନଚଳେଇବା, ଅତ୍ୟଧିକ ଦ୍ରୁତଗତି ରେ ଯାନ ନଚଳେଇବା,ଦ୍ରୁତ ଗତିରେ ଅଭରଟେକ ନକରିବା, ଗାଡି ଚଳାଉଥିବା ସମୟରେ ମୋବାଇଲ ଫୋନ ବ୍ୟବହାର ନକରିବା, ଗାଡି ଚାଳନା ସମୟ ରେ ଜେବ୍ରା କ୍ରସିଂ ବ୍ୟତୀତ ରାସ୍ତା ର ଅନ୍ୟ ସ୍ଥାନ ରେ ରାସ୍ତା ପାର ନହେବା, ଗାଡିରେ ପରିବହନ ପାଇଁ ଧାର୍ଯ୍ୟ ହୋଇଥିବା ଯାତ୍ରୀ ଙ୍କ ସଂଖ୍ୟା ଠାରୁ ଅଧିକ ଯାତ୍ରୀ ନେବା ଆଣିବା ନକରିବା, ଶିକ୍ଷାନୁଷ୍ଠାନ ଓ ଚିକିତ୍ସାଳୟ ନିକଟରେ ଗାଡି ଚାଳନା କରି ଅତିକ୍ରମ କରିବା ସମୟ ରେ ସମସ୍ତ ପ୍ରକାର ସତର୍କତାସୂଚକ ନିୟମକୁ ଅନୁପାଳନ କରିବା ସହିତ ଡ୍ରାଇଭିଂ ଲାଇସେନ୍ସ ତଥା ଗାଡିର କାଗଜ ପତ୍ର ଯଥା ଆର. ସି. ବୁକ, ପ୍ରଦୂଷଣ ସାର୍ଟିଫିକେଟ, ଇନ୍ସୁରାନ୍ସ ଇତ୍ୟାଦି ଉଚିତ ସମୟରେ ନବୀକରଣ କରି ଅଧୁନାତନ କରେଇବା, ଗାଡିର ବ୍ରେକ, ଇଣ୍ଡିକେଟର ହର୍ଣ୍ଣ ଇତ୍ୟାଦି ଉପଯୁକ୍ତ କାର୍ଯ୍ୟକ୍ଷମ ସ୍ଥିତିରେ ରଖିବା ବିଷୟରେ ଲୋକମାନଙ୍କ ମଧରେ ସଚେତନତା ସୃଷ୍ଟି କରି ବିପଦ ମୁକ୍ତ ଜୀବନ ବଂଚିବା ପାଇଁ ପରାମର୍ଶ ଦିଆଯିବା ସହିତ ଉକ୍ତ ନିୟମ ର ଉଲଘଂନ ରେ ଏହାର ଆଇନ ଗତ କାର୍ଯ୍ୟାନୁଷ୍ଠାନ ତଥା ଆର୍ଥିକ ଜୋରିମାନା ପ୍ରବଧାନ ସମ୍ବନ୍ଧ ରେ ମଧ ଲୋକମାନଙ୍କୁ ଅବଗତ କରାଯିବା ନେଇ ମତପୋଷଣ କରାଯାଇ ଥିଲା।

## ସରିଲା ଭଞ୍ଜ ଓ ମଦନ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ

**ଫୁଲବାଣୀ,୩୧।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଟିକାବାଲି ନିକଟସ୍ଥ ବାହାଡ଼ସାହି ଛକରେ ଯୁବକ ସଙ୍ଘ ର ଉପଦେଷ୍ଟା ଦୀନବନ୍ଧୁ ମହାନ୍ତି ଙ୍କ ସଭାପତିତ୍ୱରେ ଭଞ୍ଜ ଓ ମଦନ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି ।

ମୁଖ୍ୟ ଅତିଥିଭାବେ ରାଜ୍ୟ ଏସି ମୋର୍ଚ୍ଚାର ଉପସଭାପତି ରାମବିଶ ଦିଗାଲ, ସମ୍ମାନିତ ଅତିଥି ଭାବେ ଟିକାବାଲି ପଂଚାୟତ ସମିତି ଅଧକ୍ଷ ଦିଲ୍ଲୀପ କହଁର, ବିଜେପି ବ୍ଲକ ସଭାପତି ରାଜେଶ ଦିଗାଲ, ସରପଞ୍ଚ ସୁନିତା କହଁର, ସମିତିସଭ୍ୟ ଜୁନେସ ଦିଗାଲ, ସରପଞ୍ଚ କର୍ନେଲ କହଁର,ସୁବାଷ ପାଣିଗ୍ରାହୀ, ମଣ୍ଟୁ ଭୋଇ,ମୁନା ପାତ୍ର, ଜଗନ୍ନାଥ ସାହୁ ଯୋଗଦେଇଥିଲେ, ମୁଖ୍ୟ ବକ୍ତା ଭାବେ ଟିକାବାଲି ବ୍ଲକ ବିଡ଼ିଓ ବିଷ୍ଣୁ



ବୈଷ୍ଣବ ଯୋଗଦେଇ ଖେଳ ହିଁ ବନ୍ଧୁତ୍ୱ ସୃଷ୍ଟି କରେ ଓ ଶରୀରରେ ଶକ୍ତି ଯୋଗାଏ ବୋଲି କହିଥିଲେ । ଅନୁଷ୍ଠାନର ସଭାପତି ପ୍ରଭାଞ୍ଜନ କହଁର ଅତିଥି ପରିଚୟ ପ୍ରଦାନ କରିଥବା ବେଳେ ଉପସଭାପତି ପ୍ରମୋଦ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଖେଳ କୋଡିଏ ବର୍ଷ ରେ ପଦାର୍ପଣ କରିଥିବାରୁ ଭଲି କୋର୍ଟ, ବଲ, ଖେଳାଳି ଙ୍କ ଚିତ୍ର କରି ଦଶ କେଜିର କେକ କରି କାହ୍ନା ବେକେରୀ ପ୍ରଦାନ କରିଥିଲେ ।

ଫାଇନାଲ ଖେଳରେ କନ୍ଧମାଳ ସିକ୍ସ କୁ ରେଣ୍ଡମ ସିକ୍ସ ମଧରେ ପ୍ରତିଦ୍ୱନ୍ଦିତା ହୋଇଥିଲା ଏଥିରେ କନ୍ଧମାଳ ସିକ୍ସ ବିଜୟୀ ହୋଇଛି । ରେଫେରୀ ଭାବେ ଶିବ ପାଣିଗ୍ରାହୀ ପରିଚାଳନା କରିଥିଲେ। କୋଷାଧକ୍ଷ ପଦୀପ କହଁର, ସମ୍ପାଦକ ଶ୍ରୀକାନ୍ତ ଭୋଇ, ଉପଦେଷ୍ଟା ପ୍ରଶାନ୍ତ ବେହେରା, ସାମନ୍ତ ଦିଗାଲ,ବିଶାଲ ନାୟକ,ଗୁଡୁ କହଁର, ବିକ୍ରାନ୍ତ ଭୋଇ, ଚିକୁନୁ କହଁର ସହଯୋଗ କରିଥିଲେ ।